

ମାଟ୍ରିକ୍ ପରୀକ୍ଷା ଅବସରରେ
'ସକାଳ' ପକ୍ଷରୁ ଛାତ୍ରଛାତ୍ରୀଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-236 ♦BHUBANESWAR ♦TUESDAY ♦20 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୬ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୦ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



DSPL-677

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

ବରଗଡ଼ ଜିଲ୍ଲାରେ

**୧୬୭୭ କୋଟି ୪୨ ଲକ୍ଷ ଟଙ୍କା**
ବ୍ୟୟରେ
ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ

**୧୦୬ କୋଟି ୬ ଲକ୍ଷ ଟଙ୍କା**
ବ୍ୟୟରେ
୧୦୦ ଶଯ୍ୟାବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର

**୨୨ କୋଟି ୭୮ ଲକ୍ଷ ଟଙ୍କା**
ବ୍ୟୟରେ
ନୃସିଂହନାଥ ପୀଠର ବିକାଶ ଓ ରୂପାନ୍ତରଣ

**୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା** ବ୍ୟୟରେ ୫୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ

**୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା** ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

୨୦ ଫେବୃଆରୀ ୨୦୨୪ ॥ କନାପାଲି, ବିଜେପୁର



OIPR-24042/13/0001/2324

ଜିଲ୍ଲା ପ୍ରଶାସନ, ବରଗଡ଼ ॥ ସୂଚନା ଓ ଲୋକ ସମ୍ପର୍କ ବିଭାଗ

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




**ଭିତରକାଠରେ ବାନ୍ତି**

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ, ୧୯।୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ସୋମବାର ସକାଳ ୫ଟା ୫୫ରେ ଦ୍ୱାର ଫିଟିଥିଲା। ୬ଟା ୪୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ସନ୍ଧ୍ୟା ୬ଟା ୨୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିଥିବା ବେଳେ ୬ଟା ୫୫ରେ ମଇଲମ ବଢ଼ିଥିଲା। ଶ୍ରଦ୍ଧାଳୁମାନେ ଭିତର କାଠକୁ ଯାଇ ଦର୍ଶନ କରୁଥିଲେ। ସନ୍ଧ୍ୟା ଆଳତି ସମୟରେ ଭିତରକାଠରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ରାତି ୮ଟା ୪୦ରେ ମହାସ୍ନାନ ପୂଜା ବଢ଼ିବା ପରେ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଦେଢଘଣ୍ଟା ନୀତିକାନ୍ତି ବିଳମ୍ବ ହୋଇଥିଲା।

**ସେନାବାହିନୀ ଗୁଇନ୍ଦା ଓ ପୁଲିସର ମିଳିତ ଚଢ଼ଉ**

# ଦୋକାନରୁ ଆର୍ମି ୟୁନିଫର୍ମ ଜବତ

**ବ୍ରହ୍ମପୁର,୧୯ ।୨(ସମିସ):** ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ‘ଗଞ୍ଜାମ ଗ୍ୟାଲେକ୍ସି ଷ୍ଟୋର୍’ରୁ ଆଜି ବିପୁଳ ପରିମାଣର ଆର୍ମି ୟୁନିଫର୍ମ ଓ କପଡ଼ା ଜବତ ହୋଇଛି। ଭାରତୀୟ ସ୍ଥଳ ସେନାର ନିର୍ଦ୍ଧାରିତ ତଥା ନୂତନ କମ୍ବାଟ୍ ୟୁନିଫର୍ମକୁ କେବଳ ଆର୍ମିର ଉଦ୍ଦିଷ୍ଟ କ୍ୟାଣ୍ଟିନ୍‌ରେ ବିକ୍ରି କରିବା ପାଇଁ ନିୟମ ରହିଛି। କିନ୍ତୁ ଏଥିରେ ଖିଲାପ କରି ଦୋକାନୀଜଣଙ୍କ କୋଲକାତାରୁ କପଡ଼ା ଆଣି ସେଗୁଡ଼ିକୁ ଖୋଲା ବଜାରରେ ବିକ୍ରି କରୁଥିବା ଜଣାପଡ଼ିଥିଲା। ଏ ସଂପର୍କରେ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ ରେଜିମେଣ୍ଟ ପୁଲିସ ଭାବେ କାର୍ଯ୍ୟରତ ରାମବାବୁ ଡାଙ୍ଗି ଗତ ୯ ତାରିଖରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଆଜି ସେନା ବାହିନୀର ଗୁଇନ୍ଦା ଟିମ୍ ଓ ଟାଉନ୍ ଥାନା ପୁଲିସ ମିଳିତ ଭାବେ ଉକ୍ତ ଦୋକାନ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଦୋକାନରୁ ବହୁ ପରିମାଣର କମ୍ବାଟ୍ ୟୁନିଫର୍ମ ଜବତ କରାଯାଇଛି। ଏଥିସହ ଦୋକାନରୁ ୪୮ ୮ ମିଟର କପଡ଼ା ମଧ୍ୟ ଜବତ କରାଯାଇଛି। ଜବତ କପଡ଼ାର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ପୁଲିସ୍ ସୂଚନା ଦେଇଛି।

- ■ ଗଞ୍ଜାମ ଗେଲେକ୍ସି ମାଲିକଙ୍କ ନାମରେ ରୁଜୁ ହେଲା ଅପରାଧିକ ମାମଲା
- ■ ବେଆଇନ ଭାବେ ବିକ୍ରି ହେଉଥିଲା

୨୦୨୨ମସିହାରେ ଭାରତୀୟ ସ୍ଥଳସେନା ପାଇଁ ନିର୍ଦ୍ଧାରଣ କରାଯାଇଥିବା ନୂତନ କମ୍ବାଟ୍ ୟୁନିଫର୍ମକୁ କେବଳ ସେନା କ୍ୟାମ୍ପସରେ ହିଁ ବିକ୍ରି କରାଯିବାକୁ କପି-ରାଇଟ୍ ରହିଛି। ତେବେ ଏହି ପୋଷାକର ଚାହିଦା ଥିବାରୁ ବ୍ୟବସାୟୀମାନେ କୋଲକାତା ଓ ଲୁଧିଆନାରୁ ଆଣି ଏହାକୁ ବିକ୍ରି କରୁଥିଲେ। ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସେନା ୟୁନିଫର୍ମ ଜବତ କରାଯାଇଥିବା ବେଳେ ସେଗୁଡ଼ିକୁ କିଏ



କିଏ କ୍ରୟ କରିଛନ୍ତି, ସେନେଇ ମଧ୍ୟ ପୁଲିସ ତଦନ୍ତ କରୁଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଏପରିକି ଏହି ଘଟଣାରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ନାମରେ ମଧ୍ୟ ଆପରାଧିକ ମାମଲା ରୁଜୁ କରାଯାଇଛି। ତେବେ ଏଭଳି ନିୟମ ସମ୍ପର୍କରେ ଦୋକାନୀଜଣକ ଜାଣିନଥିବା କହିଛନ୍ତି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି ଦୋକାନରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟଠାରୁ ଆରମ୍ଭ କରି ସେନାବାହିନୀର ପୋଷାକ ମଧ୍ୟ ବିକ୍ରି ହେଉଥିଲା। ଏପରିକି ବିଭିନ୍ନ ସମୟରେ ଖୋଦ୍ ସେନା କର୍ମଚାରୀ ମଧ୍ୟ ଏଠାରୁ ପୋଷାକ କ୍ରୟ କରି ନେଇଥିବା କହିଛନ୍ତି ଦୋକାନୀ। ତେବେ ୨୦୨୨ଜାନୁୟାରୀ ୧୫ ତାରିଖରୁ ସେନାବାହିନୀର ପୋଷାକ ବିକ୍ରି ଉପରେ କଟକଣା ଜାରି ହୋଇଥିବା ଜଣାପଡ଼ିଛି। ଏଭଳି ନିୟମ ସମ୍ପର୍କରେ ଅବଗତ ହେବା ପରେ ଏହାକୁ ସେ ଏହାକୁ କଡ଼ାକଡ଼ି ପାଳନ କରିବେ ବୋଲି ଦୋକାନ ମାଲିକ ମହମ୍ମଦ ଅବଦୁଲ ରିଜୱାନ୍ କହିଛନ୍ତି।

# ମାଆ-ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

**ପାତ୍ରପୁର,୧୯ ।୨(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗାଁରେ ଘର ଭିତରୁ ମା’-ପୁଅଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ମୃତକଦ୍ୱୟ ହେଲେ, ଉକ୍ତ ଗ୍ରାମର ଦାଲି ମୋହନ ରାଓଙ୍କ ସ୍ତ୍ରୀ ଦାଲି ନିଳାବେଣି (୨୫) ଓ ତାଙ୍କ ନାବାଳକ ସାନପୁଅ ଦାଲି ରିତିକ୍ (୭)।

- ■ ଘର ଭିତରୁ ମୃତଦେହ ଉଦ୍ଧାର
- ■ ହତ୍ୟା ଅଭିଯୋଗ ଆଣିଲେ ବାପା
- ■ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ପୁଲିସର ତନାଘନା

ସବୁଦିନ ଭଳି ରବିବାର ରାତିରେ ନିଳାବେଣି ଘର ଭିତରେ ସାନପୁଅ ସହ ଶୋଇଥିଲେ। ହେଲେ ସୋମବାର ସକାଳୁ କବାଟ ନ ଖୋଲିବାରୁ ନିଳାବେଣିଙ୍କ ଶାଶୁ କବାଟ ଖୋଲି ଭିତରେ ପଶିଥିଲେ। ମା’-ପୁଅ ଦୁହେଁ ଶେଯରେ ପଡ଼ିଥିବା ବେଳେ ଉଭୟଙ୍କ ମୁହଁରେ ରକ୍ତ ଲାଗିଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଜରଡ଼ା ଥାନାଧିକାରୀ ଟୁନା ସାସମଲ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ି ନଥିଲେ ହେଁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମଧ୍ୟ ଗ୍ରାମବାସୀ ସନ୍ଦେହ କରିଛନ୍ତି। ଅପରପକ୍ଷେ, ମା’-ପୁଅଙ୍କୁ ହତ୍ୟା କରାଯାଇଛି ବୋଲି ନିଳାବେଣିଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଚିକିଟି ଏସ୍‌ଡିପିଓ ସୁଜିତ ନାୟକ ପହଞ୍ଚି ଅଧିକ ତଦନ୍ତ କରିଥିବା ବେଳେ ଚିକିଟି ତହସିଲଦାର ବଳଦେବ ବେହେରାଙ୍କ ଉପସ୍ଥିତିରେ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣାକୁ ନେଇ ଜରଡ଼ା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରାମରୁ କେହି ବାହାରକୁ ନଯିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ କଟକଣା ଜାରି କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନିଳାବେଣିଙ୍କ ସ୍ୱାମୀ ଦାଲି ମୋହନ ବିଦେଶରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ବଡ଼ପୁଅ ଡି. ବିନୋଦ ପଡୋଶୀ ଆନ୍ଧ୍ରର ଏକ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମାର୍ଚ୍ଚ ୯ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭୁବନେଶ୍ୱର, ୧୯ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଆସନ୍ତା ମାର୍ଚ୍ଚ ୯ ତାରିଖରେ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ। ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ଟାଙ୍ଗୀ ଓ ବେଗୁନିଆଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ଅଦାଲତରେ ରଫାଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ଗାଡ଼ିମୋଟର ଦୁର୍ଘଟଣା, ଶ୍ରମ ଓ ନିଯୁକ୍ତି, ଜଳ ଓ ବିଦ୍ୟୁତ, ବୈବାହିକ ପାରିବାରିକ ମାମଲା, ଜମି ଅଧିଗ୍ରହଣ, ରାଜସ୍ୱ, ଖାଉଟି ଓ ଦେୱାନୀ ମାମଲାଗୁଡ଼ିକ ଅପୋଷ ଆଲୋଚନା ମାଧ୍ୟମରେ ଫଇସଲା କରାଯିବ। ସେହିପରି କୋର୍ଟ କଚେରୀରେ ମକଦ୍ଦମା ନଥାଇ ଆନ୍ୟାନ୍ୟ ପ୍ରାକ୍ ମକଦ୍ଦମା ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ପାରିବାରିକ ଓ ଅନ୍ୟାନ୍ୟ ଜନଉପଯୋଗୀ ମାମଲା ମାନ ଉଭୟ ପକ୍ଷଙ୍କ ସହମତି ଜରିଆରେ ଆପୋଷ ସମାଧାନ କରାଯିବ। ଯଦି ଜନସାଧାରଣ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ଅଦାଲତରେ ବିଚାରାଧୀନ ଥିବା ମାମଲା ଅଥବା ମକଦ୍ଦମା ନ ଥାଇ ନିଜ ନିଜ ମଧ୍ୟରେ ଥିବା ପ୍ରାକ୍-ମକଦ୍ଦମା ବା ବିବାଦର ସମାଧାନ କରାଇବାକୁ ଚାହୁଁଛନ୍ତି, ତେବେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାର ଯଥେଷ୍ଟ ପୂର୍ବରୁ ନିକଟସ୍ଥ ଅଦାଲତ କିମ୍ବା ପ୍ରତ୍ୟେକ ବିଚାର ବିଭାଗୀୟ ଅଦାଲତ ପରିସରରେ କାର୍ଯ୍ୟ କରୁଥିବା ଆଇନ ସେବା ସହାୟକ ସଂସ୍ଥାରେ ନିଜ ନିଜର ଦରଖାସ୍ତ ଦେବା ସହ ମାମଲାର ସମାଧାନରେ ସହଯୋଗ କରିବାକୁ ପ୍ରାଧିକରଣଙ୍କ ସଚିବ ସୌଦାମିନୀ ସିଂ ପରାମର୍ଶ ଦେଇଛନ୍ତି।

ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଲୋକ ଅଦାଲତର ରାୟ ଚୂଡ଼ାନ୍ତ ଓ ବୈଧ। ତେଣୁ ଦୀର୍ଘ ଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ, ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟ ରୋକିବା ପାଇଁ ଏହାକୁ ଏକ ସୁଯୋଗ ମନେ କରି ଜନସାଧାରଣ ନିକଟସ୍ଥ ଆଇନ ସେବା କମିଟି କିମ୍ବା ପ୍ରାଧିକରଣଙ୍କ ସହ ଯୋଗାଯୋଗ କରିବାକୁ ଶ୍ରୀମତୀ ସିଂ କହିଛନ୍ତି।

**ଛତ୍ରପୁର ରେଳଷ୍ଟେସନରେ ଫୁଟଓଭର ବ୍ରିଜ ପ୍ରସଂଗ**

## ୬ ମାସରେ ନିର୍ମାଣ କର: ହାଇକୋର୍ଟ

**କଟକ, ୧୯ ।୨ (ସମିସ):** ଦୀର୍ଘ ବର୍ଷ ଧରି ଛତ୍ରପୁର ରେଳଷ୍ଟେସନ୍‌ଠାରେ ୪ ଓ ୫ ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରିବା ପାଇଁ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି ହୋଇଆସୁଛି। ଏ ଦିଗରେ କିଛି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆସନ୍ତା ୬ ମାସ ମଧ୍ୟରେ ଏହି ସ୍ଥାନରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଶେଷ କରିବାକୁ ହାଇକୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରସ୍ୱତୀ ବେହେରାଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ଅଧୀନ ପୂର୍ବତଟ ରେଳବାଇ ପକ୍ଷରୁ ଏକ ସତ୍ୟପାଠ ଦାଖଲ ହୋଇଥିଲା। ଛତ୍ରପୁର ରେଳଷ୍ଟେସନ କେନ୍ଦ୍ର ରେଳ ମନ୍ତ୍ରଣାଳୟର ଅମୃତ ଭାରତ ଷ୍ଟେସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହି ଯୋଜନାରେ ୧୨ମିଟର ଓସାରର ଫୁଟଓଭରବ୍ରିଜ ନିର୍ମାଣ ହେବ ବୋଲି ସତ୍ୟପାଠରେ କୁହାଯାଇଛି। ଏହି ବହୁପ୍ରତୀକ୍ଷିତ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଗତ ଜାନୁଆରୀରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଆସନ୍ତା ମେ’ରୁ କାମ ଆରମ୍ଭ ହେବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା।










# ଆଜିଠାରୁ ମାଟ୍ରିକ ପରୀକ୍ଷା

■ **କଟକ, ୧୯ ।୨(ସମିସ):** ଆସନ୍ତାକାଲି ତଥା ଫେବୃଆରୀ ୨୦ରୁ ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ । ପ୍ରଥମ ଦିନରେ ମାତୃଭାଷା ବିଷୟରେ ପରୀକ୍ଷା ହେବ । ସେହିଭଳି ୨୩ରେ ଇଂରାଜୀ, ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା ସଂସ୍କୃତ/ହିନ୍ଦୀ, ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଓ ମାର୍ଚ୍ଚ ୪ରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ । ପରୀକ୍ଷା କେନ୍ଦ୍ରଗୁଡ଼ିକ ସକାଳ ସାଢ଼େ ୭ଟାରୁ ଖୋଲାଯାଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ହଲକୁ ଛଡ଼ାଯିବ । ସକାଳ ୮ଟା ୩୦ରେ ପ୍ରଶ୍ନପତ୍ର ପ୍ରଦାନ କରାଯିବ । କେବଳ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କ ବ୍ୟତୀତ ଆଉ କେହି କେନ୍ଦ୍ରକୁ ମୋବାଇଲ ନେଇ ଯାଇପାରିବେ ନାହିଁ । ୩୧୩ ନୋଡାଲ ନେଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବ୍ୟବସ୍ଥାରେ ରହିଥିବା ବେଳେ ପରୀକ୍ଷା ଦିନ ହିଁ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବାର ବ୍ୟବସ୍ଥା କରାଯାଇଛି । ସବୁ କେନ୍ଦ୍ରକୁ ସିସିଟିଭି ବଳୟରେ ରଖାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ଏଥର ପ୍ରଥମଥର ପାଇଁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କ୍ୟାମେରା ଯୋଡ଼ି ହୋଇଛି । କପି ରୋକିବା ଲାଗି ବୋର୍ଡସ୍ତରରେ ୪୧ଟି ଡିଇଓସ୍ତରରେ ୭୨ଟି ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ସ୍ଥାନୀୟ ପ୍ରଶାସନସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-236 ♦BHUBANESWAR ♦TUESDAY ♦20 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୬ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୦ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







# ଗାଁରେ ଗାଁରେ 'ଲକ୍ଷ୍ମୀ'ର ବିଜୟ ଯାତ୍ରା

## ସଶକ୍ତ ଓଡ଼ିଶା ଗଠନରେ 'ଲକ୍ଷ୍ମୀ' ବସ୍ ନିର୍ଣ୍ଣାୟକ: ମୁଖ୍ୟମନ୍ତ୍ରୀ

- **'୫-ଟି' ଏକ ମନ୍ତ୍ର ନୁହେଁ; ମ୍ୟାଜିକ୍ ଭାବରେ କାମ କରିଛି**
- **କଠିନ ପରିଶ୍ରମ ଓ ତ୍ୟାଗ ମୁଖ୍ୟମନ୍ତ୍ରୀଙ୍କୁ ୧ ନଂ ଆସନରେ ବସାଇଛି: ପାଣ୍ଡିଆନ୍**



■ **ଭୁବନେଶ୍ୱର, ୧୯।୨(ସମିସ):** ଗାଁ ଲୋକଙ୍କ ବିକାଶ ହେଲେ ଦେଶର ବିକାଶ ହେବ। ଗାଁର ଅର୍ଥନୀତି ସୁଦୃଢ଼ ହେଲେ ଦେଶ ସମୃଦ୍ଧ ହେବ । ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଛନ୍ତି । ପଞ୍ଚାୟତକୁ ବିକାଶ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଯେଉଁ ଆଭିମୁଖ୍ୟ ରଖିଛନ୍ତି ସେଥିରେ ଲକ୍ଷ୍ମୀ ବସ୍ ହେଉଛି ଏକ ପ୍ରମୁଖ ଅଙ୍ଗ । ଗ୍ରାମାଞ୍ଚଳର ବିକାଶରେ ଲକ୍ଷ୍ମୀ ବସ୍ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଆଜି ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସୁବର୍ଣ୍ଣପୁର, କଟକ, ଝାରସୁଗୁଡ଼ା, କନ୍ଧମାଳ ଓ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। ଏହା ହେଉଛି ଲୋକଙ୍କ ସରକାର। ଲୋକେ ଯାହା ଚାହିଁବେ ସରକାର ତାହା କରିବେ । 'ମୋ ସରକାର'ର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ, ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି । '୫-ଟି' ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ । ପିଲାଙ୍କୁ ସ୍କୁଲ କଲେଜ ▶ପୃଷ୍ଠା-୯

**ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା ଚୂଡ଼ାନ୍ତ**

# ଜୁଲାଇ ୭ରେ ରଥଯାତ୍ରା



**ଗୋଟିଏ ଦିନରେ ନେତ୍ରୋତ୍ସବ, ଉଭା ଓ ଶ୍ରୀଗୁଣ୍ଡିଚା ଯାତ୍ରା**

**ଜୁଲାଇ ୧୫ରେ ବାହୁଡ଼ା, ୧୭ରେ ସୁନାବେଶ**

■ **ପୁରୀ, ୧୯ ।୨ (ସମିସ):** ଆସନ୍ତା ଜୁନ୍ ୨୨ରେ ପବିତ୍ର ସ୍ନାନଯାତ୍ରା। ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପଡ଼ିବେ। ଏହି ଦିନଠାରୁ ଅନବସର ଘରେ ରହିବେ ଚତୁର୍ଦ୍ଧାବିଗ୍ରହ। ମହାପ୍ରଭୁ ସୁସ୍ଥ ହେବା ପରେ ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ଚଳିତବର୍ଷ ଏହି ରଥଯାତ୍ରା ଦିନ ହିଁ ମହାପ୍ରଭୁଙ୍କର ନେତ୍ରୋତ୍ସବ ଓ ଉଭାଯାତ୍ରା ପଡ଼ିଛି। ସେହିପରି ଜୁଲାଇ ୧୫ରେ ହେବ ବାହୁଡ଼ା ଯାତ୍ରା। ପ୍ରାୟ ପ୍ରତିବର୍ଷ ବାହୁଡ଼ା ପରଦିନ ରଥ ଉପରେ ଠାକୁରଙ୍କର ଅତ୍ୟନ୍ତ ମନୋମୁଗ୍ଧକର ସୁନାବେଶ ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତବର୍ଷ ଏଥିରେ ବି ବ୍ୟତିକ୍ରମ ଘଟିଛି। ଅର୍ଥାତ୍ ସିଂହଦ୍ୱାର ସମ୍ମୁଖରେ ବାହୁଡ଼ା ପରଦିନ ଠାକୁରଙ୍କର ସୁନାବେଶ ହେବ ନାହିଁ। ଦୁଇଦିନ ପରେ ଅର୍ଥାତ୍ ଜୁଲାଇ ୧୭ ତାରିଖରେ ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ସେହିପରି ନଭେମ୍ବର ୧୨ରୁ ଆରମ୍ଭ ହେବ ପଞ୍ଚୁକ। ଏଥର ୪ ଦିନ ପଡୁଛି ପଞ୍ଚୁକ। ଏମିତି ୨୦୨୪-୨୫ ବର୍ଷର ପର୍ବପର୍ବାଣି ଓ ଯାନିଯାତ୍ରା ଚୂଡ଼ାନ୍ତ କରିବା ସହ ତିଥି, ବାର ଓ ତାରିଖ ଉପରେ ମୋହର ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରର ଏହି ପର୍ବପର୍ବାଣି ଓ ଯାନିଯାତ୍ରାର ତିଥି, ବାର ଓ ତାରିଖକୁ ସାର୍ବଜନୀନ କରିବା ଲାଗି ଶ୍ରୀମନ୍ଦିର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ ▶ପୃଷ୍ଠା-୯

**ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ ଉଦ୍‌ଘାଟିତ**

# ରୂପାନ୍ତରଣ କେବଳ ପସନ୍ଦ ନୁହେଁ; ଏକ ଆବଶ୍ୟକତା



**ରାଜ୍ୟ ଏବେ ରୂପାନ୍ତରଣର ପରବର୍ତ୍ତୀ ସୋପାନକୁ ଗତି କରୁଛି: ପାଣ୍ଡିଆନ**

■ **ଭୁବନେଶ୍ୱର, ୧୯।୨ (ସମିସ):** ବର୍ତ୍ତମାନ ସମୟରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟୁଛି । ତେଣୁ ଏହା ସହିତ ତାଳ ଦେଇ ଆମକୁ ଆମର ସାମାଜିକ ଓ ଅର୍ଥନୈତିକ ଧାରାକୁ ସମୃଦ୍ଧ କରିବାକୁ ହେବ। ଭବିଷ୍ୟତ ଲାଗି ଆମ ଯୁବପିଢ଼ିକୁ ପ୍ରସ୍ତୁତ କରିବାକୁ ପଡ଼ିବ। ଏହି ସମ୍ମିଳନୀ ଆମକୁ ରାଜ୍ୟର ଦ୍ରୁତ ଅଭିବୃଦ୍ଧି, ଭବିଷ୍ୟତ ଲାଗି ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତି ଏବଂ ଯୁବପିଢ଼ିଙ୍କ ଲାଗି ନୂତନ ଓ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବା ଦିଗରେ ବିଶେଷ ସହାୟକ ହେବ। ରୂପାନ୍ତରଣ ଆମ ପାଇଁ କେବଳ ଏକ ପସନ୍ଦ ନୁହେଁ; ଏହା ଏକ ଆବଶ୍ୟକତା ବୋଲି ଦୁଇଦିନିଆ 'ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ରାଜ୍ୟ ସରକାରଙ୍କ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ସୋମବାର ଭୁବନେଶ୍ୱରଠାରେ ▶ପୃଷ୍ଠା-୯

# ପୁଣି ଜଣେ ଓଡ଼ିଆଙ୍କୁ ଗୁରୁଦାୟିତ୍ୱ

## ଧର୍ମାନନ୍ଦ ଷଡ଼ଙ୍ଗୀ ଭାରତ ସରକାରଙ୍କ ସଡ଼କ ବିକାଶ ମହାନିର୍ଦ୍ଦେଶକ



■ **ଭୁବନେଶ୍ୱର, ୧୯ ।୨ (ସମିସ):** ଓଡ଼ିଶାର ଧର୍ମାନନ୍ଦ ଷଡ଼ଙ୍ଗୀଙ୍କୁ ଭାରତ ସରକାରଙ୍କ ସଡ଼କ ବିକାଶ ମହାନିର୍ଦ୍ଦେଶକ ଭାବେ ଗୁରୁଦାୟିତ୍ୱ ମିଳିଛି। ଏହି ପଦବୀରେ ଅଧିଷ୍ଠିତ ହେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ସିଭିଲ୍ ଇଞ୍ଜିନିୟରିଂରେ ବିଏସ୍‌ସି ଏବଂ ଷ୍ଟ୍ରକ୍‌ଚରାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବା ଶ୍ରୀ ଷଡ଼ଙ୍ଗୀ ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟରେ ସହାୟକ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ୨୦୧୩ରେ ସେ ମୁଖ୍ୟଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ଏହାବ୍ୟତୀତ ସେ ମନ୍ତ୍ରାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିସାରିଛନ୍ତି। ୨୦୨୦ରେ ସେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ରାଜପଥ ନିର୍ମାଣ ଯୋଜନା, ଡିଜାଇନ, ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ▶ପୃଷ୍ଠା-୯

# ବିକାଶର ମୁଖଶାଳା ହେବ ମିଶନ ଶକ୍ତି ବଜାର



- **ମହିଳା ନେତୃତ୍ୱାଧୀନ ଉଦ୍ୟୋଗର ସର୍ବୋତ୍ତମ ଉଦାହରଣ**
- **ନିର୍ମାଣାଧୀନ ବଜାର କାର୍ଯ୍ୟ ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ**

■ **ଭୁବନେଶ୍ୱର, ୧୯ ।୨(ସମିସ):** ରାଜ୍ୟ ବିକାଶର ମୁଖଶାଳା ହେବ 'ମିଶନ ଶକ୍ତି' ବଜାର। ରାଜ୍ୟରେ ମହିଳାଙ୍କ ସ୍ୱାବଲମ୍ବନ ଓ ଗୌରବୋଜ୍ୱଳ ଯାତ୍ରା ପଥରେ ମିଶନଶକ୍ତି ବଜାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମିଶନ ଶକ୍ତି ଜରିଆରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି, ମହିଳା ସଶକ୍ତିକରଣର ଲକ୍ଷ୍ୟ ପୂରଣ ହୋଇ ପାରିବ। ଏହି କ୍ରମରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିର୍ମାଣାଧୀନ ମିଶନଶକ୍ତି ବଜାର ପରିଦର୍ଶନ କରିବା ସହ ଏହାକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମିଶନ ଶକ୍ତି ବଜାର ▶ପୃଷ୍ଠା-୯

## ଲୋକକଥା



ମାଘ ମାସେ ଖରା ବାଘ ହୋଇଲାଣି
ଟକମକ ଧରା ତାତଇ,
ଯେତେବେଳେ ଶୀତ ବାଘ ହେଉଥିଲା
ସେ କାଳ ଗଲାଣି ପଳେଇ ।
ସ୍ଥିତି ପଡ଼ିଲାଣି ବୁକେଇ,
ଏବେଠୁ ଏଭଳି ଆଗକୁ କି ହେବ,
କ୍ଷିତି ହେବ ତପ୍ତ କଡ଼େଇ !!

**୨୦୨୪ ହେବ ଜଳସେଚନର ବର୍ଷ**

# ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଲୋକାର୍ପଣ ଆଜି




■ **ଭୁବନେଶ୍ୱର, ୧୯ ।୨ (ସମିସ):** ଆସନ୍ତାକାଲି ବରଗଡ଼ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ଼ ଭେଟି ଦେବାକୁ ଯାଉଛନ୍ତି । ବରଗଡ଼ ତଥା ସଂଲଗ୍ନ ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପକୁ ଆସନ୍ତାକାଲି ଲୋକାର୍ପଣ କରିବେ। ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୪ ବ୍ଲକ ବିଜେପୁର, ବରପାଲି, ସୋହେଲା ଓ ବରଗଡ଼ ବ୍ଲକର ପ୍ରାୟ ୨୫୬୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ଓ ରାଜ୍ୟର ସେଚ ଅଭିଯାନକୁ ଏହା ଆହୁରି ଶକ୍ତିଶାଳୀ କରିବ ।

ଚଳିତ ବର୍ଷ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲାର ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପ ଲୋକାର୍ପଣ କରିଥିଲେ। ଏହାଦ୍ୱାରା ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ପ୍ରାୟ ୧ ଲକ୍ଷ ଏକର ଚାଷଜମିକୁ ପାଣି ପହଞ୍ଚିପାରିଛି । ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଥିବାବେଳେ କିଛି ନୂଆ ପ୍ରକଳ୍ପ ହାତକୁ ନିଆଯିବ। ବିଶେଷକରି ବହୁ ନୂତନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ନୟାଗଡ଼ର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ, ଗଞ୍ଜାମ ଜିଲ୍ଲାର ପିପିଲପଙ୍କା ▶ପୃଷ୍ଠା-୯

# ୩୬° ଟପିଲା ପାରଦ

**ଭୁବନେଶ୍ୱର, ୧୯ ।୨(ସମିସ):** ଫେବ୍ରୁଆରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଗଲାଣି ଗରମ। ଚଳିତ ବର୍ଷ ଶୀତର ପ୍ରକୋପ ପ୍ରାୟ ଅନୁଭୂତ ହୋଇ ନ ଥିବାବେଳେ ଖରା ତାତି ବଢ଼ିବା ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନର ତାପମାତ୍ରା ୩୬




ଡ଼ିଗ୍ରୀ ଅତିକ୍ରମ କରିଛି । ମାଘ ମାସରେ ଏପରି ଉଷ୍ଣତା ଆଗାମୀ ଦିନରେ ପ୍ରଚଣ୍ଡ ଗ୍ରୀଷ୍ମତାପର ଆଭାସ ଦେଇଛି। ଏପରିକି ଚଳିତ ମାସ ଶେଷ ସୁଦ୍ଧା ତାତି ୪୦ ଡ଼ିଗ୍ରୀ ଛୁଇଁପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି । ▶ପୃଷ୍ଠା-୯

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-236 ◆BHUBANESWAR ◆TUESDAY ◆20 FEBRUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୦ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଆଜି ଛତିଶା ନିଯୋଗ ବୈଠକ

**ପୁରୀ, ୧୯ ।୨ (ସମିସ):** ମଙ୍ଗଳବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ୫ଟାରେ ନୀଳାଦ୍ରି ଭକ୍ତନିବାସରେ ହେବାକୁ ଥିବା ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ ନାଟମଣ୍ଡପ ମରାମତି ସମ୍ପର୍କରେ ଆଲୋଚନା ହେବ। ନାଟମଣ୍ଡପ ମୁଖ୍ୟ ବିମ୍‌ରେ ହୋଇଥିବା ଫାଟ ମରାମତି କିପରି କରାଯିବ, ତା’ ଉପରେ ବିସ୍ତୃତ ଭାବେ ତର୍ଜମା କରାଯିବ। କାରଣ ଠାକୁରଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ମଧ୍ୟରେ ହିଁ ଏହି ମରାମତି ହେବ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ଆସନ୍ତା ଏପ୍ରିଲ ସୁଦ୍ଧା ନାଟମଣ୍ଡପର ମରାମତି କାମ ସମ୍ପୂର୍ଣ୍ଣ କରାଯିବାକୁ ଯୋଜନା କରିଛି ଏଏସ୍‌ଆଇ। ମୁଖ୍ୟ ବିମ୍ ଫାଟ ପାଇଁ ନାଟମଣ୍ଡପରେ ଭାରା ବନ୍ଧାଯିବ। ମୁଖ୍ୟ ବିମ୍‌କୁ ତଳୁ ସପୋର୍ଟ ଦିଆଯିବ। ଏଥିପାଇଁ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବ। ଏତଦ୍‌ବ୍ୟତୀତ ନାଟମଣ୍ଡପର ପକେଟ୍(ଠଣା) ଗୁଡ଼ିକର ମଧ୍ୟ ମରାମତି କରାଯିବ। ୱେଲଡିଂ ସମୟରେ ନିଆଁ ଝୁଲ ତଳେ ପଡ଼ିବ। ଏହି ସମୟରେ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା କିଭଳି ରହିବ, ତା’ ଉପରେ ଆଲୋଚନା କରାଯିବ। ଏଥିରେ ଛତିଶା ନିଯୋଗ କର୍ମକର୍ତ୍ତାଙ୍କ ସମେତ ବରିଷ୍ଠ ସେବାୟତ ଏବଂ ପରିଚାଳନା କମିଟି ସଦସ୍ୟ ମଧ୍ୟ ଉପସ୍ଥିତ ରହିବେ।

### କେନିଆରେ ଚାକିରି ଦେବାକୁ କହି ଠକେଇ: ୩ ଗିରଫ

# ୯୨ ପାସ୍‌ପୋର୍ଟ, ୨୦ ଟୁରିଷ୍ଟ ଭିସା ଜବତ

**ବ୍ରହ୍ମପୁର, ୧୯ ।୨(ସମିସ):** କେନିଆରେ ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ପୁଲିସ୍ ବିଶାଖାପାଟଣାରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ବିଶାଖାପାଟଣା ନ୍ୟୁପୋର୍ଟ ପୁଲିସ ଷ୍ଟେସନ ବି.ସି. ରୋଡ୍ ଅଞ୍ଚଳର ସିଏଚ୍. ମୋହନ ରେଡ୍ଡୀ(୪୮), ଖାସିଗୁଡ଼ା ଥାନା ଅନ୍ତର୍ଗତ ଶାନ୍ତିନଗର ନିବାସୀ ପି. ସୀମାଞ୍ଚଳମ(୪୦) ଓ ଟି. ଡିଲେଶ୍ୱର ରାଓ(୩୫)। ଏମାନଙ୍କଠାରୁ ପୁଲିସ ୯୨ଟି ପାସ୍‌ପୋର୍ଟ ଓ ୨୦ଟି ଟୁରିଷ୍ଟ ଭିସା ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ଅଭିଯୁକ୍ତମାନେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଓ ଅନ୍ୟ କିଛି ଅଞ୍ଚଳରୁ ପ୍ରାୟ ୨୦ ଜଣଙ୍କଠାରୁ ପାସ୍‌ପୋର୍ଟ ସହ ୯ ଲକ୍ଷ ୭୦ ହଜାର ଟଙ୍କା ଆଦାୟ କରିଥିଲେ। କେନିଆର ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରାଇଦେବା ସହ ମାସିକ ୫୦ହଜାରଟଙ୍କା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନିଯୁକ୍ତି ଭିସା ପରିବର୍ତ୍ତେ ସେମାନଙ୍କୁ ଟୁରିଷ୍ଟ ଭିସା ଦିଆଯିବାରୁ ଆବେଦନକାରୀମାନଙ୍କର ସନ୍ଦେହ ବଢ଼ିଥିଲା ଓ ସେମାନେ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀମାନେ ଗତ ୫ ତାରିଖରେ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଘଟଣାର ତଦନ୍ତ କରି ପୁଲିସ ମୁଖ୍ୟ ଅଭିଯୁକ୍ତ ସିଏଚ. ମୋହନ ରେଡ୍ଡୀଙ୍କ ସମେତ ସୀମାଞ୍ଚଳମ୍ ଓ ଡିଲେଶ୍ୱରଙ୍କୁ ରବିବାର ସନ୍ଧ୍ୟାରେ ବିଶାଖାପାଟଣାରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କଠାରୁ ଜବତ ହୋଇଥିବା ସମସ୍ତ ପାସ୍‌ପୋର୍ଟଗୁଡ଼ିକୁ ଠକେଇର ଶିକାର ହୋଇଥିବା ଯୁବକଙ୍କୁ ହସ୍ତାନ୍ତର କରାଯାଇଛି।



ସୂଚନାଯୋଗ୍ୟ ଯେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ପେଣ୍ଡରାପଲ୍ଲୀ ଗ୍ରାମର ପ୍ରଭାତ ଦଳେଇଙ୍କ ଭଳି ଗଞ୍ଜାମ ଜିଲ୍ଲାର ପ୍ରାୟ ୨୦ଜଣ ବେକାର ଯୁବକ କାମ ଅନ୍ୱେଷଣରେ ଥିଲେ। ଏହି ସମୟରେ ବିଶାଖାପାଟଣା ନ୍ୟୁପୋର୍ଟ ପୁଲିସ ଷ୍ଟେସନ୍ ବି.ସି. ରୋଡ଼ ଅଞ୍ଚଳ ନିବାସୀ ତଥା ଗୋଲାନ୍ଥରା ଥାନା କୋଠାରସିଂ ଗ୍ରାମର ସିଏଚ ମୋହନ ରେଡ୍ଡୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଏହି ବେକାର ଯୁବକଙ୍କୁ କେନିୟାରେ କୁଶଳୀ ଶ୍ରମିକ ଭାବେ ନିଯୁକ୍ତ କରାଇ ଦେବାକୁ ମୋହନ ପ୍ରତିଶ୍ରୁତି ଦେଇଥିଲେ ଏବଂ ସମସ୍ତଙ୍କୁ ବିଦେଶ ଯିବା ପାଇଁ ପାସପୋର୍ଟ ପ୍ରସ୍ତୁତ କରିବାକୁ କହିଥିଲେ। ସମ୍ପୃକ୍ତ ଯୁବକମାନେ ପାସପୋର୍ଟ ପ୍ରସ୍ତୁତ କରିବା ପରେ ସେଠାକାର ଏକ କମ୍ପାନୀରେ ନିଯୁକ୍ତି ପାଇଁ ସମସ୍ତଙ୍କୁ ଅଫର ଲେଟର ମଧ୍ୟ ଦେଇଥିଲେ। ତେବେ ସେଠାରେ ନିଯୁକ୍ତି ଭିସା ପାଇବାକୁ ହେଲେ ୨୫ ହଜାର ଟଙ୍କା ଲେଖାଏଁ ଦେବାକୁ ମୋହନ ଦାବି କରିଥିଲେ। ମୋହନ ସମସ୍ତ ଚାକିରି ଆଶାୟୀ ଯୁବକଙ୍କୁ ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଥିବା ମମତା ଗେଷ୍ଟହାଉସ୍‌କୁ ଡାକି ସେଠାରେ ଅଫର ଲେଟର୍‌ରେ ଦସ୍ତଖତ କରିବାକୁ କହିଥିଲା। ପରେ ଯୁବକଙ୍କୁ ବିମାନ ଟିକେଟ ବାବଦକୁ ଆଉ ୨୩ହଜାର ୫୦୦ ଲେଖାଏଁ ଦାବି କରିଥିଲା। ବିଦେଶ ଯାଇ କାମ କରି ୫୦ ହଜାର ଟଙ୍କା ରୋଜଗାର ଆଶାରେ ୨୦ଜଣ ଯୁବକ ମୋଟ ୯ଲକ୍ଷ ୭୦ହଜାର ଟଙ୍କା ମୋହନକୁ ଦେଇଥିଲେ। ୯ଲକ୍ଷ ମଧ୍ୟରୁ ୮ଲକ୍ଷ ୨୦ହଜାର ଟଙ୍କା ଅନଲାଇନରେ ଓ ଅବଶିଷ୍ଟ ୧ଲକ୍ଷ ୫୦ହଜାର ଟଙ୍କା ନଗଦ ଆକାରରେ ମୋହନ ନେଇଥିଲେ। କିଛି ଦିନ ପରେ ମୋହନ ସମସ୍ତଙ୍କୁ ନିଯୁକ୍ତି ଭିସା ବଦଳରେ କେନିୟାର ଟୁରିଷ୍ଟ ଭିସା ଦେଇଥିଲେ। ଏନେଇ ଯୁବକମାନେ ପ୍ରଶ୍ନ କରିବାରୁ କେନିୟାରେ

**ବିଶାଖାପାଟଣାରୁ ଅଭିଯୁକ୍ତଙ୍କୁ ଗିରଫ କଲା ଗୋଷାଣିନୂଆଗାଁ ଥାନା ପୁଲିସ୍**

ପହଞ୍ଚିବା ପରେ କମ୍ପାନୀ ପକ୍ଷରୁ ସମସ୍ତଙ୍କୁ ନିଯୁକ୍ତି ଭିସା ମିଳିବ ବୋଲି ମୋହନ କହିଥିଲେ। ଯଦି ନିଯୁକ୍ତ ଭିସା ନମିଳେ, ତେବେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି ମଧ୍ୟ ମୋହନ ପ୍ରତିଶ୍ରୁତି ଦେଇଥିଲେ। ଟଙ୍କା ନେବାର କିଛି ଦିନ ପରେ ବିମାନ ଟିକେଟ କଥା ପଚାରିବାରୁ ମୋହନ ଦିନ ଗଡ଼ାଇ ଚାଲିଥିଲେ। ପରେ ଯୁବକମାନଙ୍କ ଫୋନ୍ ଉଠାଇ ନଥିଲେ। ଯୁବକମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଗତ ୫ ତାରିଖରେ ସେମାନେ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଥିଲେ।

# ‘ଡେଷ୍ଟିନେସନ୍ ୱେଡିଂ’ରେ ପଡ଼ିବ ହାତଗଣ୍ଠି

**ଭୁବନେଶ୍ୱର,୧୯ ।୨(ସମିସ):** ଏଣିକି ରାଜ୍ୟରେ ହେବ ଡେଷ୍ଟିନେସନ୍ ୱେଡିଂ। ସୌନ୍ଦର୍ଯ୍ୟଭରା ପ୍ରାକୃତିକ ପରିବେଶରେ ପଡ଼ିବ ହାତଗଣ୍ଠି। ଓଡ଼ିଶାର ବିଭିନ୍ନ ସ୍ଥାନରେ ୱେଡିଂ ପ୍ଲାନିଂ କରାଯିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଏଥିପାଇଁ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ଆସନ୍ତା ବର୍ଷରୁ ଆରମ୍ଭ ହେବ ବିବାହ କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ୭ଟି ସ୍ଥାନକୁ ଅଗ୍ରାଧିକାର ଦିଆଯିବ। କୋଣାର୍କ, ଦାରିଙ୍ଗବାଡ଼ି, ପୁଟସିଲ୍, ହୀରାକୁଦ, ସାତକୋଶିଆ, ଭିତରକନିକା, ସୋନାପୁର ଆଦି ସ୍ଥାନ ପାଲଟିବ ୱେଡିଂ ଡେଷ୍ଟିନେସନ୍। ପରବର୍ତ୍ତୀ ସମୟରେ ଏହି ତାଲିକାରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଯୋଡ଼ାଯିବ। ଏହାସହ ଏହି ଡେଷ୍ଟିନେସନ୍‌ରେ ସାମିଲ ହେବ ରାଜଉଆସ। ରାଜକୀୟ ଢଙ୍ଗରେ ବିବାହ କାର୍ଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତି ରାଜଉଆସରେ ବିବାହ କାର୍ଯ୍ୟ କରାଯିବା ପାଇଁ ମଧ୍ୟ ସମସ୍ତ ସୁବିଧା ପାଇପାରିବେ। ଯାହା ରାଜ୍ୟ ପର୍ଯ୍ୟଟନକୁ ଏକ ନୂଆ ଦିଶା ଆଣିଦେବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୭ଟି ସ୍ଥାନରେ ଅନୁଷ୍ଠିତ ହେଉଥିବା ଇକୋ-ରିଟ୍ରିଟ୍‌ରେ ଏହା କରାଯିବାର ଯୋଜନା ହୋଇଛି।



■ **ପ୍ରଥମ ପର୍ଯ୍ୟାୟରେ ୭ ଇକୋ-ରିଟ୍ରିଟ୍ ସ୍ଥାନ ଚିହ୍ନଟ**
■ **ସାମିଲ ହେବ ରାଜଉଆସ ୱେଡିଂ**

ରାଜ୍ୟ ପର୍ଯ୍ୟଟନକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ କ୍ଷେତ୍ରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି। ବିଗତ କିଛି ବର୍ଷ ହେବ, ଯୁବପିଢ଼ିମାନେ ଡେଷ୍ଟିନେସନ୍ ୱେଡିଂକୁ ଅଧିକ ପ୍ରାଧାନ୍ୟ ଦେଉଥିବା ଦେଖିବାକୁ ମିଳିଛି। ଯଦିଓ ପୂର୍ବରୁ ସେଲିବ୍ରିଟିମାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଥିଲା, କିନ୍ତୁ ବର୍ତ୍ତମାନ ସାଧାରଣଲୋକ ମଧ୍ୟ ନିଜ ସହରଠାରୁ ଦୂରରେ ବିବାହ କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଇଟାଲୀ, ଜର୍ମାନୀ, ରାଜସ୍ଥାନ ଆଦି ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ଥାନରେ ବିବାହ କରାଯାଉଥିବା ବେଳେ ଆସନ୍ତା ବର୍ଷରୁ ଏହା ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳ ଓ ପ୍ରାକୃତିକ ଶୋଭାରାଜିରେ ଅନୁଷ୍ଠିତ ହେବ। ବିଭାଗ ପକ୍ଷରୁ ଏଥିପାଇଁ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯିବା ସହ ୱେଡିଂ ପ୍ଲାନର୍‌ମାନଙ୍କ ଦ୍ୱାରା ପରିଚାଳନା କରାଯିବ।

ନଭେମ୍ବରରୁ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇ ଫେବୃଆରୀ ଶେଷ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିଥାଏ। ତେବେ ଇକୋ-ରିଟ୍ରିଟ୍ ଚାଲିବା ସମୟରେ ମଧ୍ୟ ଏହାରି ପରିସରରେ ୱେଡିଂ ପ୍ଲାନିଂର ବ୍ୟବସ୍ଥା ହେବ। ଇକୋ-ରିଟ୍ରିଟ୍ ଶେଷ ହେବା ପରେ ଉକ୍ତ ସ୍ଥାନରେ ବର୍ଷତମାମ୍ ଅନୁଷ୍ଠିତ ହେବ ବିବାହ କାର୍ଯ୍ୟ। ଏଠାରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ହେବ ବିବାହ ମଣ୍ଡପ। ଆକର୍ଷଣୀୟ ସାଜସଜା ସାଙ୍ଗକୁ ରହିବ ପାରମ୍ପରିକ ଖାଦ୍ୟ ମେନ୍ୟୁ। ଯଦି କେହି ନିଜ ପସନ୍ଦର ୱେଡିଂ ପ୍ଲାନରଙ୍କ ଦ୍ୱାରା ଡେକୋରେସନ୍ କରାଇବାକୁ ଚାହିଁବେ, ସେ ସୁବିଧା ମଧ୍ୟ ଉପଲବ୍ଧ ହେବ। ଏହି ସମସ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ତେବେ ଏଥିରେ ସାମିଲ ହେବ ରାଜଉଆସ। ଏହା ସମସ୍ତଙ୍କୁ ଆକର୍ଷିତ କରିବ।

ଐତିହ୍ୟ ରାଜଉଆସ ପର୍ଯ୍ୟଟନର ପ୍ରଚାରପ୍ରସାର ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହାକୁ ଆଉ ପାଦେ ଆଗେଇ ନେବାକୁ ସହାୟକ ହେବ ରାଜଉଆସ ୱେଡିଂ। ବର୍ତ୍ତମାନ ରାଜପରିବାର ସହ ରହଣୀ ସାଙ୍ଗକୁ ରାଜଉଆସର ମଜା ନେଉଛନ୍ତି ପର୍ଯ୍ୟଟକ। ଏହାକୁ ଆହୁରି ଆଗକୁ ନେବାକୁ ଏଠାରେ ବିବାହ କାର୍ଯ୍ୟ କରାଯିବାକୁ ପର୍ଯ୍ୟଟନ ବିଭାଗ ଯୋଜନା ରଖିଛି। ଏଠାରେ ରାଜକୀୟ ଶୈଳୀରେ ହାତଗଣ୍ଠି ପଡ଼ିବ।




# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-236 ♦BHUBANESWAR ♦TUESDAY ♦20 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୬ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୦ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ପରିକ୍ରମା ମାର୍ଗ ବୁଲିଲେ ୭ ଜିଲ୍ଲାର ଶ୍ରଦ୍ଧାଳୁ

■ **ପୁରୀ, ୧୯ ।୨ (ସମିସ)**: ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଅଣାଯାଇ ପରିକ୍ରମା ମାର୍ଗର ଅନୁଭୂତି ପ୍ରଦାନ କରାଯାଉଛି। ଏହି କ୍ରମରେ ସୋମବାର ୭ ଜିଲ୍ଲାର ୯, ୯୮୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। ଅନୁଗୁଳ ଜିଲ୍ଲାର ୬୫ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୯ଟି ବସ୍‌ରେ ୧, ୩୪୦ ଜଣ, କେନ୍ଦୁଝର ଜିଲ୍ଲାର ୭୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୫ଟି ବସ୍‌ରେ ୧, ୫୬୦ଜଣ, ଗଞ୍ଜାମ ଜିଲ୍ଲାର ୧୪୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୬୨ଟି ବସ୍‌ରେ ୨, ୮୦୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୧୮ଟି ୱାର୍ଡରୁ ୮ଟି ବସ୍‌ରେ ୩୬୦ ଜଣ, ମୟୂରଭଞ୍ଜ ଜିଲ୍ଲାର ୫୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୩ଟି ବସ୍‌ରେ ୧, ୦୪୦ ଜଣ, କୋରାପୁଟ ଜିଲ୍ଲାର ୭୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୧ଟି ବସ୍‌ରେ ୧, ୪୦୦ ଜଣ, କଳାହାଣ୍ଡି ଜିଲ୍ଲାର ୭୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୪ଟି ବସ୍‌ରେ ୧, ୫୨୦ ଜଣ ଏହିପରି ମୋଟ ୯, ୯୮୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି) ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ।


DSPL-674

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



# ପଟ୍ଟା ପ୍ରଦାନ ସମାରୋହ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଶୁଭାରମ୍ଭ**

୨୦ ଫେବୃଆରୀ ୨୦୨୪

"ରାଜ୍ୟରେ ସିକିମ୍ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ଏକ ଲୋକାଭିମୁଖୀ ପଦକ୍ଷେପ ।"

- ସିକିମ୍ ସ୍ୱତ୍ୱଧାରୀ ଚାଷୀମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ପାଇଁ ଓଡ଼ିଶା ଭୂସଂସ୍କାର ଆଇନ୍, ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି ।
- ଏହା ଦ୍ୱାରା ରାଜ୍ୟରେ ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବ ।
- ସିକିମ୍ ଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇବେ ।

**ଆଇନ୍‌ର ହେଲା ସଂଶୋଧନ**
**ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ**

OIPR-24001/13/0115/2324

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସାଜିଛି ରାଜପଥ

**ବିକ୍ରମପୁର,୧୯।୨(ସମିସ)**

ଅନୁଗୋଳ ଓ ତାଳଚେର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ନଂ.୧୪୯ ଏବେ ମରଣଯନ୍ତା ପାଲଟିଛି। ଯାହାଦ୍ୱାରା ଏହି ଅଞ୍ଚଳର ସମସ୍ତ ବାସିନ୍ଦାଙ୍କ ଜୀବନ ଉପରେ ଲାଗିଛି ଅଙ୍କୁଶ। ବିଶେଷ କରି ବଅଁରପାଳରୁ ବଲ୍ଲହର ଛକ ଦେଇ ପାଲଲହଡା ଯାଇଥିବା ଜାତୀୟ ରାଜପଥ-୧୪୯ ର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାଦ୍ୱାରା ତାଳଚେରବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଅଁରପାଳରୁ ତାଳଚେର ମଧ୍ୟରେ କେତେ ଯେ ଜୀବନ ହାନୀ ଘଟୁଛି, ହେଲେ ସୁଦ୍ଧା ବି ପ୍ରଶାସନ ଚେତୁ ନାହିଁ। ଜାତୀୟ ରାଜ ପଥ-୧୪୯ ର ଦୁରବସ୍ଥା କାରଣରୁ ବାଟୋଇ ଏଠି ଟ୍ରାଫିକ ସମସ୍ୟା ପାଇଁ ଦହରଞ୍ଜ ହେଉଛନ୍ତି ମାତ୍ର ଏହା ଉପରେ ପ୍ରଶାସନର ନଜର ରହୁନି। ସରକାରୀ କର୍ତ୍ତୃପକ୍ଷଙ୍କ ତତ୍ପରତା ଅଭାବରୁ ଏହି ସବୁ ଅସୁବିଧା ପ୍ରତୀୟମାନ ହେଉଛି, ନା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗଭୀର ନିଦରେ ଶୋଇଛନ୍ତି? ଏହା ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ଏଥି ମଧ୍ୟରେ ଅନେକ ଶିକ୍ଷାନୁଷ୍ଠାନ ରହିଛି। ପ୍ରତିଦିନ ଏହି ମରଣଯନ୍ତା ଦେଇ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜ ଯିବାଆସିବା କରୁଥିବା ବେଳେ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଆହତ ହେଉଛନ୍ତି। ଯାହା କି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଏକ ବଡ ବିପଦ। ଆସନ୍ତା ତା୨୦.୦୨.୨୦୨୪ ରିଖରେ ଆରମ୍ଭ ହେବାକୁ ଯାଉଛି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା। ହେଲେ ଯେଉଁଭଳି ରାସ୍ତା ଜାମ ହେଉଛି ଛାତ୍ରଛାତ୍ରୀ ମାନେ ସ୍କୁଲରେ ଠିକ ସମୟରେ ପହଁଚିବେ କେମିତି। ଘଣ୍ଟା ଘଣ୍ଟା ଧରି ରାସ୍ତାରେ କୋଇଲା ବୋଝେଇ ଟ୍ରକ ସମେତ ଅନ୍ୟାନ୍ୟ ଗାଡି ମଧ୍ୟ ଛିଡା ହୋଇ ରହୁଛି। ଏହାଦ୍ୱାରା ଜନସାଧରଣ ବହୁତ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ କୌଣସି ବି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ସୁରକ୍ଷାକୁ ଏଡ଼େଇ ଦେଇ ଚୁପ ରହିଯାଉଛନ୍ତି ଜିଲ୍ଲା ପ୍ରଶାସନ। ଏଣୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଉଅଛି ଯେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।



# ଡେରଙ୍ଗ ମାଝୀ ସାହିରେ ଅଲେଖ ମହିମା ଯଜ୍ଞ

**ଡେରଙ୍ଗ,୧୯।୨(ସମିସ):** କଣିହାଁ ବ୍ଲକ ଡେରଙ୍ଗ ଗ୍ରା.ପ. ଡେରଙ୍ଗ ଗ୍ରାମର ମାଝୀ ସାହିର ୨ଟି ସାହିର ଅଲେଖ ମହିମା ଭକ୍ତ ମାନେ ଓ ବାବା କାର୍ତ୍ତିକା ଦାସ, ପୂର୍ଣ୍ଣ ନାଏକ, ବଲ୍ଲବ ନାଏକଙ୍କ ତତ୍ତ୍ୱାବଧାନ ଓ ଉପସ୍ଥିତିରେ ଅଞ୍ଚଳର ଜନସାଧାରଣ, ଭକ୍ତଙ୍କ ସାହାଯ୍ୟ ସହଯୋଗରେ ବିଶ୍ୱ କଲ୍ୟାଣ ନିମନ୍ତେ ମାଘ ମାସ ନବମୀ ତିଥି ଅବସରରେ ଯଜ୍ଞ ଓ ଅଲେଖ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ପୁଣ୍ୟ କାର୍ଯ୍ୟକ୍ରମରେ ୪ଟି ମହିଳା ନାମ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସମସ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଓଡିଶା ରାଜ୍ୟ ଖାଦ୍ୟ ଅୟୋଗ ଅଧକ୍ଷ ଇଂ ଅବନୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା, ସନ୍ତୋଷ ବେହେରା, ବିନୋଦ ସାହୁ, ଇନ୍ଦ୍ରମଣି ସାହୁ, ନାଏବ ସରପଞ୍ଚ ବୁଲୁ ସାହୁ, ବିଛନ୍ଦ ଚରଣ ସାହୁ, ଡେରଙ୍ଗ ମଝୀ ସାହି ଗ୍ରାମ ସମ୍ପାଦକ ବିପିନି ବିହାରୀ ସାହୁ, ଡେରଙ୍ଗ ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ ନାଏକ,କମିଟି ସଭାପତି ମଧୁସୂଦନ ନାଏକ, ସମ୍ପାଦକ ପିତାମ୍ବର ନାଏକ, ଅକ୍ଷୟ କୁମାର ନାଏକ, ଟୀକନ ନାଏକ, ପ୍ରଶ୍ନ ନାଏକ, ବାପୁ ନାଏକ, ଦିଲ୍ଲୀପ ନାଏକ, ଅର୍ଜୁନ ନାଏକ, ନନ୍ଦ ନାଏକ, ବିଜୟ କୁମାର ନାଏକ,ନରେଶ ନାଏକ, ସତ୍ୟାନନ୍ଦ ନାଏକ, କୁମୁଦ ନାଏକ, ସଞ୍ଜୟ ନାଏକ ପ୍ରମୁଖ ଆୟୋଜନରେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଓଡ଼ିଶା ସେବା ସମିତି ସାହିବାବାଦ ଦ୍ୱାରା ମା' ସରସ୍ୱତୀଙ୍କ ବିସର୍ଜନ



**ଜଗନ୍ନାଥପୁର,୧୯।୨(ସମିସ):** ଚଳିତ ଶୁକ୍ଳ ପକ୍ଷ ଶ୍ରୀପଞ୍ଚମୀ ଦିନ ସ୍ଥାନୀୟ ରାଜେନ୍ଦ୍ର ନଗର ସାହିବାବାଦ ସ୍ଥିତ ଭବନ ଠାରେ ପ୍ରତି ବର୍ଷ ଭଳି ଓଡିଶା ସେବା ସମିତି ସାହିବାବାଦ ଦ୍ୱାରା ମାତା ସରସ୍ୱତୀ ଙ୍କ ପୂଜା ଧୁମ ଧାମ ରେ ପାଳିତ ହୋଇଯାଇଛି। ଓଡିଶା ସେବା ସମିତି ର ସଦସ୍ୟ ଏବଂ ପରିବାର ଙ୍କ ସହିତ ସ୍ଥାନୀୟ ଅତିଥି ଏବଂ ବନ୍ଧୁ ବର୍ଗ ଙ୍କ ଉପସ୍ଥିତିରେ ପୂଜାରମ୍ଭ ହୋଇ ଥିଲା। ଏହି ଅବସରରେ ବିଶିଷ୍ଟ ସଂଗୀତିକାର ସୁନୀଲ ତିୱାରୀ ଏବଂ ଭୂଷଣ ଖାନା ଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ ସମସ୍ତ ଙ୍କୁ ବେଶ ମନୋରଞ୍ଜନ ପ୍ରଦାନ କରିଥିବାବେଳେ ରାଧା କୃଷ୍ଣ, କୃଷ୍ଣ ସୁଦାମା ଏବଂ ଶିବ ପାର୍ବତୀ ଙ୍କ ନୃତ୍ୟ ଏବଂ ଅଭିନୟ ସମସ୍ତ ଦର୍ଶକ ବୃନ୍ଦ ଙ୍କୁ ଭକ୍ତି ଡୋରିରେ ବାନ୍ଧିପାରିଥିଲା। ସମିତିର ସଭାପତି ପିପି ସାହୁ, ଉପସଭାପତି ପ୍ରକାଶ ନାଏକ, ସହ ସମ୍ପାଦକ ପୀତବାସ ସାହୁ, କୋଷାଧକ୍ଷ ମନୋଜ ଗିରି ଙ୍କ ପ୍ରଚେଷ୍ଟା ରେ ସଫଳ ହୋଇପାରିଥିଲା। ସମିତି ର ମହିଳା ସଦସ୍ୟ ମାନଙ୍କ ଭକ୍ତି ଭରା ସମର୍ପଣ ଏବଂ ସାଜ ସଜା କାର୍ଯ୍ୟକ୍ରମ ର ସଫଳତାକୁ ଦ୍ୱିଗୁଣିତ କରିଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ଜଗନ୍ନାଥପୁର,୧୯।୨(ସମିସ):** ଅନୁଗୋଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପୁର ପଞ୍ଚାୟତସ୍ତରୀୟ ଆମଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ବିଶ୍ୱ ଭୂଷଣ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା, ଏକ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ କାଜଲ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ପଞ୍ଚାୟତସ୍ତରରେ କୃଷି ବିଭାଗ, ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ବିଭାଗ ପ୍ରମୁଖ ନିଜ ନିଜର ଷ୍ଟଲ ସହ ଏଠାରେ ଉପସ୍ଥିତ ରହି ରାଜ୍ୟ ସରକାର ଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରାଇଥିଲେ। ଏତଦ୍ ବ୍ୟତୀତ ପାଲା, କେନ୍ଦରା, ଗୀତ ମାଧ୍ୟମରେ ଲୋକମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା।

# ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ ସମ୍ପର୍କିତ କର୍ମଶାଳା

**କିଶୋରନଗର,୧୯।୨(ସମିସ):** କିଶୋରନଗର ବ୍ଲକ ସଭା ଗୃହ ଠାରେ ଦୀର୍ଘ ସ୍ଥାୟୀ ବିକାଶ ର ଲକ୍ଷ ଆଧାର ରେ ଶିଶୁ ଅନୁକୂଳ ଗ୍ରାମ ପଞ୍ଚାୟତ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି।ଏଥିରେ ସମସ୍ତ ପଞ୍ଚାୟତ ର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ।ସେମାନଙ୍କୁ ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସତ୍ୟ ପ୍ରୀୟ ସାହୁ ସିଡିପିଓ ଓ୍ୱାହିଦା ବେଗମ କିଶୋରନଗର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବିପିଏମ ଅଜିତ୍ ସାହୁ, କିଶୋରନଗରଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସୂଚନା ଯୋଗ୍ୟ ଆସନ୍ତା ୨୯.୨ ୨୪ ରିଖ ୪ର୍ଥ ପର୍ଯାୟ ଜଳ ସମ୍ପର୍ଣ୍ଣ ଗ୍ରାମ ପଞ୍ଚାୟତ ଓ ଆସନ୍ତା ୨୧.୨.୨୪ ରିଖ ୫ମ ପର୍ଯ୍ୟାୟ ଓ ସବୁଜ ଗ୍ରାମ ପଞ୍ଚାୟତ ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**କଣିହାଁ,୧୯।୨(ସମିସ):** ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦେଇ ଆରମ୍ଭ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ଆମ ଓଡିଶା ନବୀନ ଓଡ଼ିଶା ସୋମବାର ତିନୋଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ତାଳଚେର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକର ବଡ଼ଗୁଣ୍ଡୁରୀ, ସାନତ୍ରିବିଡ଼ା, ବଡ଼ତ୍ରିବିଡ଼ା ଗ୍ରାମପଞ୍ଚାୟତରେ ଆୟୋଜିତ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ତାଳଚେର ଶ୍ରୀ ବ୍ରଜକିଶୋର ପ୍ରଧାନ ସନ୍ମାନିତ ଅତିଥିଭାବେ କଣିହାଁ ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଶ୍ରୀମତୀ ଜୟନ୍ତୀ ପ୍ରଧାନ, ୦୯ ନଂ ଜୋନ ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ରଞ୍ଜନ ସାହୁ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ନିର୍ମଳ ସାହୁ ଜରଡା ସେବା ସମବାୟ ସମିତିର ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ, ବଡ଼ଗୁଣ୍ଡୁରୀ ପଞ୍ଚାୟତ ସରପଞ୍ଚ ସସ୍ମିତା ଦଲେଇ, ସାନତ୍ରିବିଡ଼ା ସରପଞ୍ଚ ସୁଜାତା ପ୍ରଧାନ ବଡ଼ତ୍ରିବିଡ଼ା ସରପଞ୍ଚ, ଶାନ୍ତନୁ କୁମାର ପ୍ରଧାନ ସମିତି ସଭ୍ୟା ମିନାକ୍ଷୀ ସାହୁ ଦୀପ୍ତିମୟୀ ସେଠୀ ସମିତିସଭ୍ୟ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଆରଏସ୍ ସମସ୍ତ କର୍ମଚାରୀ ଓ ମିଶନ ଶକ୍ତି ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସନ୍ଥକୃପା ହରିହର ଆଶ୍ରମରେ ବିଶ୍ୱ ଶାନ୍ତି ମହାଯଜ୍ଞ

କଣିହାଁ,୧୯।୨(ସମିସ): କଣିହାଁ ବ୍ଲକ ବଡଗୁଣ୍ଡିରୀ ପଞ୍ଚାୟତ ବଇଣ୍ଡା ଗ୍ରାମ ବାଙ୍ଖୁଲି ନାଳ କୂଳରେ ଅବସ୍ଥିତ ସନ୍ଥକୃପା ହରିହର ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ଅଧିବାସକୁ ନେଇ କଳସ ଯାତ୍ରାରେ ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ। ସୋମମବାର ପୂର୍ବାହ୍ନରେ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ନାମ ସଂକୀର୍ତ୍ତନ ପରିକ୍ରମା କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ପ୍ରମୁଖ ମାନ୍ୟଗଣଙ୍କ ସହିତ ଏକ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ପୂର୍ଣ୍ଣାହୂତି ପରେ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥାରେ ଆଶ୍ରମବାସୀ ଭକ୍ତ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଆଶ୍ରମର ବ୍ରହ୍ମଚାରୀ ନିରାକାର ଦାସ ମହାରାଜଙ୍କ ପୌରହିତରେ ସମସ୍ତ ବିଧିକର୍ମ ସମାପନ ହୋଇଥିଲା।

**ଅନ୍ତୁଳିଆରେ ଜନଶୁଣାଣି ଶିବିର**

# ବହୁ ବିଭାଗୀୟ ଅଧିକାରୀ ଆସିଲେନି



**ସାତକୋଶିଆ,୧୯।୨(ସମିସ):** ଅନୁଗୋଳ ବ୍ଲକ ଅନ୍ତୁଳିଆ ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୁଇଯାଇଛି। ଏହି ଶିବିର ରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗ କୁ ନେଇ ଶୁଣାଣି ଆରମ୍ଭ କରାଯାଇ ଥିଲା। ଏହି ଶିବିର ରେ ୩୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରି ଥିଲେ ।୨୦ଟି ବିଭାଗ ରୁ କିଛି ହାତ ଗଣନ୍ତି ସରକାରୀ ବିଭାଗ ଜନ ଶୁଣାଣି ଶିବିରକୁ ଆସିଥିଲେ ଏବଂ କେତକ ବିଭାଗ ନ ଆସିବାରୁ ଅନ୍ତୁଳିଆ ସରପଞ୍ଚ ମଧୁସ୍ମିତା ସାହୁ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ସେ ପଞ୍ଚାୟତ ରେ ସମସ୍ତ ଗ୍ରାମ ରୁ ସମସ୍ତ ସୁବିଧା ଅସୁବିଧା ଜଣାଇବା ପାଇଁ ଡକାଇ ଥିଲେ କିନ୍ତୁ କେବଳ ସେଥିମଧ୍ୟରୁ ସ୍ୱାସ୍ଥ୍ୟ, ସ୍ୱଚ୍ଛଭାରତ, ତହସିଲ ସହ ଆଉ କିଛି ହାତଗଣତି ବିଭାଗ ଆସିଥିଲେ ଓ ସେଥି ମଧ୍ୟରୁ ବନବିଭାଗ, ପାନୀୟ ଜଳ ଆଉ କେତକ ବିଭାଗ ନ ଆସି ନିଜ ଅଫିସରେ ବସି ଥିଲେ। ଲୋକ ମାନେ ଆସି କେବଳ ଘର ଏବଂ ଭତ୍ତା ରାସନ ଉପରେ ଆଲୋଚନା କରିଥିଲେ। ବନବିଭାଗ ନ ଆସିବାରୁ ଲୋକମାନେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ବିଶେଷ କରି ଲୋକମାନଙ୍କର ଏହି ଅଞ୍ଚଳ ରେ ଫସଲ ବହୁତ ପରି ମାଣରେ ନଷ୍ଟ ହେଉଛି ସେଥିପାଇଁ ଲୋକ ମାନେ ଦରଖାସ୍ତ ଧରି ଫେରି ଯାଇଥିଲେ। ଯଦି ଜନ ଶୁଣାଣି କରୁଛନ୍ତି ସମସ୍ତ ବିଭାଗ ଆସନ୍ତୁ ଲୋକ ମାନଙ୍କ ସୁବିଧା ଅସୁବିଧା ଦୂର କରନ୍ତୁ ବୋଲି ଅନ୍ତୁଳିଆ ସମିତିସଭ୍ୟା ନମିତା ସାହୁ ପ୍ରକାଶକରିଛନ୍ତି।

# ତାଳଚେରର ଅରବିନ୍ଦ ପ୍ରଧାନଙ୍କୁ ଗୀତା ବିଚକ୍ଷଣ ଉପାଧି



**ତାଳଚେର,୧୯।୨(ସମିସ):** ଗୀତା ପଢ ପଢାଅ ଓ ଜୀବନରେ ଲଗାଅ ଆନ୍ତର୍ଜାତୀୟ ସଂସ୍ଥାନ ଲର୍ଣ୍ଣ ଗୀତା ଡଟ୍ କମ୍ ପରିବାର ତରଫରୁ ଅନ୍ ଲାଇନ୍ ମାଧ୍ୟମରେ ଆୟୋଜିତ ଗୀତା ବିଚକ୍ଷଣ ପରୀକ୍ଷଣ କାର୍ଯ୍ୟକ୍ରମରେ ତାଳଚେରର ଅରବିନ୍ଦ ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତି। ପ୍ରାୟ ୨ ଘଂଟା ପର୍ଯ୍ୟନ୍ତ ଏହି ପରୀକ୍ଷଣ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କୁ ନିର୍ଭୁଲ୍ ଭାବରେ ଅନ୍ ଲାଇନ୍ ମାଧ୍ୟମରେ ତତ୍କ୍ଷଣାତ୍ ଶ୍ରୀମଦ୍ ଭଗବତ ଗୀତାର ବିଭିନ୍ନ ଅଧ୍ୟାୟର ଶ୍ଳୋକ ଆବୃତି କରିବା ପାଇଁ ପ୍ରଶ୍ନ କରାଯାଇଥିଲା। ଏଥିରେ ଶ୍ରୀ ପ୍ରଧାନ ନିର୍ଭୁଲ୍ ଭାବରେ ସମସ୍ତ ଶ୍ଳୋକ ଏବଂ ଅନ୍ୟାନ୍ୟ ବିଷୟରେ କହିଥିଲେ। ଯାହା ଫଳରେ ଏହାର ଫଳ ସ୍ୱରୂପ ଶ୍ରୀ ପ୍ରଧାନ ଏଥିରେ କୃତକାର୍ଯ୍ୟ ହୋଇଥିବା ନେଇ ଅନୁଷ୍ଠାନ ତରଫରୁ ଜଣାଇ ଦିଆଯିବା ସହିତ ସଂପୂର୍ଣ୍ଣ ଶ୍ରୀମଦ୍ ଭଗବତ ଗୀତାର ଦୁର୍ଗମ ଅଧ୍ୟୟନ ପରେ ସକ୍ରମାଙ୍କ କଣ୍ଠସ୍ଥୀକରଣ ପରୀକ୍ଷା ଉତୀର୍ଣ୍ଣ କରିଥିବାରୁ ଗୀତା ବିଚକ୍ଷଣ ଉପାଧି ପ୍ରଦାନ କରାଯାଇଛି। ସୂଚାନଯୋଗ୍ୟ, ଶ୍ରୀ ପ୍ରଧାନ ଗୀତା ସଂପୂର୍ଣ୍ଣ ୧୮ ଅଧ୍ୟାୟକୁ ନିର୍ଭୁଲ୍ ଭାବରେ ମୁଖସ୍ଥ, କଣ୍ଠସ୍ଥ ପ୍ରତିଯୋଗୀତାର ପର୍ଯ୍ୟାୟ କ୍ରମେ ଗୀତା ଜିଜ୍ଞାସା, ଗୀତା ପାଠକ, ଗୀତା ପଥିକ୍, ଗୀତାବ୍ରତୀ ଏବଂ ଶେଷରେ ଗୀତା ବିଚକ୍ଷଣ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଏହି ସମ୍ମାନ ପାଇବା ପରେ ଶ୍ରୀମଦ୍ ଭଗବତ ଗୀତା ପ୍ଲାବନ ସଂଗମ ଅନୁଷ୍ଠାନ ତାଳଚେର ପକ୍ଷରୁ ଏବଂ ବନ୍ଧୁବାନ୍ଧବ, ସାଙ୍ଗସାଥୀ ମାନଙ୍କ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଶ୍ରୀ ପ୍ରଧାନ ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତର ବାଲୁଙ୍ଗାଖମାର ଗ୍ରାମର ଉଦୟ ଚନ୍ଦ୍ର ପ୍ରଧାନଙ୍କ କନିଷ୍ଠ ପୁତ୍ର ଅଟନ୍ତି।

# ସେତୁ ଭିତ୍ତିପ୍ରସ୍ତର ପାଇଁ ବିଧାୟକଙ୍କ ଦ୍ୱାରା ପ୍ରସ୍ତୁତି ବୈଠକ

**ପବିତ୍ରନଗର,୧୯।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପବିତ୍ରନଗର ନିକଟରେ ଶିଳିଂ-ତାଳପଦା ସେତୁ ତଥା ପବିତ୍ର ମୋହନ ସେତୁ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଚୁଡାନ୍ତ ହୋଇଥିବା ବେଳେ ଏହାର ଭିତ୍ତିପ୍ରସ୍ତର ପାଇଁ ବୁଧବାର ଦିନ ଧାର୍ଯ୍ୟ ହୋଇଛି। ଏଥିପାଇଁ ପାଲଲହଡା ବିଧାୟକ ମୁକେଶ କୁମାର ପାଳଙ୍କ ନେତୃତ୍ୱରେ ସୋମବାର ଶିଳିଂ ନଦୀଘାଟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବ୍ଲକ ବିଜେଡି ସଭାପତି ତଥା ଆମ ଓଡିଶା- ନବୀନ ଓଡିଶା ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୁଧବାର ହେବାକୁ ଥିବା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସାଂସଦ ମହେଶ ସାହୁ, ବିଧାୟକ ମୁକେଶ କୁମାର ପାଳ ଙ୍କ ସମେତ ବହୁ ପଦାଧିକାରୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ଦେଇଛନ୍ତି। ଶିଳିଂ ଠାରେ ସେତୁ ନିର୍ମାଣ ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନର ସଭାସ୍ଥଳ ଅନୁଷ୍ଠିତ ହେବ ଓ ଏଥିପାଇଁ ଉକ୍ତ ସ୍ଥାନରେ ମଧ୍ୟ ହେଲିପ୍ୟାଡ ନିର୍ମାଣ ହେବ ବୋଲି ସ୍ଥିର କରାଯାଇଥିଲା। ତେବେ ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଏଠାରେ ସେତୁ ନିର୍ମାଣ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ବୃଦ୍ଧି ପାଇଛି। ଏହି ସେତୁ ନିର୍ମାଣ ଦ୍ୱାରା କଣିହାଁ ବ୍ଲକର ୧୦ନଂ ଓ ୮ନଂ ଜୋନ ମଧ୍ୟରେ ଯୋଗାଯୋଗ ସହଜ ହେବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ଗମନାଗମନ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ନିର୍ବାହ ରେ ଉନ୍ନତି ହେବ। ବୈଠକରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକମାନେ ଯୋଗଦାନ କରିବାକୁ ବିଧାୟକ ପାଳ ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**



ଶ୍ରୀଯୁକ୍ତ ନନ୍ଦକିଶୋର ଶତପଥି
ଅବସରପ୍ରାପ୍ତ ଶିକ୍ଷକ ବିବି ଉଚ୍ଚ ବିଦ୍ୟାଳୟ, ଢ଼େଙ୍କାନାଳ ।
ଆପଣଙ୍କର ସତ୍ୟବାଦୀତା, କର୍ତ୍ତବ୍ୟନିଷ୍ଠତା, ସମୟାନୁବର୍ତ୍ତିତା ଓ ଦୃଢ଼ ମନୋବଳ ଇତ୍ୟାଦି ସଦ୍‌ଗୁଣ ଆମ ଜୀବନର ପାଥେୟ ହେଉ ।
ଆପଣଙ୍କର ୯୬ତମ ଜନ୍ମଦିବସରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶ୍ରୀଚରଣାବିନ୍ଦରେ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଅଛୁ ।
ଆପଣଙ୍କ ପୁତ୍ର, ପୁତ୍ର ବଧୂ, ଝିଅ ଜ୍ୱାଇଁ ଓ ନାତନାତୁଣୀମାନେ ।

**୩୦ତମ ଜିଲ୍ଲା ବାର୍ଷିକ କ୍ରୀଡା ସଂସଦ ମିଟ୍**

# ଆଠମଲ୍ଲିକର ଅନିଲ ବାଘ ଚାମ୍ପିଅନ

**ଆଠମଲ୍ଲିକ,୧୯।୨(ସମିସ)**



ଆଠମଲ୍ଲିକ ଏନ୍ଏସିରର ଦଶ ନମ୍ବର ୱାର୍ଡ ଚାରିଘରିଆ ସାହି ନିବାସୀ ଅରକ୍ଷିତ ବାଘ ଏବଂ ସୁଶାନ୍ତି ବାଘଙ୍କ କନିଷ୍ଠ ପୁତ୍ର ଅନିଲ କୁମାର ବାଘ ଅନୁଗୁଳ ଜିଲ୍ଲାର ନାଲକୋ ସ୍ଥିତ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଗୁଳ କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ୩୦ତମ ଜିଲ୍ଲା ବାର୍ଷିକ କ୍ରୀଡା ସଂସଦ ମିଟରେ ୧୦୦ ,୨୦୦ଦୌଡ଼ ପ୍ରତିଯୋଗିତା ଏବଂ ଲମ୍ବ ଡିଆଁ ପ୍ରତିଯୋଗିତା ୨୩ ରୁ ୨୫ ବର୍ଷ ମଧ୍ୟରେ ଅନୁଷ୍ଠିତ କ୍ରୀଡାରେ ଭାଗ ନେଇ ଚାମ୍ପିଅନ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସାରା ଆଠମଲ୍ଲିକ ତଥା ଅନୁଗୋଳ ଜିଲ୍ଲା ରେ ଖୁସିର ଲହରୀ ଖେଳି ଯାଇଛି। ଅନିଲ ବାଘ ଆଠମଲ୍ଲିକ ଏବଂ ବାହାରେରେ ଅନୁଷ୍ଠିତ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ତତ୍‌ସହିତ ପ୍ରତ୍ୟକ ଦିନ ଆଠମଲ୍ଲିକ ଖେଳ ପଡିଆକୁ ଯାଇ ନିଜେ ଏବଂ ଅନ୍ୟ ଯୁବକମାନଙ୍କୁ ଖେଳର ବିଭିନ୍ନ ଉପରେ ଦିଗ୍‌ଦର୍ଶନ ଦେଇଥାନ୍ତି। ସେ ଖେଳାଳି ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ଶ୍ରୀ ବାଘ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ କ୍ରୀଡା ରେ ଭାଗ ନେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବର୍ତ୍ତମାନ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେ ଖେଳକୁ ସର୍ବଦା ଭଲ ପାଇଥାନ୍ତି। ପ୍ରଶାସନ ଏବଂ ସରକାରଙ୍କ ତରଫରୁ କିଛି ସାହାଯ୍ୟ ସହଯୋଗ ପାଇଲେ ସେ ଆଗକୁ ଆହୁରି ଯାଇ ପାରିବେ ବୋଲି ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି। ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ଷ୍ଟେଟ ମିଟ ଖେଳିବା ପାଇଁ ଅନିଲ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ତାଳଚେର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅବ୍ୟବସ୍ଥା
## ଠିକ୍ ସମୟରେ ଆସୁନାହାନ୍ତି ଅଧିକାରୀ

**ତାଳଚେରସଦର,୧୯।୨(ସମିସ):** ତହସିଲ ନିକଟରେ ରହିଛି ରାଜସ୍ୱ ନିରୀକ୍ଷକଙ୍କ ଅଫିସ। ଏହି ଅଫିସକୁ ଠିକ ସମୟରେ ଅସୁନାହାନ୍ତି ରାଜସ୍ୱ ନିରୀକ୍ଷକ। ଅଧିକାରୀ ତ ଅଧିକାରୀ କର୍ମଚାରୀ ମଧ୍ୟ ସମୟରେ ଆସନ୍ତିନାହିଁ। କାର୍ଯ୍ୟାଳୟରେ ପ୍ରାୟତଃ ତାଲା ପଡ଼ିଥିବା ଦେଖିବାକୁ ମିଳିଥାଏ। ଏବଂ କାର୍ଯ୍ୟାଳୟ ଖୋଲା ରହିଲେ ରାଜସ୍ୱ ନିରୀକ୍ଷକ ରହୁନଥିବାରୁ ଲୋକଙ୍କ କାମ ବ୍ୟାହତ ହୋଇଥାଏ। ଦୂର ଦୁରାନ୍ତରୁ ଲୋକମାନେ ଆସି ନିରାଶରେ ବିରକ୍ତି ହୋଇ ଫେରିଥାନ୍ତି। କାଷ୍ଟ ସାର୍ଟିଫିକେଟ, ରେସିଡେଣ୍ଟ ସାର୍ଟିଫିକେଟ ଲିଗାଲ ହେୟାର, ଜମି ମାପଜୁପ, ସରକାରଙ୍କ ରିହାତିରେ ବୋର୍‌ୱେଲ ଖନନ ପାଇଁ ସ୍କେଚ ମ୍ୟାପ ଆବେଦନ କରିବାକୁ ପଡିଥାଏ ଓ ବିଭିନ୍ନ ପ୍ରକାର ଲୋକଙ୍କ କାମ ରାଜସ୍ୱ ନିରୀକ୍ଷଙ୍କ ପାଖରେ ପଡିଥାଏ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବାସୀ ଅନୁରୋଧ କରିଛନ୍ତି।



ରାଜ୍ୟରେ ଗ୍ରନ୍ଥାଗାର ଅଭିଯାନର ଶୁଭାରମ୍ଭ

# ବିଶ୍ୱସ୍ତରୀୟ ହେବ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର

- ରୂପାନ୍ତରୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ବାପୁଜୀନଗରରେ ସନ୍ଥକବି ଭୀମଭୋଇ ପାଠାଗାର ଉଦ୍‌ଘାଟିତ
- ଏକାସାଙ୍ଗରେ ପାଞ୍ଚଶହ ଛାତ୍ରଛାତ୍ରୀଙ୍କ ପଢ଼ିବାର ବ୍ୟବସ୍ଥା
- ଡିଜିଟାଇଜେସନ୍ କରାଯିବ ଗ୍ରନ୍ଥାଗାରର ସମସ୍ତ ପୁସ୍ତକ
- ଖୋଲିବ ମିଶନ ଶକ୍ତି କାଫେ ଓ ଆହାର କେନ୍ଦ୍ର





**ଭୁବନେଶ୍ୱର, ୧୯।୨(ସମିସ):** ଭୁବନେଶ୍ୱରସ୍ଥିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ବିଶ୍ୱସ୍ତରୀୟ ପରିଣତ କରାଯିବ। ଏହି ପାଠାଗାରର ରୂପାନ୍ତରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ସହଯୋଗରେ ଗ୍ରନ୍ଥାଳୟକୁ ରୂପାନ୍ତରୀକରଣ କରିବା ପାଇଁ ଓଡ଼ିଶା ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି। ଏଥିସହ ଭୁବନେଶ୍ୱରର ବାପୁଜୀନଗର ଠାରେ ଅବସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସର୍ଭିସ ସେଣ୍ଟର (ଆଇପିଏସ୍‌ସି)ରେ ସନ୍ଥକବି ଭୀମଭୋଇଙ୍କ ନାମରେ ଏକ ପାଠାଗାରକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଗ୍ରନ୍ଥାଗାର ଅଭିଯାନ ଆରମ୍ଭ ହୋଇଥିବା ଘୋଷଣା କରିବା ସହ ରାଜ୍ୟର ସବୁ ସ୍ଥାନ ସମେତ ଭୁବନେଶ୍ୱରର ପ୍ରତ୍ୟେକ ଜୋନ୍‌ରେ ଗ୍ରନ୍ଥାଗାର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି।

ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଗ୍ରନ୍ଥାଗାର ପ୍ରତିଷ୍ଠା କରିବା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଥିଲା। '୫-ଟି' ଅଧ୍ୟକ୍ଷ ପୂର୍ବରୁ ଯାଇ ପିଲାମାନଙ୍କୁ ଓ ଗ୍ରନ୍ଥାଗାର ଅଧିକାରୀଙ୍କୁ ଭେଟି ସମସ୍ୟା ଶୁଣିଥିଲେ, ଓ ରୂପାନ୍ତରଣର ପ୍ରତିଶ୍ରୁତି ଦେଇଥିଲେ। ସାରସ୍ୱତ ସମୃଦ୍ଧି ପାଇଁ ଓଡ଼ିଶାର ପ୍ରତିବଦ୍ଧତାର ପ୍ରତୀକ ଭାବରେ ପରିଚିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଳୟ ୧୯୫୯ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ କର୍ଯ୍ୟକ୍ଷମ ହୋଇଥିଲା। ବର୍ଷ ବର୍ଷ ଧରି ଏହା ଛାତ୍ରଛାତ୍ରୀ, ସର୍ବସାଧାରଣ ଏବଂ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକେନ୍ଦ୍ର ଭାବେ ବ୍ୟବହୃତ ହୋଇଆସୁଛି। ଓଡ଼ିଶାର ସାହିତ୍ୟିକ ଏବଂ ସାଂସ୍କୃତିକ ଐତିହ୍ୟ ପାଇଁ ଜଣାଶୁଣା ଏହି ଗ୍ରନ୍ଥାଗାରର ଉପଲବ୍ଧତା ଏବଂ ଯୁବଗୋଷ୍ଠୀକୁ ପୁସ୍ତକ ପଠନ ପାଇଁ ଅଧିକ ପ୍ରେରଣା ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଏହି ବ୍ୟାପକ ନବୀକରଣ ପ୍ରକଳ୍ପକୁ ହାତକୁ ନେଇଛନ୍ତି। ଅତ୍ୟାଧୁନିକ ଭିତ୍ତିଭୂମି ଜରିଆରେ ଏହି ଗ୍ରନ୍ଥାଗାରର ବିକାଶ କରି ଏହାକୁ ଆନ୍ତର୍ଜାତୀୟସ୍ତରୀୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଗ୍ରନ୍ଥାଳୟ ପରିସରରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ସହ ଏଠାରେ ଏକ ଆହାର କେନ୍ଦ୍ର ଏବଂ ମିଶନ ଶକ୍ତି କାଫେ ଖୋଲାଯିବ। ନୂତନ ଭାବରେ ପରିକଳ୍ପନା କରାଯାଇଥିବା ଏହି ଲାଇବ୍ରେରୀରେ ଥିବା ସମସ୍ତ ପୁସ୍ତକଗୁଡ଼ିକର ଡିଜିଟାଇଜେସନ୍ ପାଇଁ ମଧ୍ୟ ଯୋଜନା ରହିଛି। ଯାହାଦ୍ୱାରା ଜଣେ ପାଠକ ଯେକୌଣସି ସମୟରେ ନିଜ ମୋବାଇଲ ମାଧ୍ୟମରେ ଏଠାରେ ଥିବା ବହି ଗୁଡ଼ିକୁ ପଢ଼ିପାରିବ। ଏହାସହିତ ଏଠାରେ ଏହା ସାଙ୍ଗରେ ୫୦୦ ଛାତ୍ରଛାତ୍ରୀ ଦୈନିକ ଉପସ୍ଥିତ ରହି ପୁସ୍ତକ ଅଧ୍ୟୟନ କରିବାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ସେହିପରି ଲାଇବ୍ରେରୀ ସେବାଗୁଡିକର ଉପଲବ୍ଧତା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଓଡ଼ିଶା ଖଣି ନିଗମ ଦ୍ୱାରା ରାଜଧାନୀର ବାପୁଜୀନଗରରେ ଥିବା ସନ୍ଥକବି ଭୀମଭୋଇ ପାଠାଗାର ପ୍ରତିଷ୍ଠା କରାଯାଇଛି। ଏହାକୁ ସୋମବାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ସର୍ବସାଧାରଣ ମାନଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ପରିଦର୍ଶକଙ୍କ ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ସୁବିଧା ସହିତ ଏକ ଆହାର କେନ୍ଦ୍ର ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହି ପାଠାଗାରରେ ଦୈନିକ ପ୍ରାୟ ୨୦୦ଟି ଆସନର ବ୍ୟବସ୍ଥା ରହିଛି, ଯେଉଁଠି ଜନସାଧାରଣ ସୁବିଧାରେ ବସି ଅଧ୍ୟୟନ କରିପାରିବେ। ତେବେ ଆଗକୁ ଭୁବନେଶ୍ୱର ମହାନଗର ନିଗମର ୬ଟି ଜୋନ୍‌ରେ ଅତ୍ୟାଧୁନିକ ପାଠାଗାର ଓ ପଠନ ଗୃହ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ପାଠାଗାରକୁ ନେଇ ଜନ ଆନ୍ଦୋଳନ ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରିବ। ଅଧିକ ସଂଖ୍ୟାରେ ଜନସାଧାରଣ ବିଶେଷ କରି ଯୁବବର୍ଗ ଏବଂ ଛୋଟପିଲା ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ବିଭାଗୀୟ ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍, ନିର୍ଦ୍ଦେଶକ ଦିଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍‌ଘାଟନ ଅପେକ୍ଷାରେ ୧୩୩ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଭ୍ୟାନ୍

ଭୁବନେଶ୍ୱର, ୧୯।୨(ସମିସ): ପାଶୁପାଳକଙ୍କୁ ନିଜ ଘର ପାଖରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ପରିକଳ୍ପନା କରାଯାଇଥିଲା। ରାଜ୍ୟର ସମସ୍ତ ବ୍ଲକ୍‌ରେ ଏହି ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେଣୁ ଗତବର୍ଷ ସେପ୍ଟେମ୍ବରରେ ସମସ୍ତ ୩୧୪ ବ୍ଲକରେ ଏହି ସେବାର ଶୁଭାରମ୍ଭ କରାଗଲା। ପ୍ରଥମ ପର୍ଯ୍ୟାୟରେ ୯ ସେପ୍ଟେମ୍ବରରେ ୧୮୧ ମୋବାଇଲ ଭ୍ୟାନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍‌ରେ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅବଶିଷ୍ଟ ୧୩୩ ଭ୍ୟାନ୍‌କୁ ଭଡ଼ା ସୂତ୍ରରେ ଅଣାଯାଇ ପ୍ରାଣୀ ସେବା ପ୍ରଦାନ କରାଯାଉଥିଲା। ଭଡ଼ାସୂତ୍ରରେ ଥିବା ସମସ୍ତ ମୋବାଇଲ ଭ୍ୟାନ୍‌କୁ ବଦଳାଇ ଏହି ସ୍ଥାନରେ ମତ୍ସ୍ୟ-ପ୍ରାଣୀ ସମ୍ପଦ ବିକାଶ ବିଭାଗ ନିଜେ ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଛି। ମିଳିଥିବା ସୂଚନା ମୁତାବକ, ଏହା ମଧ୍ୟରେ ୧୩୩ ଭ୍ୟାନ୍‌ର କ୍ରୟ କରିବା କାମ ନିକଟରେ ଶେଷ ହୋଇଛି। ଯାହା ଏବେ ଉଦ୍‌ଘାଟନ ଅପେକ୍ଷାରେ। ଚଳିତ ସପ୍ତାହର ଶେଷ ଆଡ଼କୁ ଏହି ଭ୍ରାମ୍ୟମାଣ ଭ୍ୟାନ୍‌ଗୁଡ଼ିକୁ ଉଦ୍‌ଘାଟନ କରାଯିବ। ଉଦ୍‌ଘାଟନ ଉତ୍ସବକୁ ସଫଳ କରିବା ପାଇଁ ମତ୍ସ୍ୟ-ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଏହି ଭ୍ୟାନ୍‌ଗୁଡ଼ିକ ଏକକାଳୀନ ଭାବେ ଉଦ୍‌ଘାଟନ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜଣେ ପଶୁପାଳକ କିମ୍ବା ନାଗରିକ ହେଲପ୍ ଲାଇନ୍ ନମ୍ବର '୧୯୬୨' ଡାଏଲ କରି ମୁଖ୍ୟମନ୍ତ୍ରୀ ଭ୍ରମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ସୁବିଧା ପାଇ ପାରିବେ।

## ପି ସଞ୍ଜୀବ ପାତ୍ର ବିଜେଡି ନଗର ସଭାପତି

**ଦୁଇ ଜଣଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ**

**ଭୁବନେଶ୍ୱର, ୧୯।୨(ସମିସ):** ପି ସଞ୍ଜୀବ କୁମାର ପାତ୍ରଙ୍କୁ ଜି. ଉଦୟଗିରି ଏନ୍‌ଏସି ପାଇଁ ବିଜୁ ଜନତା ଦଳର ନଗର ସଭାପତି ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତିନାମା କାର୍ଯ୍ୟ କରାଯାଇଛି ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅପରପକ୍ଷେ ଫୁଲବାଣୀ ମୁନିସିପାଲିଟିର ଶ୍ରୀବଚ୍ଛ ବେହେରା ଏବଂ ଭାଗବତ ବେହେରାଙ୍କ ଉପର ଦଳୀୟ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି।

### ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

ଉଦ୍‌ଘାଟିତ ହେଲା କିସ୍-ବୌଦ୍ଧ ସ୍କୁଲ୍ ଶାଖା

# ୧୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍‌ର ଭୂମି ପୂଜନ



ଭୁବନେଶ୍ୱର/ବୌଦ୍ଧ/ହରଭଙ୍ଗା, ୧୯।୨ (ସମିସ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ବୌଦ୍ଧ ଜିଲ୍ଲା ଲୁଣିବାହାଲଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)- ବୌଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଉଦ୍‌ଘାଟନ ଓ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ୍‌ର ଭୂମିପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା, ଜିଲ୍ଲା ପରିଷଦ ସଭାପତି ପ୍ରଭାସିନୀ ଦାସ, ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ୍ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଶ୍ରୀ ଅମାତ କହିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ଆହୁରି ଆଗକୁ ନେଇଛନ୍ତି ଅଚ୍ୟୁତ ସାମନ୍ତ। ଲୁଣିବାହାଲରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କିସ୍-ବୌଦ୍ଧ ଓ ହସ୍‌ପିଟାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବୌଦ୍ଧ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି କରିବ। ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କହିଲେ, ବୌଦ୍ଧ ଜିଲ୍ଲାର ଗରିବ (ବିପିଏଲ୍) ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ କିସ୍-ବୌଦ୍ଧ ପ୍ରତିଷ୍ଠା କରାଯାଇଛି। ଏହି ବିଦ୍ୟାଳୟରେ ବିପିଏଲ୍ ବର୍ଗର ପିଲାମାନେ ବିନା ଦେୟରେ ଇଂରାଜୀ ମାଧ୍ୟମ (ସିବିଏସ୍‌ଇ)ରେ ଶିକ୍ଷାଲାଭ କରିବେ। ଏହି ବିଦ୍ୟାଳୟ କିସ୍- ଭୁବନେଶ୍ୱର ଦ୍ୱାରା ପରିଚାଳିତ ହେବ। ଚଳିତ ଶିକ୍ଷାବର୍ଷଠାରୁ ଏହି ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇ ଶିକ୍ଷାଦାନ କରାଯାଇପାରିବ। ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ କିଟ୍‌ରେ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ। ସେହିପରି ବୌଦ୍ଧ ଜିଲ୍ଲାର ଲୋକମାନଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସାଂସଦଙ୍କ ପ୍ରୟାସ କ୍ରମେ ଲୁଣିବାହାଲଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ହସ୍‌ପିଟାଲ୍ ନିର୍ମାଣ ହେବାକୁ ଯାଉଛି। ସାଂସଦଙ୍କ ପ୍ରତିଷ୍ଠିତ କିମ୍ସ ଭୁବନେଶ୍ୱର ଦ୍ୱାରା ଏହି ହସ୍‌ପିଟାଲ୍ ପରିଚାଳନା ହେବ। ପରେ ଏହି ହସ୍‌ପିଟାଲକୁ ୨୦୦ ଶଯ୍ୟା ବିଶିଷ୍ଟ କରାଯିବ। ଏହି ହସ୍‌ପିଟାଲ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଓ ନିଦାନ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଥିଲେ। କିସ୍-ବୌଦ୍ଧରେ ବୌଦ୍ଧ ଜିଲ୍ଲାର ୧୦୦ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବା ବେଳେ ଉକ୍ତ ହସ୍‌ପିଟାଲ୍‌ରେ ଜିଲ୍ଲାର ୧୫୦ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। କଣ୍ଟାମାଳ ବିଧାୟକ ଶ୍ରୀ ରଣା କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଚ୍ୟୁତ ସାମନ୍ତ ଭଳି ଜଣେ ବ୍ୟକ୍ତିଙ୍କୁ ଆମକୁ ସାଂସଦ ଭାବେ ଦେଇଥିବାରୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୩୬ ସୁଦ୍ଧା ଶ୍ରେଷ୍ଠ ଓଡ଼ିଶା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ସାଂସଦ ଶ୍ରୀ ସାମନ୍ତ ଦୁଇ ପାଦ ଆଗେଇ ନେଇଛନ୍ତି ବୋଲି ସେ କହିଥିଲେ।

## ଗଜପତିରେ ଭୂ-ସ୍ଖଳନ ମୁକାବିଲାକୁ ଗୁରୁତ୍ୱ

### ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ ସହିତ ରାଜ୍ୟ ସରକାରଙ୍କ ବୁଝାମଣା

**ଭୁବନେଶ୍ୱର,୧୯।୨(ସମିସ):** ବନ୍ୟା ବାତ୍ୟା ସମୟରେ ଭୂସ୍ଖଳନ ମୁକାବିଲା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ପାହାଡ଼ିଆ ଅଞ୍ଚଳରେ ସୃଷ୍ଟି ହେଉଥିବା ଏହି ଆଶଙ୍କା ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବାରେ ଲାଗିଛି। ତେଣୁ ଏହାର ପ୍ରଭାବ ଦୂର କରିବାକୁ ଏକ ରଣକୌଶଳାତ୍ମକ ପ୍ରୟାସରେ ଓଡ଼ିଶା ସରକାର ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ ସହଯୋଗିତାରେ ଗଜପତି ଜିଲ୍ଲାରେ ଏକ ବ୍ୟବହାରକାରୀ ଉପଯୋଗୀ ଭୂ-ସ୍ଖଳନ ପୂର୍ବ ସତର୍କ ସୂଚନା ବ୍ୟବସ୍ଥା (ଇଡବ୍ଲ୍ୟୁଏସ୍) ସ୍ଥାପନ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଏହି ପ୍ରୟାସ ଆଗୁଆ ସୂଚନା, ବିଶେଷକରି ଏକ ଢାଲୁ ଅଞ୍ଚଳରେ ପ୍ରାକୃତିକ ସ୍ଥିତାବସ୍ଥାରେ ହେଉଥିବା ଅସ୍ଥିରତା ଦ୍ୱାରା ସୃଷ୍ଟି ଭୂ-ସ୍ଖଳନ ସମ୍ପର୍କରେ ଆଗୁଆ ସତର୍କ ସୂଚନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍‌ର ପ୍ରତିନିଧି ଓଡ଼ିଶା ସରକାରଙ୍କ ସହିତ ମିଳିତ ଭାବେ କାର୍ଯ୍ୟ ଜାରି ରଖିଥିବା ବେଳେ ଇତିମଧ୍ୟରେ ଏକ ଉଚ୍ଚସ୍ତରୀୟ ଟିମ୍ ରାୟଗଡ଼ା ଜିଲ୍ଲା ସମେତ କିଛି ପାହାଡ଼ିଆ ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରରେ ସ୍ଥିତି ଯାଞ୍ଚ କରିଛନ୍ତି। ଏହାପରେ ବିଶ୍ୱ ବିଦ୍ୟାପୀଠମ ପକ୍ଷରୁ ଡଃ ମନୀଷା ଭି.ରମେଶ, ଡଃ ସୁଦେଶ କେ. ୱାଧାୱନ୍ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତ କରିବା ସହ ଭୂ-ସ୍ଖଳନ ପୂର୍ବ ସତର୍କ ସୂଚନା କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନେ ସାମିଲ ହୋଇ ଏହି ବ୍ୟବସ୍ଥା ସଫଳ ଭାବରେ କାର୍ଯ୍ୟାନ୍ୱୟନ କରିବା ନିମନ୍ତେ ଆବଶ୍ୟକ ଜରୁରୀ ଜ୍ଞାନକୌଶଳ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ।

ଭାରତ ସରକାରଙ୍କ ଅନୁରୋଧକ୍ରମେ ଏହି ବିଶ୍ୱବିଦ୍ୟାଳୟ ଉତ୍ତର-ପୂର୍ବ ହିମାଳୟର ସିକ୍କିମରେ ମଧ୍ୟ ଭୂ-ସ୍ଖଳନ ମୁକାବିଲା କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି କ୍ଷେତ୍ରରେ କାର୍ଯ୍ୟ କରିବାରେ ସଫଳତା ପାଇଁ ବିଶ୍ୱବିଦ୍ୟାଳୟକୁ ଇଣ୍ଟରନ୍ୟାସନାଲ ପ୍ରୋଗ୍ରାମ ଅନ୍ ଲ୍ୟାଣ୍ଡସ୍ଲାଇଡ୍‌ସ୍ (ଆଇପିଏଲ୍) ଦ୍ୱାରା ଭୂସ୍ଖଳନ ଆପଦ ହ୍ରାସ ଉପରେ କ୍ରମାଗତ ଭାବରେ ତିନିଥର ୱାର୍ଲଡ ସେଣ୍ଟର ଫର୍ ଏକ୍ସଲେନ୍ସ (ଡବ୍ଲ୍ୟୁସିଓଇ) ସମେତ ଅନେକ ସମ୍ମାନଜନକ ପୁରସ୍କାର ପାଇଛି।

- ସରକାରଙ୍କ ସହ ଆଲୋଚନା ସଫଳ

## ମାଟ୍ରିକ୍ ପରୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରିବ ଓଷ୍ଟା

**ଭୁବନେଶ୍ୱର, ୧୯ ।୨ (ସମିସ):** ଆସନ୍ତାକାଲି (ମଙ୍ଗଳବାର)ଠାରୁ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସଂପୂର୍ଣ୍ଣ ସହଯୋଗ କରିବ। ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ପରୀକ୍ଷା ଡ୍ୟୁଟି ରହିଛି, ସେମାନେ ଆସନ୍ତାକାଲିଠାରୁ ପରୀକ୍ଷା କାର୍ଯ୍ୟରେ ସହଯୋଗ କରିବେ। ସରକାରଙ୍କ ସହ ସଫଳ ଆଲୋଚନା ଏବଂ ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ମାତ୍ର ବିଜ୍ଞପ୍ତି ବାହାରିବା ପର୍ଯ୍ୟନ୍ତ ପ୍ରତୀକାତ୍ମକ ଜିଲ୍ଲାୱାରୀ ଧାରଣା ଚାଲୁ ରହିବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ବିଧାନସଭା ସମ୍ମୁଖରେ ସଂଘ ପକ୍ଷରୁ ଗତ ୧୩ ଦିନ ହେବ ଗଣଧାରଣା ଚାଲୁ ରହିଥିବା ବେଳେ ଆଜି ସନ୍ଧ୍ୟାରେ ସରକାରଙ୍କ ତରଫରୁ ଆଲୋଚନା ପାଇଁ ଡାକରା ଆସିଥିଲା। ଓଷ୍ଟାର ୬ଜଣିଆ ଏକ ଦଳ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍., ବିଭାଗୀୟ ଅତିରିକ୍ତ ଶାସନ ସଚିବ, ଗଣଶିକ୍ଷା ନିର୍ଦ୍ଦେଶକ ଓ ବିଧାୟକ ପ୍ରଣବ ପ୍ରକାଶ ଦାଶଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ସକାରାତ୍ମକ ରହିଥିଲା। ସଂଘର ଦାବି ପ୍ରତି ଦୃଷ୍ଟି ଦେଇ ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ ଓଷ୍ଟା ନେତୃମଣ୍ଡଳୀ ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଭାଗ ନେଇଥିଲେ।

# କେବିକେରେ ଅଧିକ ବାଲ୍ୟବିବାହ

- ଦୁଇ ଜିଲ୍ଲା ହୋଇଛି ସମ୍ପୂର୍ଣ୍ଣ ବାଲ୍ୟ ବିବାହମୁକ୍ତ ଜିଲ୍ଲା
- କାମ ଦେଉଛି 'ଅଦ୍ୱିକା'

**ଭୁବନେଶ୍ୱର, ୧୯ ।୨ (ସମିସ):** ପୂର୍ବାପେକ୍ଷା ରାଜ୍ୟରେ ବାଲ୍ୟ ବିବାହ ସଂଖ୍ୟା ହ୍ରାସ ପାଇଛି। ତେବେ ୧୮ ବର୍ଷରୁ କମ୍ ନାବାଳିକଙ୍କ ବିବାହ ଉପରେ ଅଙ୍କୁଶ ଲାଗିପାରୁନାହିଁ। କେବିକେ ଜିଲ୍ଲାରେ ଏହା ବେଶି ଦେଖିବାକୁ ମିଳୁଛି। ଗତ ୫ବର୍ଷ ଭିତରେ ଏହି ଜିଲ୍ଲାଗୁଡ଼ିକରେ ୧୪୧୭ଟି ବାଲ୍ୟ ବିବାହ ହୋଇଛି। ମାଲକାନଗିରିରେ ସର୍ବାଧିକ ବାଲ୍ୟ ବିବାହ ହୋଇଥିବା ଜଣାପଡ଼ିଛି। ବିଧାନସଭାର ଗତ ବଜେଟ ଅଧିବେଶନରେ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି, ୫ଟି ଜିଲ୍ଲାରେ ବାଲ୍ୟ ବିବାହ ସଂଖ୍ୟା ଅଧିକ ରହିଛି। ମାଲକାନଗିରିରେ ସର୍ବାଧିକ ୫୮୦ଟି ବାଲ୍ୟ ବିବାହ ହୋଇଥିବା ବେଳେ ଏହା ପଛକୁ ନବରଙ୍ଗପୁର ଜିଲ୍ଲାରେ ୪୧୫, କୋରାପୁଟରେ ୩୮୯, ବଲାଙ୍ଗିରରେ ୨୯ଟି ଏବଂ ସୋନପୁରରେ ୧୨ଟି ବାଲ୍ୟ ବିବାହ ହୋଇଛି। କଳାହାଣ୍ଡି, ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲାରେ ବାଲ୍ୟ ବିବାହ ହୋଇନାହିଁ।

ଜାତୀୟ ପରିବାର କଲ୍ୟାଣ ସ୍ୱାସ୍ଥ୍ୟ ରିପୋର୍ଟ-୫ ଅନୁସାରେ, ରାଜ୍ୟର ସହରାଞ୍ଚଳରେ ୧୮ ବର୍ଷ ପୂର୍ବରୁ ୧୪.୫% ଏବଂ ଗ୍ରାମାଞ୍ଚଳରେ ୨୧.୭% ନାବାଳିକା ବିବାହ ହୋଇଥିଲା। ତେବେ ବାଲ୍ୟ ବିବାହ ବିରୋଧରେ ରାଜ୍ୟ ସରକାରଙ୍କର ନୀତିଗତ ପଦକ୍ଷେପ ହେତୁ ଗତ ୫ବର୍ଷ ଭିତରେ ବାଲ୍ୟ ବିବାହ ମାମଲାରେ ହ୍ରାସ ଘଟିଛି। ୨୦୨୦-୨୧ ମଧ୍ୟରେ ରାଜ୍ୟରେ ୬୪ଟି ବାଲ୍ୟ ବିବାହ ହୋଇଥିଲା। ୨୦୧୯ରେ ୧୯ ଏବଂ ୨୦୨୦ରେ ୨୪ଟି ମାମଲା ରୁଜୁ ହୋଇଥିଲା। ତେବେ ଶିଶୁ ବିବାହ ନିରୋଧ ଆଇନ-୨୦୦୬ ଅନୁସାରେ ୪୬ଟି ମାମଲା ରୁଜୁ ହୋଇଥିଲା। ସେହିପରି ବିବାହ ପ୍ରଲୋଭନ ଦେଖାଇ ଅପରାଧ କରିବା ନେଇ ପୋସ୍କୋ ଆଇନରେ ୧୬୧୬ଟି ମାମଲା ରୁଜୁ ହୋଇଛି। ଉଲ୍ଲେଖନୀୟ ହେଉଛି, ଏକଦା ସର୍ବାଧିକ ବାଲ୍ୟ ବିବାହ ହେଉଥିବା ଗଜପତି ଜିଲ୍ଲା ବାଲ୍ୟ ବିବାହଶୂନ୍ୟ ଆଖ୍ୟା ପାଇଛି। ସମ୍ପୂର୍ଣ୍ଣ ବାଲ୍ୟବିବାହମୁକ୍ତ ଭାବେ ଗଞ୍ଜାମ ପରେ ଗଜପତି ଜିଲ୍ଲା ହେଉଛି ଦ୍ୱିତୀୟ। ବାଲ୍ୟ ବିବାହ ରୋକିବା ଲାଗି ଦୁଇବର୍ଷ ପୂର୍ବେ ପଞ୍ଚାୟତିରାଜ ଅନୁଷ୍ଠାନ, ଗୋଷ୍ଠୀ ସଂଯୋଜକଙ୍କ ମିଳିତ ଉଦ୍ୟମରେ ଗ୍ରାମାଞ୍ଚଳଭିତ୍ତିକ କାର୍ଯ୍ୟକ୍ରମ, ଜନସଚେତନତା କାର୍ଯ୍ୟକ୍ରମ ଏବଂ କିଛି ଅଭିନବ କାର୍ଯ୍ୟକ୍ରମ ଜରିଆରେ ନିଆଯାଉଥିବା ପଦକ୍ଷେପ ବାଲ୍ୟ ବିବାହ ରୋକିବାରେ ସଫଳ ହେଉଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ, ରାଜ୍ୟ ଶିଶୁ ଅଧିକାର ଆୟୋଗ, ଜିଲ୍ଲା ପୁଲିସ ଏବଂ ଅନ୍ୟ ପ୍ରବର୍ତ୍ତନ ଏଜେନ୍ସି ଜରିଆରେ ବାଲ୍ୟ ବିବାହ ରୋକିବା ଲାଗି ନିଆଯାଉଥିବା ପଦକ୍ଷେପ ଫଳପ୍ରସୂ ହେଉଛି। ବାଲ୍ୟ ବିବାହ ରୋକିବା ଲାଗି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଜାରି ଏସ୍‌ଓପି ଉପରେ ମଧ୍ୟ ପଦକ୍ଷେପ ନିଆଯାଉଛି। ଗ୍ରାମ୍ୟ କମିଟି, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ସହାୟତା ନିଆଯାଉଛି। ପରିଣାମ ସ୍ୱରୂପ ବାଲ୍ୟ ବିବାହ ରୋକିବା ଦିଗରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ ଭାବେ ଉଭା ହୋଇଛି। ୨୦୨୦ ଅକ୍ଟୋବର ୧୧, ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ରାଜ୍ୟ ସରକାର 'ଅଦ୍ୱିକା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ସରକାରଙ୍କର ୧୫ଟି ବିଭାଗ ମିଳିତ ଭାବେ ଶୂନ୍ୟ ବାଲ୍ୟ ବିବାହ ଲକ୍ଷ୍ୟ ହାସଲ ଦିଗରେ କାମ କରୁଛନ୍ତି।

ସବୁ ସୂଚନା ଜ୍ଞାନବର୍ଦ୍ଧକ ନୁହେଁ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ସାମାଜିକ ଗଣମାଧ୍ୟମ ବିପଥଗାମୀ

# କଡ଼ା ଲଗାମ ଜରୁରୀ

'ସୂଚନା ହିଁ ଶକ୍ତି' - ଏକ ପରିଚିତ ପ୍ରବାଦ। ଅପରପକ୍ଷରେ ଗୁଜବ ଓ ଅପପ୍ରଚାର ହେଉଛି ବିଘ୍ନକାରୀ ତଥା ବିଭ୍ରାନ୍ତିକର। ସାମ୍ପ୍ରତିକ ଡିଜିଟାଲ୍ ଗଣମାଧ୍ୟମର ଖରାପ ଦିଗଟି ହେଲା ଏହାର ଉପଦ୍ରବକାରୀ ଗୁଣ। ଏହା ଦୁଷ୍ଟାମୀ ଓ ବିଶୃଙ୍ଖଳାର ହାତବାରିସି ବୋଲି ଗଣମାଧ୍ୟମ ପଣ୍ଡିତଙ୍କ ମତ। ଆଜିର ନ୍ୟୁ ମିଡିଆ, ବିଶେଷକରି ସାମାଜିକ ଗଣମାଧ୍ୟମ ପ୍ରଯୁକ୍ତି ବିଦ୍ୟା ପହଞ୍ଚ ଦୃଷ୍ଟିରୁ ଅତି ଉନ୍ନତ ତଥା ବ୍ୟାପକ। ଏହାକୁ ନିୟନ୍ତ୍ରଣ କରିବାକୁ ଯେଉଁ କୋହଳ ଆଇନକାନୁନ ବା କଟକଣା ଅଛି, ତାହାକୁ ବ୍ୟବହାରକାରୀ ଅନାୟାସରେ ଅତିକ୍ରମ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସରକାର ଏବଂ ନିୟନ୍ତ୍ରଣକାରୀ ଡାଳେ ଡାଳେ ଗଲେ ସେମାନେ ପତ୍ରେ ପତ୍ରେ ଯାଉଛନ୍ତି। ଆଗକୁ ସାଧାରଣ ନିର୍ବାଚନ ସହିତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଅତଏବ ପ୍ରାକ୍ ନିର୍ବାଚନ ଦୃଶ୍ୟପଟରେ ସାମାଜିକ ଗଣମାଧ୍ୟମର ଭୂମିକା ଅଧିକ ରହିବ ଏବଂ ମାତ୍ରାଧିକ ଭାବେ ସକ୍ରିୟ ହୋଇ କାମ କରିବା ନିଶ୍ଚିତ। ୨୦୧୪ ସାଧାରଣ ନିର୍ବାଚନ ପରଠାରୁ ଏହା ସ୍ପଷ୍ଟ ହୋଇସାରିଛି। ଏଥର ମଧ୍ୟ ଡିଜିଟାଲ୍ ମଞ୍ଚଗୁଡ଼ିକ ଏହା ଗୋଟିଏ ଗୋଟିଏ ଦଳ ବା ମେଣ୍ଟ ପାଇଁ ଉଭୟ ପ୍ରଚାର ଏବଂ ଅପପ୍ରଚାରର ସକ୍ରିୟ ମାଧ୍ୟମ ପାଲଟିବ। ଏହା ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହୁଛି। ବିଶେଷକରି ଭୁଲ୍ ଓ ବିଭ୍ରାନ୍ତିକର ତଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଇଣ୍ଟରନେଟ୍‌ରେ ଜାଲିଆତି ଚିତ୍ର ପ୍ରସାରିତ କରି ଅପପ୍ରଚାର ହେବାର ଉଦାହରଣ ଆଜିଠାରୁ ଦେଖାଗଲାଣି। ଏହାକେବଳ ଭାରତରେ ନୁହେଁ, ବରଂ ବିଶ୍ୱରେ ପ୍ରାୟ ସବୁ ଗଣତାନ୍ତ୍ରିକ ଦେଶରେ ତା'ର ବିଷବଳୟ ବିସ୍ତାର କରିସାରିଲାଣି। ପ୍ରଖ୍ୟାତ ରାଜନୈତିକ ନେତାମାନଙ୍କର ଚରିତ୍ର ହନନ ପାଇଁ ଏହା ଏକ ସାଧନ ଭାବେ ବହୁଳ ବ୍ୟବହାର ଦେଖିବାକୁ ମିଳିଲାଣି। ସେଥିପାଇଁ ସୋସିଆଲ୍ ମିଡିଆ ଉପରେ ଏବେଠୁ କଟକଣା ଜାରି କରିବାକୁ ଭାରତର ସର୍ବୋଚ୍ଚ ଅଦାଲତ ମଧ୍ୟ ନିର୍ଦ୍ଦେଶ ଦେଇସାରିଛନ୍ତି।

ଏବେ ନ୍ୟୁମିଡିଆରେ ଅପପ୍ରଚାର ବା ଡିପ୍‌ଫେକ୍ ବହୁଳ ଭାବେ ପ୍ରସାରିତ ହେଉଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତକାଲି କୁହାଯାଇଛି ଯେ ଭାରତରେ ଇଣ୍ଟରନେଟ୍ ପ୍ଲାଟ୍‌ଫର୍ମ ଓ ସୋସିଆଲ୍ ମିଡିଆ ସୂଚନା ପ୍ରସାରଣର ମଧ୍ୟସ୍ଥି ମଞ୍ଚ (ଇଣ୍ଟର ମିଡିଆରି) ସଂସ୍ଥା ଓ ସଂଗଠନ ଭୁଲ୍ ଖବର, ଅପପ୍ରଚାର ଏବଂ ଡିପ୍‌ଫେକ୍‌ଠାରୁ ଦୂରେଇ ରହିବାକୁ ଆଇନତଃ ବାଧ୍ୟ। ସେମାନଙ୍କ ମଞ୍ଚ ବା ପୃଷ୍ଠାରେ ଏଭଳି କୌଣସି ଭ୍ରମାତ୍ମକ ବିଷୟବସ୍ତୁ ଯେପରି ସ୍ଥାନ ନ ପାଏ, ସେଥିପାଇଁ ସମ୍ପୃକ୍ତ ସଂସ୍ଥା ଯତ୍ନବାନ ହେବା ଜରୁରୀ। ତା'ନହେଲେ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ।

କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏହି ପ୍ରସଙ୍ଗରେ କହିଛନ୍ତି ଯେ ତ୍ରୁଟିପୂର୍ଣ୍ଣ ସୂଚନାକୁ ରୋକିବାକୁ ମିଳିତ ଭାବେ ଏକ ଉତ୍ସର୍ଗୀକୃତ ତଥ୍ୟ ନିରୀକ୍ଷଣକାରୀ ହେଲ୍‌ପ୍‌ଲାଇନ୍ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏହା ବିଭିନ୍ନ ଡିଜିଟାଲ୍ ଗଣମାଧ୍ୟମମାନଙ୍କର ପ୍ରାଥମିକ ଦାୟିତ୍ୱ। ସେମାନେ ଅଭିବ୍ୟକ୍ତି ସ୍ୱାଧୀନତା ତଥା ଖୋଲା ମତ ପ୍ରକାଶ ବାହାନାରେ କାହାର ବ୍ୟକ୍ତିଗତ ସ୍ୱାଧୀନତାକୁ କ୍ଷୁଣ୍ଣ କରିପାରିବେ ନାହିଁ ଏବଂ ନିର୍ବାଚନରେ ମତଦାତାଙ୍କୁ ବିଭ୍ରାନ୍ତ କରି ରାଜନୈତିକ ଦଳଙ୍କୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। କୌଣସି ଏକ ମିଛ ଖବରକୁ ଧରିବା ବା ଚିହ୍ନଟ କରିବା ପାଇଁ ଏକ ବିଶ୍ୱସନୀୟ ଫ୍ୟାକ୍ଟଚେକର(ସୂଚନା ଯାଞ୍ଚକାରୀ) ସଫ୍ଟୱେର ବ୍ୟବହାର କରିବା ଭଲ। ଏହାଦ୍ୱାରା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଖବର ଓ ଅଖବର ଆପେ ଆପେ ଧରା ପଡ଼ିଯିବ ଏବଂ ଆବଶ୍ୟକ ହେଲେ ଏଥିପାଇଁ କୃତ୍ରିମ ବୁଦ୍ଧିମତ୍ତାକୁ ମଧ୍ୟ ପ୍ରୟୋଗ କରାଯିବ। ତେବେ କଥା ହେଉଛି ଦେଶର ସବୁ ଇଣ୍ଟରନେଟ୍ ପ୍ଲାଟଫର୍ମ ଓ ଇଣ୍ଟରମିଡିଆରି ଏଭଳି ଆଇନଗତ ବ୍ୟବସ୍ଥାକୁ ପରିପାଳନ କରିବାକୁ ବାଧ୍ୟ ଥିଲେ ହେଁ ଏହାର ଖୋଲାଖୋଲି ଉଲ୍ଲଂଘନ ସାମ୍ନାକୁ ଆସୁଛି।

ନିୟମର ଉଲ୍ଲଂଘନକୁ ଠାବ କରିବାକୁ ଆମ ଏବର ତଦାରଖକାରୀ ବ୍ୟବସ୍ଥା ଯଥେଷ୍ଟ ଶକ୍ତିଶାଳୀ ନୁହେଁ। ମୋବାଇଲ ଫୋନ୍‌ରେ ଜଣକ ଅନିଚ୍ଛା ସତ୍ତ୍ୱେ ଭୟଙ୍କର ଯୌନ ଉଦ୍ଦୀପକ ଭିଡିଓ, କାହାଣୀ ଓ ଦୃଶ୍ୟାବଳୀ ପଶିଆସୁଛି। ସେ ସବୁର ଟେକ୍‌ନୋଲୋଜି ଏତେ ଉନ୍ନତ ଯେ ତାହାକୁ ବ୍ଲକ କରିବା ମୋବାଇଲ ବ୍ୟବହାରକାରୀ ପକ୍ଷେ ସର୍ବଥା ସମ୍ଭବ ନୁହେଁ। କଥା ସେତିକିରେ ସରୁ ନାହିଁ। ସାଧୁବାଣୀ, ନୀତି କଥା, ହିତୋପଦେଶ ଆଦି ବ୍ୟାନରରେ ଅନେକ ଭିଡିଓ ମୋବାଇଲ୍‌ରେ ପଶିଆସୁଛି, ଯେଉଁଥିରେ ଅଶ୍ଳୀଳତା ଓ ନଗ୍ନତା ଭର୍ତ୍ତି ହୋଇ ରହିଛି। ତା'ଛଡ଼ା ପୋର୍ଣ୍ଣୋଗ୍ରାଫି (ଅଶ୍ଳୀଳ) ଚାନେଲ୍‌ର ବଛା ବଛା ଯୌନ ଉଦ୍ଦୀପକ ତଥା ବିକାରପୂର୍ଣ୍ଣ ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଇ ହୋଇଯାଉଛି। ସୂଚନା ଓ ମନୋରଞ୍ଜନ ଆଳରେ ଆମେ ଓ ଆମ ସଭ୍ୟତା କୁଆଡ଼େ ଯାଇ ପହଞ୍ଚିଲାଣି, ତାହା ଅନୁମାନ କରିବା କଷ୍ଟ। ଏବେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାଙ୍କର ମୁଖମଣ୍ଡଳକୁ ଅନ୍ୟ ଲୋକଙ୍କ ଚେହେରାରେ ଥାପନ କରାଯାଇ ଯେଉଁ ଅଶ୍ଳୀଳ ଓ ଆପତ୍ତିଜନକ କାର୍ଟୁନ ଏବଂ ବ୍ୟଙ୍ଗ ପ୍ରଦର୍ଶନ କରାଯାଉଛି, ତାହା ମଧ୍ୟ ଘୋର ଆପତ୍ତିଜନକ ଏବଂ ଚିନ୍ତାର ବିଷୟ। ମନେ ହେଉଛି ମୋବାଇଲ୍‌ର ସ୍କ୍ରିନ୍ ଏବେ ଲଗାମ ଛଡ଼ା ହୋଇଯାଇଛି। ନା ଏଠି ଅଛି ସାଧୁତା, ଶାଳୀନତା, ସଚ୍ଚୋଟତା, ତଥ୍ୟ, ସମ୍ଭ୍ରମ ନା ବିବେକ। ଆଜିର ବିଜ୍ଞାନ ଯେପରି ମଣିଷକୁ ଏକ ଚରିତ୍ର ସଂହାରକାରୀ, ଉପଦ୍ରବକାରୀ ଆୟୁଧ ଧରାଇ ଦେଇଛି।

ସରକାର ଇଣ୍ଟରନେଟ୍, ସୂଚନା ଓ ମନୋରଞ୍ଜନକାରୀ ସଂସ୍ଥାଙ୍କ ପାଇଁ ଆଇନ କରିଛନ୍ତି। ଆଇନ୍ ବିରୁଦ୍ଧରେ ଯାଇ ସମାଜ ଓ ମଣିଷର କ୍ଷତି କରୁଥିବା ତଥ୍ୟ, ଦୃଶ୍ୟ ଓ ଭିଡିଓ ପ୍ରସାରିତ ହେବା କଥା ନୁହେଁ। ଏବେ କିନ୍ତୁ ବ୍ୟକ୍ତିବିଶେଷ, ହ୍ୟାକର୍ସ ଏସବୁ ପ୍ଲାଟ୍‌ଫର୍ମରେ ବିନା ଦ୍ୱନ୍ଦ୍ୱରେ ଓ ନିର୍ଭୟରେ ଅତ୍ୟନ୍ତ ଚତୁରତାର ସହିତ ବିଭ୍ରାନ୍ତ ଓ ବିଘ୍ନକାରୀ ଭିଡିଓ ଛାଡୁଛନ୍ତି। ସେମାନଙ୍କୁ ରୋକିବ କିଏ? ଏହି ନୂଆ ଟେକ୍‌ନୋଲୋଜିକୁ ନିୟନ୍ତ୍ରଣରେ ରଖିବା ପାଇଁ ଆହୁରି କଠୋର ଆଇନ ଏବଂ ସୁଦୃଢ଼ ତଦାରଖକାରୀ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଭ୍ରମ ସୃଷ୍ଟିକାରୀ ଓ ମିଥ୍ୟା ଅପପ୍ରଚାର ଅନିୟନ୍ତ୍ରିତ ଡିଜିଟାଲ୍ ମଞ୍ଚଗୁଡ଼ିକ ଉପରେ ଜୋରଦାର ଲଗାମ ନ ଲଗାଇଲେ ଅର୍ଥନୀତି, ରାଜନୀତି, କୂଟନୀତି ଓ ସମାଜ ବ୍ୟବସ୍ଥା ଉପରେ ଯେଉଁ ପ୍ରଚଣ୍ଡ ଆଘାତ ହେବ, ତାହା ଅକଳନୀୟ।

# ପ୍ରଥମ ଭାରତ-ପାକ୍ ଯୁଦ୍ଧର ଅକୁହା କଥା



ଅଶୋକ ଓଗ୍ରା
ନୂଆଦିଲ୍ଲୀ, ମୋ: ୯୮୧୦୫୦୨୬୭୪

୧୯୪୭ ମସିହା ଅଗଷ୍ଟ ମାସରେ ଯେତେବେଳେ ଭାରତ ପ୍ରାୟ ତିନିଶହ ବର୍ଷର ବ୍ରିଟିଶ ଶାସନରୁ ମୁକ୍ତ ହେଲା ସେତେବେଳେ ଆମ ଦେଶ ହିନ୍ଦୁ-ସଂଖ୍ୟାଗରିଷ୍ଠ ଭାରତ ଏବଂ ମୁସଲମାନ ସଂଖ୍ୟାଗରିଷ୍ଠ ପାକିସ୍ତାନ ଭାବରେ ବିଭାଜିତ ହେଲା। ଏଥିସହିତ ମାନବ ଇତିହାସରେ ସବୁଠାରୁ ବଡ଼ ସ୍ଥାନାନ୍ତରଣ ଆରମ୍ଭ ହେଲା। ଲକ୍ଷ ଲକ୍ଷ ମୁସଲମାନ ପଶ୍ଚିମ ଓ ପୂର୍ବ-ପାକିସ୍ତାନ(ବର୍ତ୍ତମାନ ବାଂଲାଦେଶ)କୁ ଯାତ୍ରା କଲା ବେଳେ ଲକ୍ଷ ଲକ୍ଷ ହିନ୍ଦୁ ଓ ଶିଖ ବିପରୀତ ଦିଗକୁ ଯାତ୍ରା କରୁଥିଲେ। ଏହି ବିଭାଜନ ସମୟର ଅନେକ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଏବେ ମଧ୍ୟ ଥିବା ବେଳେ ଏ ସମ୍ପର୍କରେ ଲିଖିତ ପୁସ୍ତକ, ପତ୍ରପତ୍ରିକା ଆଦି ଜରିଆରେ ପରବର୍ତ୍ତୀ ପିଢ଼ିଙ୍କ ମନରେ ଏହି ଦୃଶ୍ୟ ଆଜି ମଧ୍ୟ ସତେଜ ହୋଇ ରହିଛି।

ଉପ-ମହାଦେଶର ଏହି ବଡ଼ ବିପର୍ଯ୍ୟୟର କାହାଣୀ ମଧ୍ୟରେ ଲୁଚି ଯାଇଛି ୧୯୪୭-୪୮ ମସିହାରେ ଜାମ୍ମୁ-କାଶ୍ମୀରରେ ପାକିସ୍ତାନ ଆକ୍ରମଣକାରୀଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାର ର ବିବରଣୀ। ପାକିସ୍ତାନୀ ସେନା ଦ୍ୱାରା ହୋଇଥିବା ବର୍ବର ଆକ୍ରମଣରେ ପ୍ରାୟ ୩୮, ୦୦୦ ହିନ୍ଦୁ ଏବଂ ଶିଖ ପ୍ରାଣ ହରାଇଥିଲେ। ସରକାରୀ କଳ ଏବଂ ଅନ୍ୟାନ୍ୟ ଅନୁସନ୍ଧାନକାରୀ ସଂସ୍ଥା କିନ୍ତୁ କେବଳ ଏହି ଆକ୍ରମଣରେ ବାରାମୁଲା ର ଖ୍ରୀଷ୍ଟିଆନ ମିଶନ ହସ୍ପିଟାଲରେ ସାତ ଜଣଙ୍କ ମୃତ୍ୟୁ ଘଟଣାକୁ ଅଧିକ ଆଲୋକପାତ କରିଛନ୍ତି। ଇତିହାସରେ ରୁଚି ରଖୁଥିବା ଚକ୍ଷୁ ବିଶେଷଜ୍ଞ ଡକ୍ଟର ରମେଶ ତାମିରି ପ୍ରଥମ ଥର ପାଇଁ ତାଙ୍କ ନୂତନ ପୁସ୍ତକରେ ଇତିହାସର ଏହି ଲୁକ୍କାୟିତ ଅଧ୍ୟାୟକୁ ଉନ୍ମୋଚନ କରିଛନ୍ତି। କହିବାକୁ ଗଲେ ୧୯୪୭ରେ ହୋଇଥିବା ପାକ୍ ପ୍ରାୟୋଜିତ ଆକ୍ରମଣ ଘଟଣାର ଏହା ପ୍ରଥମ ବିସ୍ଫୋରକ ସତ୍ୟନିଷ୍ଠ ବିବରଣୀ!

ଡକ୍ଟର ରମେଶ ତାଙ୍କର ଚିତ୍ତାକର୍ଷକ ପୁସ୍ତକ 'ପାକିସ୍ତାନ୍‌ସ ଇନ୍‌ଭେଜନ ଅନ୍ ଜେଆଣ୍ଡକେ (୧୯୪୭-୪୮): ଅନଟୋଲ୍ଡ ଷ୍ଟୋରିଜ୍ ଅଫ୍ ଭିକ୍ଟିମସ'(ପାକିସ୍ତାନର ଜାମ୍ମୁ ଓ କାଶ୍ମୀର ଉପରେ ଆକ୍ରମଣ(୧୯୪୭-୪୮): ପୀଡ଼ିତଙ୍କ ଅକୁହା କଥା) ରେ କରିଥିବା ବର୍ଣ୍ଣନା ଅନୁଯାୟୀ - କାଶ୍ମୀର ଦଖଲ କରିବା ପାଇଁ ପାକିସ୍ତାନ ଦ୍ୱାରା କରାଯାଇଥିବା ଏହି ଆକ୍ରମଣ ନାଜି ହଲୋକଷ୍ଟ ଶୈଳୀ ସହିତ ତୁଳନୀୟ। ପାକିସ୍ତାନୀ ଆକ୍ରମଣକାରୀଙ୍କ ଦ୍ୱାରା ସେହି ଅଞ୍ଚଳରେ ରହୁଥିବା ସଂଖ୍ୟାଲଘୁ ହିନ୍ଦୁ ଓ ଶିଖଙ୍କ ବିରୁଦ୍ଧରେ ଆକ୍ରମଣ ସମ୍ପୂର୍ଣ୍ଣ ରୂପେ ଆତଙ୍କବାଦୀ ଅତ୍ୟାଚାର ସହ ସମାନ। ଏହି ପୃଷ୍ଠଭୂମିରେ ଲେଖକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ତାହା ହେଲା - ଏହି ଅତ୍ୟାଚାର ପଛରେ ଉଦ୍ଦେଶ୍ୟ କଣ ଥିଲା?

ଆକ୍ରମଣର ବହୁ ପୂର୍ବରୁ ଜିନ୍ନା ଏବଂ ଅନ୍ୟ ତୁଙ୍ଗ ନେତାମାନେ କାଶ୍ମୀରକୁ ଏକ ଗଡ଼ଜାତ ରାଜ୍ୟ ଭାବରେ ଚିତ୍ରଣ କରିଥିଲେ, ଯାହା ପାକିସ୍ତାନର ଅଂଶବିଶେଷ । ୧୯୪୭ରେ ବିଭାଜନ ସହିତ ସୃଷ୍ଟ ହିଂସା ସମୟରେ ପାକିସ୍ତାନୀମାନଙ୍କର ବିସ୍ତାରବାଦୀ ଅଭିଳାଷ ଆହୁରି ଉଗ୍ର ହୋଇଥିଲା। ଆମେ ସମସ୍ତେ ଜାଣୁ ଯେ ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଆକସେସନ୍‌ରେ ରାଜା ହରି ସିଂଙ୍କ ସ୍ୱାକ୍ଷରରେ ବିଳମ୍ବ ହିଁ ପାକିସ୍ତାନୀ ସେନାକୁ ଏହି ଆକ୍ରମଣ ଆରମ୍ଭ କରିବାକୁ ଉତ୍ସାହିତ କରିଥିଲା। କିନ୍ତୁ ଏହି ବିଳମ୍ବ ପାଇଁ ହରି ସିଂ ଦାୟୀ ବୋଲି ହେଉଥିବା ଅଭିଯୋଗକୁ ଡକ୍ଟର ରମେଶ ଐତିହାସିକ ତଥ୍ୟ ବଳରେ ଦୃଢ଼ ଖଣ୍ଡନ କରି ଏଭଳି ଅଭିଯୋଗକୁ ଭିତ୍ତିହୀନ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି। ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଆକସେସନ୍ ସ୍ୱାକ୍ଷରିତ ହେବା ସମୟରେ ମହାରାଜା ହରି ସିଂଙ୍କ ପାଖରେ ମାତ୍ର ୯୦୦୦ ସୈନିକ ଥିଲେ। ଭାରତୀୟ ସୈନ୍ୟ କାଶ୍ମୀରରେ ଅବତରଣ କରି ଆକ୍ରମଣକାରୀଙ୍କୁ ତଡ଼ିବା ବେଳକୁ ସେହି ଅଞ୍ଚଳର ଏକ ବଡ଼ ଅଂଶ ପାକିସ୍ତାନର ବେଆଇନ ଦଖଲକୁ ଯାଇସାରିଥିଲା। ଐତିହାସିକ ଲେଖକ ବଳରାଜ ମାଧୋକଙ୍କ ଏକ ଉକ୍ତିକୁ ଉଦ୍ଧାର କରି ଡକ୍ଟର ରମେଶ ଲେଖିଛନ୍ତି ଯେ ୨୪ ଅକ୍ଟୋବର ୧୯୪୭ ରେ ବାରାମୁଲ୍ଲାରେ ଦଶହରା ଦିନ କିମ୍ବା ଜାମ୍ମୁ ସୀମା ଗସ୍ତ ସମୟରେ ମହାରାଜା ହରି ସିଂଙ୍କୁ ହତ୍ୟା କରିବା ପାଇଁ ପାକିସ୍ତାନୀ ଆତଙ୍କବାଦୀ ଷଡ଼ଯନ୍ତ୍ର ଚୂଡ଼ାନ୍ତ କରିସାରିଥିଲେ। ରମେଶ ଆହୁରି ମଧ୍ୟ ଲେଖିଛନ୍ତି ଯେ ଆକ୍ରମଣକାରୀଙ୍କ ମଧ୍ୟରେ ଏକ ବଡ଼ ଅଂଶ ଥିଲା ପାଖତୁନ ଆଦିବାସୀମାନଙ୍କର। କିନ୍ତୁ ନାଜିଶୈଳୀରେ ସେମାନଙ୍କ ଆକ୍ରମଣ ପଛରେ ପାକିସ୍ତାନ ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଥିଲା। ଏହି ଷଡ଼ଯନ୍ତ୍ର ଓ ଆକ୍ରମଣରେ ପ୍ରତ୍ୟକ୍ଷ ଭାବେ ପାକିସ୍ତାନୀ ସେନା, ଅଧିକାରୀ, ବରିଷ୍ଠ ଅମଲାତନ୍ତ୍ର ଏବଂ ବ୍ରିଟିଶ ସେନା ଅଧିକାରୀ ଏବଂ ଏପରିକି ରାଜ୍ୟପାଳମାନେ ସମ୍ପୃକ୍ତ ଥିଲେ।



ଡାକ୍ତର ରମେଶ ଲେଖିଛନ୍ତି ଯେ ଆକ୍ରମଣକାରୀଙ୍କ ନେତୃତ୍ୱ ନେଇଥିଲେ ମେଜର ଖୁରସିଦ ଅନୱାର ଓ ଖାନ ରହିମ ଦାଦ୍ ସଲାର। ଆକ୍ରମଣକାରୀମାନଙ୍କୁ ପାକିସ୍ତାନ ପକ୍ଷରୁ ସବୁପ୍ରକାର ସରକାରୀ ସହାୟତା ମିଳିଥିଲା। ଶେଷରେ ଆକ୍ରମଣକାରୀମାନେ ଲୁଟ୍‌ପାଟ୍ ସହିତ ବ୍ୟାପକ ଅଗ୍ନିକାଣ୍ଡ ମଧ୍ୟ ଭିଆଇଥିଲେ। ଏହା ଏପରି ଏକ ଲୋମହର୍ଷଣକାରୀ ଘଟଣା ଥିଲା ଯେଉଁଥିରେ ହତ୍ୟା, ବଳାତ୍କାର ଓ ପଳାୟନ ଆଦି ଅମାନବୀୟ କାହାଣୀ ସବୁଦିନ ପାଇଁ ଯୋଡ଼ି ହୋଇ ରହିଗଲା। ସାଧାରଣ ଲୋକଙ୍କ ଉପରେ ହୋଇଥିବା ଏହି ଆକ୍ରମଣର କାହାଣୀରେ ଏକ ବୃହତ ରାଜନୀତି ଓ ସ୍ୱାର୍ଥ ମଧ୍ୟ ଜଡ଼ିତ ଥିଲା।

ଲେଖକଙ୍କ କହିବା ଅନୁଯାୟୀ ମୁଜାଫରାବାଦରେ ଘଟିଥିବା ଘଟଣାର ପ୍ରଥମ ବିବରଣୀ ୧୯୬୧ ମସିହାରେ ଭାରତ ସରକାରଙ୍କ ପ୍ରଚାର ବିଭାଗ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହା ଥିଲା କ୍ରୀଷ୍ଣା ମେହେଟାଙ୍କ ପ୍ରତ୍ୟକ୍ଷଦର୍ଶୀ ସ୍ମୃତିର ବିବରଣୀ। ସେ ଏବଂ ତାଙ୍କ ପରିବାର କିପରି ସେହି ଭୟଙ୍କର ଦିନଗୁଡ଼ିକର ସମ୍ମୁଖୀନ ହୋଇଥିଲେ ତାହା ସେଥିରେ ବର୍ଣ୍ଣନା କରାଯାଇଥିଲା। ଆଉ ଏକ ପୃଷ୍ଠାରେ ମିରପୁରରେ ଶିକ୍ଷାବିତ୍ ଅମର ଦେବୀଙ୍କ ସହିତ ଘଟିଥିବା ଘଟଣାର ବର୍ଣ୍ଣନା ଥିଲା। ସେହିଭଳି ରାଜୌରୀରେ ଘଟିଥିବା ଘଟଣାର ପିଶୋରୀ ଲାଲ ଜିଞ୍ଜୋଟିଆଙ୍କ ଦ୍ୱାରା ଏବଂ ଏସ କୁମାର ମହାଜନଙ୍କ ଦ୍ୱାରା ସ୍କାର୍ଡୁରେ ଘଟିଥିବା ଘଟଣାର ବର୍ଣ୍ଣନା ମଧ୍ୟ ପ୍ରକାଶ ପାଇଥିଲା। ଶେଷ ଦୁଇଟି ଘଟଣାର ଗୁରୁତ୍ୱ ଅଧିକ ବୋଲି ଲେଖକ କହିଛନ୍ତି। କୋଟଲି ଓ ପୁଞ୍ଚ ଆକ୍ରମଣ ଉପରେ ମଧ୍ୟ ସେଥିରେ ଛୋଟ ଆଲେଖ୍ୟ ରହିଛି। ଅନୁପ ସିଂ ସୋଢି ଓ ପ୍ରଫେସର ହିମତ୍ ସିଂ କାଶ୍ମୀରର ଶିଖ ସମ୍ପ୍ରଦାୟ କିପରି ପାକିସ୍ତାନୀ ଆକ୍ରୋଶର ସମ୍ମୁଖୀନ ହୋଇଥିଲେ ସେ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରିଥିଲେ ହେଁ ସେଠାରେ ହିନ୍ଦୁମାନେ ସମ୍ମୁଖୀନ ହୋଇଥିବା ଅତ୍ୟାଚାର ବିଷୟରେ ବର୍ଣ୍ଣନା ନାହିଁ।

ପାକିସ୍ତାନୀ ଆକ୍ରମଣକାରୀଙ୍କ ଅଧୀନରେ ଥିବା କାଶ୍ମୀରର ୩୫୦ ରୁ ଅଧିକ ଗାଁରେ ରହୁଥିବା କାଶ୍ମୀରୀ ହିନ୍ଦୁ ଏବଂ ଶିଖମାନଙ୍କ ବିଷୟରେ ଲେଖକ ଡକ୍ଟର ରମେଶ ତାଙ୍କ ପୁସ୍ତକରେ ଅଧିକ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିଛନ୍ତି। ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆକ୍ରମଣରେ କାଶ୍ମୀରର ବିଭିନ୍ନ ସ୍ଥାନରେ ୧୨୮ ରୁ ଅଧିକ ହିନ୍ଦୁଙ୍କର ମୃତ୍ୟୁ ଘଟିଥିଲା। ହଜାର ହଜାର ଲୋକ ସେମାନଙ୍କ ବାସସ୍ଥାନରୁ ବିସ୍ଥାପିତ ହୋଇଥିଲେ ଏବଂ ସେମାନଙ୍କୁ ଅନେକ ଅପମାନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨-୩ ବର୍ଷ ପରେ ଅନ୍ତର୍ଜାତୀୟ ରେଡକ୍ରସ୍ ସଂସ୍ଥା ସହଯୋଗରେ ଶତାଧିକ ଲୋକ ସେମାନଙ୍କ ଭିଟାମାଟିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଲେଖକ ମଧ୍ୟ ମୁଜାଫରାବାଦରେ ସମାନ ସ୍ପର୍ଶକାତର ଘଟଣାର ବର୍ଣ୍ଣନା କରିଛନ୍ତି। ସେଠାରେ ଶିଖ ସମ୍ପ୍ରଦାୟ ଏହି ଆକ୍ରମଣର ଅଧିକ ଶିକାର ହୋଇଥିଲେ; କାରଣ ସେମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରୁଥିଲା। ବିଶିଷ୍ଟ ନାଗରିକ - ଚେତ ରାମ, ଫକିର ଚାନ୍ଦ ଏବଂ ବୋଧ ରାଜଙ୍କୁ କ୍ରିଷ୍ଣଗଙ୍ଗା ନଦୀକୁ ନିଆଯାଇ ହତ୍ୟା କରାଯାଇଥିଲା। ଡାକ୍ତରଖାନା ୱାର୍ଡରେ ତାଲା ପକାଇ ରଖାଯିବାରୁ ଷାଠିଏରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ନଭେମ୍ବର ୧୧, ୧୯୪୭ ରେ ରାଜୌରୀ ସହରରେ ଘଟିଥିବା ହତ୍ୟାକାଣ୍ଡ ଓ ସମ୍ବେଦନଶୀଳ ଘଟଣା ଉପରେ ମଧ୍ୟ ଡକ୍ଟର ରମେଶ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜ ସମ୍ମାନ ବଞ୍ଚାଇବା ଏବଂ ଆକ୍ରମଣକାରୀଙ୍କ ବର୍ବରତାରୁ ରକ୍ଷା ପାଇବା ପାଇଁ ପ୍ରାୟ ୧୭୦୦ ମହିଳା ଓ ସେମାନଙ୍କ ପତି ବିଷ ପିଇ ଆତ୍ମହତ୍ୟା କରିଥିଲେ।

ଏହି ପୁସ୍ତକରେ ମୁଜାଫରବାଦ, ଜାମ୍ମୁ ଅଞ୍ଚଳ-କୋଟଲି, ମିରପୁର, ରାଜୌରୀ, ବୁଦ୍ଧଲ, ଚାସାନା, ବାଲ୍ଟିସ୍ତାନ-ସ୍କାର୍ଡୁ, ଖାପ୍ଲୁ, ଶିଗର, ଦ୍ରାସ, ଲେହ, ଗିଲ୍‌ଗିଟ୍, ଆଷ୍ଟୋର, ବୁଞ୍ଜି ଏବଂ ଚିଲାସରେ ଘଟିଥିବା ଲୋମହର୍ଷଣକାରୀ ଘଟଣା ଗୁଡ଼ିକର ବର୍ଣ୍ଣନା ରହିଛି। ସ୍କାର୍ଡୁ ଅଞ୍ଚଳରେ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ଜେ ଏଲ୍ ୱାରିକୁ ନାମକ ଜଣେ ଶିକ୍ଷକଙ୍କୁ କିପରି ବର୍ବର ଭାବେ ହତ୍ୟା କରାଯାଇଥିଲା ତାହା ଡକ୍ଟର ରମେଶ ବର୍ଣ୍ଣନା କରିଛନ୍ତି। ସେହି ସ୍କୁଲ୍‌ରେ କାମ କରୁଥିବା ଜଣେ ଚପରାସୀ ୱାରିକୁଙ୍କ ମୁଣ୍ଡକୁ କୁରାଢ଼ିରେ ହାଣି ହତ୍ୟା କରିଥିଲା। ସେଠାରେ ଥିବା ଶରଣାର୍ଥୀମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ଲୋକମାନେ ମଧ୍ୟ ଆକ୍ରମଣରେ ଜୀବନ ହରାଇଥିଲେ। ଆକ୍ରମଣକାରୀଙ୍କ କବଳରୁ ଅନେକ ଝିଅ ଓ ଯୁବତୀଙ୍କୁ ଉଦ୍ଧାର କରିଥିବା ଡ. କେ ଏନ୍ ଟିକ୍କୁଙ୍କୁ ପୁସ୍ତକରେ ପ୍ରଶଂସା କରାଯାଇଛି। 'ନ୍ୟାଶ୍‌ନାଲିଷ୍ଟି ରେଜିଷ୍ଟାନ୍ସ ସେଭ୍ଡ ଲଦାଖ ଇନ୍ ୧୯୪୮' ଶୀର୍ଷକ ଅଧ୍ୟାୟରେ ଲେଖକ 'ୟଙ୍ଗ ମେନ ବୁଦ୍ଧିଷ୍ଟ ଆସୋସିଏସନ'କୁ ପ୍ରଶଂସା କରିଛନ୍ତି। କାରଣ ଆକ୍ରମଣକାରୀଙ୍କୁ ପ୍ରତିରୋଧ ସହିତ ଆତ୍ମରକ୍ଷା କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ଅସ୍ତ୍ରଶସ୍ତ୍ର ସହିତ ସବୁପ୍ରକାର ସହାୟତା କରିବାରେ ଏହି ବୌଦ୍ଧ ସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏଭଳି ଆତ୍ମରକ୍ଷା ବାହିନୀର ନେତୃତ୍ୱ ନେଇଥିବା ଡି ପି ଧରଙ୍କୁ ପରବର୍ତ୍ତୀ ସମୟରେ ଲେହରେ ସରକାରୀ ପ୍ରତିରକ୍ଷା ବିଭାଗରେ ଉଚ୍ଚପଦବୀ ମିଳିଥିଲା। 'କାଶ୍ମୀରୀୟତ୍' ବିଷୟରେ ଲେଖକ କେତେକ ଗୁରୁତ୍ୱପୂର୍ଣ୍ଣ କଥାବସ୍ତୁର ଅବତାରଣା କରିଛନ୍ତି, ଯେଉଁଥିରେ ଆକ୍ରମଣକାରୀଙ୍କୁ ସ୍ଥାନୀୟ ଲୋକେ ସମର୍ଥନ କରିବାର ପ୍ରମାଣ ରହିଛି। ଅପରପକ୍ଷରେ ଭାଇଚାରାର ମଧ୍ୟ କେତେକ ଘଟଣା ସେଥିରେ ଉଲ୍ଲେଖ କରିଛନ୍ତି। ଅଣ-ମୁସଲମାନମାନଙ୍କୁ ବାରାମୁଲ୍ଲାରେ ଆଶ୍ରୟ ଦେବାକୁ ମକବୁଲ ଶେରୱାନୀ ପରାମର୍ଶ ଦେଇଥିଲେ। କିନ୍ତୁ ସୋପୋରରେ କାଶ୍ମୀରୀ ପଣ୍ଡିତମାନଙ୍କୁ ପଳାୟନ କରି ଜୀବନରକ୍ଷା କରିବାକୁ କୁହାଯାଇଥିଲା। ସେହିଭଳି ସାହସିକତା ପାଇଁ ଅଚ୍ଛିନାର ମାତା ଗଙ୍ଗା କୌର ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ହୃଦୟରେ ରହିଛନ୍ତି। ଲେଖକ ମଧ୍ୟ ସେହି ମୁସଲମାନମାନଙ୍କ ନାମ ଉଲ୍ଲେଖ କରିବାକୁ ଭୁଲି ନାହାନ୍ତି, ଯେଉଁମାନେ ହିନ୍ଦୁ ଓ ଶିଖମାନଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ।

ଦୀର୍ଘ ୨୩ ବର୍ଷର ଗବେଷଣାଲବ୍ଧ ତଥ୍ୟ ସମ୍ବଳିତ ଏହି ପୁସ୍ତକର ରଚନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର। ଏଥିରେ ଲେଖକଙ୍କ ପରିଶ୍ରମ ପ୍ରତିଫଳିତ। ଉପସ୍ଥାପିତ ତଥ୍ୟଗୁଡ଼ିକ ପାଠକଙ୍କ ପାଇଁ ଆକର୍ଷଣୀୟ ଓ ସ୍ମରଣୀୟ। ତେଣୁ ଲେଖକ ନିଶ୍ଚିତଭାବେ ପ୍ରଶଂସାଯୋଗ୍ୟ। ପାକିସ୍ତାନର କାଶ୍ମୀର ଉପରେ ଆକ୍ରମଣ କରିବାର ଯୋଜନା ବିଷୟରେ ସୂଚନା ପାଇବା ସତ୍ତ୍ୱେ ସେଥିପ୍ରତି ଗୁରୁତ୍ୱ ନ ଦେବା ଯୋଗୁଁ ଲେଖକ ଭାରତ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ଅକ୍ଟୋବର ୧୯୪୭ ର ପ୍ରଥମ ସପ୍ତାହରେ ଡେରା ଇସମାଇଲ ଖାନ ର ଡେପୁଟି କମିଶନର ଦେବନ୍ ଶିବଚରଣ ଲାଲ ଏକ ସରକାରୀ ରିପୋର୍ଟ ଦାଖଲ କରି ଏହି ସୂଚନା ପ୍ରଥମେ ସୂଚିତ କରିଥିଲେ। ଏହି ପୁସ୍ତକଟି ପୀଡ଼ିତ ଓ ଜୀବିତ ସାକ୍ଷୀମାନଙ୍କର ବିରଳ ଚିତ୍ରରେ ଭରପୂର ଏବଂ ଉପଯୋଗୀ ସହାୟକ ଗ୍ରନ୍ଥସମୂହର ଉଦ୍ଧୃତାଂଶରେ ସମୃଦ୍ଧ। ୧୯୪୭ର ସେହି ଅନ୍ଧକାର କାଳଖଣ୍ଡରେ ଯାହା ଘଟିଥିଲା ତାହା ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ ଚାହୁଁଥିବା ସମସ୍ତଙ୍କ ପାଇଁ ଏହି ପୁସ୍ତକ ଏକ ଉପାଦେୟ ଗ୍ରନ୍ଥ ଏଥିରେ ସନ୍ଦେହ ନାହିଁ।

# ଜୀବନ ସାଥୀ



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

କିଛି ବର୍ଷ ହେଲା ଶ୍ରୀମତୀ ରାୟ ତାଙ୍କ ସ୍ୱାମୀଙ୍କ ପାଇଁ ରୋଷେଇଯାଠାରୁ ଗାଡ଼ିଚାଳକ ପର୍ଯ୍ୟନ୍ତ ଖଞ୍ଜି ଦେଇ ତାଙ୍କୁ ଛାଡ଼ି ଏଇ ସହରରେ ରହୁଥିବା ନିଜ ପୁଅ ପାଖରେ ରହୁଛନ୍ତି। ତାଙ୍କୁ ନେଇ ସାଇ-ପଡ଼ିଶାରେ ପ୍ରାୟ ଚର୍ଚ୍ଚା ଚାଲେ। ସେଦିନ ମୁଁ ପହଁଚିଗଲା ବେଳକୁ ଏଇ ବିଷୟରେ ତିନି ଜଣ ପଡ଼ୋଶୀ କଥା ହେଉଥିଲେ। 'ବୁଢ଼ାଙ୍କୁ ଅଶୀ ଉପରେ, ଯା'ଙ୍କୁ ପଞ୍ଚସ୍ତରୀ ହେଲାଣି, ଏଇ ବୟସରେ କିଏ କ'ଣ କାହାର ହାତ ଛାଡେ...?' ପ୍ରଥମ ଜଣକ କହିଲେ। ଦ୍ୱିତୀୟ ଜଣକ କହିଲେ, 'ଆଉ...! ହାତ ଧରିଥିଲେ କ'ଣ ଏଇ ଅସହାୟ ବୟସରେ ଛାଡ଼ିଦେବେ ବୋଲି...?' ତୃତୀୟ ଜଣକ ନିଜ ମନ୍ତବ୍ୟ ଦେଲେ, 'ନୁହେଁ ତ ଆଉ କ'ଣ! ହଁ ଜାଣିଛୁ, ତୁମ ସ୍ୱାମୀ ମଦ ପିଅନ୍ତି, କିନ୍ତୁ କ'ଣ ଏଇଟା ଆଜି ନୂଆ? ଆଗରୁ ତ ପିଉଥିବେ! ଏତେ ଦିନ ତ ଚଳିଲ! ଆଉ କିଛି ଦିନ ଚଳାଇ ନେଇଥିଲେ କ'ଣ ହେଇ ନଥା'ନ୍ତା? ବୁଢ଼ା ଆଉ କେତେଦିନ ବଞ୍ଚିବେ ଯେ ...!'।

ମୁଁ ଆଶ୍ଚର୍ଯ୍ୟ ହେଲି। କହିଲି, 'ଆପଣମାନେ ନାରୀ ହୋଇ ନାରୀ ପ୍ରତି ଏପରି ବିଦ୍ୱେଷ ଭାବ ରଖିଛନ୍ତି କିପରି? ପଚାଶ ବର୍ଷ ଧରି ଜଣେ ନିଜ ଇଚ୍ଛା ବିରୁଦ୍ଧରେ ଯାଇ ଆଉ ଜଣଙ୍କର ବଦଭ୍ୟାସକୁ ସହି ଆସିଲା, ବଦଳେଇବାକୁ ଚେଷ୍ଟା କଲା। ତା'ର ବି ତ ନିଜର ଗୋଟିଏ ଜୀବନ ଅଛି। ତା'ର ବି ତ ସହିବାର ଗୋଟିଏ ସୀମା ଅଛି। ସେ ବି ଜୀବନର ଶେଷ ପର୍ଯ୍ୟାୟରେ ପହଁଚି ଗଲାଣି। ଜୀବନର ଏଇ କେତୋଟି ଦିନ ଶାନ୍ତିରେ ବଞ୍ଚିବାକୁ ତା'ର କ'ଣ ଅଧିକାର ନାହିଁ? ମୋ ଉତ୍ତର ସେମାନଙ୍କୁ ବୋଧେ ପସନ୍ଦ ହେଲା ନାହିଁ। ବୟସ୍କା ଜଣକ କହିଲେ, 'ଶୁଣ ଆମ ଶାସ୍ତ୍ର କହୁଚି, ଯେଉଁ ଘରେ ପିଲାମାନେ ପିତାମାତାଙ୍କ ଅନୁଗତ, ସ୍ତ୍ରୀ ସ୍ୱାମୀର ଅନୁଗତ, ସେ ଘର ହେଉଛି ସ୍ୱର୍ଗ। ପ୍ରତିଉତ୍ତରରେ କହିଲି, 'ଆଚ୍ଛା ଆନୁଗତ୍ୟ କ'ଣ କେବଳ ସ୍ତ୍ରୀ ପ୍ରତି ପ୍ରଯୁଜ୍ୟ? ସ୍ୱାମୀ ପ୍ରତି ନୁହେଁ? ତାଳି ଦୁଇହାତରେ ବାଜେ। ଯଦି ଗୋଟିଏ ହାତରେ ବାଜୁଛି ଓ ତାଳି ପରି ଶୁଭୁଛି ତେବେ ତାହା ଆଦୌ ତାଳି ନୁହେଁ, ବରଂ ଚାପୁଡ଼ା। ସ୍ତ୍ରୀଟି ଯଦି ଏତେ ବର୍ଷ ଧରି ତାଙ୍କ ଉପଦ୍ରବ ସହିଲେ, ସ୍ୱାମୀଙ୍କ କର୍ତ୍ତବ୍ୟ ନୁହେଁ କି ସ୍ତ୍ରୀଙ୍କୁ ଖୁସି କରିବା ପାଇଁ ନିଜର ସ୍ୱଭାବକୁ ବଦଳେଇ ଦେବା?' ଏ କଥା ଶୁଣି ସେ ମୁଣ୍ଡ ଟୁଙ୍ଗାରିଲେ। 'ହଁ ତା' ସତ ଯେ, କିନ୍ତୁ ଆଉ କେଇଟା ଦିନ ଟିକେ ଆଡଜଷ୍ଟ କରି ଯାଇଥିଲେ...' ଆଉ ଅଧିକ କିଛି କହିବା ପାଇଁ ଉଚିତ୍ ମଣିଲି ନାହିଁ। ତାଙ୍କୁ ତାଙ୍କ ଚିନ୍ତାଧାରା ସହିତ ଛାଡ଼ି ଚାଲିଆସିଲି।

ଏହା କେବଳ ତାଙ୍କର ଚିନ୍ତାଧାରା ନୁହେଁ। ଏହା ଆମ ଅନେକଙ୍କ ଚିନ୍ତାଧାରା ଯେ ଝିଅଟିଏ ହିଁ ଆଡଜଷ୍ଟ କରିବ। ଆମ ହିସାବରେ ପୁଅଠାରୁ ବୟସରେ ଢେର୍ ସାନ ହୋଇଥିବା ଝିଅଟି ପୁଅର ସମସ୍ତ ହାକିମାତି ସହିବାକୁ ବାଧ୍ୟ। ପୁଅର ସମସ୍ତ ବଦ୍‌ଗୁଣ ସହିତ ସେ ପୁଅକୁ ଆପଣେଇବାକୁ ହୋଇଥିବ ପ୍ରସ୍ତୁତ। ଆମମାନଙ୍କର ଉପଦ୍ରବକୁ ବି ମୁଣ୍ଡ ନୁଆଁଇ ସହିଗଲେ ସେ ଭଲ ବୋହୂ। ଆମ ଭୁଲକୁ ଯଦି ସେ ଭୁଲ୍ କହିଦେବ ତେବେ ତାକୁ 'ଉଦ୍ଧତ' ଓ 'ସଂସ୍କାରହୀନା' ର ଆଖ୍ୟା ମିଳିବ। ନୂଆ ବାହା ହୋଇଥିବା ଝିଅଟିଠାରୁ ଆମେ ଗୋଟିଏ ପକ୍କା ଗୃହିଣୀର ଚାଲିଚଳଣର ଆଶା ରଖୁ। ଆମେ ଭୁଲି ଯାଉ ଯେ ଝିଅଟି ନିଜ ପ୍ରିୟ ତଥା ପରିଚିତ ପରିବେଶକୁ ଛାଡ଼ି ଏକ ଅପରିଚିତ ସ୍ଥାନ ଓ ଲୋକଙ୍କ ମଧ୍ୟରେ ନୂଆ ପରିବେଶକୁ ଆପଣେଇବାକୁ ଟିକେ ସମୟ ଆବଶ୍ୟକ କରିବ ଓ ଏଥିପାଇଁ ଆମ ସମସ୍ତଙ୍କର ସହଯୋଗ ତା'କୁ ଏକାନ୍ତ ଆବଶ୍ୟକ। ତେବେ ଏଠାରେ ଆମେ କେବଳ ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କ ବିଷୟ ରେ କଥା ହେବା।

ସ୍ୱାମୀ ସ୍ତ୍ରୀର ଆଉ ସ୍ତ୍ରୀ ସ୍ୱାମୀଙ୍କର ଜୀବନ ସାଥୀ। ଜୀବନ ସାଥୀ କହିଲେ ସିଏ, ଯାହା ସହିତ ଜୀବନ ଜିଇଁବାକୁ ସହଜ, ସରଳ ଓ ସନ୍ତୋଷଜନକ ମନେ ହୁଏ। ଏହା ଉଭୟଙ୍କ ପ୍ରତି ପ୍ରଯୁଜ୍ୟ। ଜୀବନ ସାଥୀ କହିଲେ ଠିକ୍ ପାଦ ତଳର ଜୋତା ଓ ମୁଣ୍ଡ ଉପରର ଛତା ପରି ହେବା ଦରକାର। ଆପଣ ଯେତେ ଜାମା ଜୋଡ଼ ହୋଇଥା'ନ୍ତୁ, ଜୋତାରେ ସାମାନ୍ୟ ଗୋଡ଼ିଟିଏ ରହିଗଲେ ଆପଣ ଚାଲିବାକୁ ଯେପରି ଭୀଷଣ କଷ୍ଟ ଅନୁଭବ କରିବେ, ଠିକ୍ ସେମିତି ଛତାରେ କଣା ଥିଲେ ବର୍ଷା ଜଳ ଓ ସୂର୍ଯ୍ୟଙ୍କ କିରଣ ଆପଣଙ୍କୁ କିଲିବିଲି କରିବ ହିଁ କରିବ। ଜୀବନ ସାଥୀ ତ ସିଏ, ଯିଏ ଜୀବନର ସୁବିଧା ଅସୁବିଧା ବେଳେ ମାନସିକ ଓ ଶାରୀରିକ ଭାବେ ଆମକୁ ଆଶ୍ୱସନା ଦେଇ ଆମ ହାତ ଧରି କୁହେ - 'ଜମା ବ୍ୟସ୍ତ ହୁଅ ନାହିଁ, ମୁଁ ତମ ସହିତ ଅଛି।' ଗାଡ଼ିର ଦୁଇଟିଚକ ପରି ସ୍ୱାମୀ ସ୍ତ୍ରୀଙ୍କ ସ୍ଥିତି। କିଏ ବଡ଼ କିଏ ସାନ, କିଏ ଉଚିତ୍ କିଏ ଅନୁଚିତ୍‌ର ଊର୍ଦ୍ଧ୍ୱକୁ ଯାଇ ସମ୍ପର୍କରେ ସମନ୍ୱୟ ରକ୍ଷା କରିବା ପାଇଁ ଉଭୟ ତତ୍ପର ହେବା ଏକାନ୍ତ ଆବଶ୍ୟକ। ନହେଲେ ସଂସାର ରୂପକ ଗାଡ଼ିଟିକୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

ମଦ ପରି ବଦଭ୍ୟାସ ହେଉ ବା ପରକୀୟା ପ୍ରୀତି ପାଇଁ ଆଜି ଅନେକ ଘର ଭାଙ୍ଗି ଯାଉଚି। ଏସବୁ ତ ଖୁବ୍ ବଡ଼ କଥା। ତେବେ ସାମାନ୍ୟ ମନେ ହେଉଥିବା 'ନିଦ୍ରା' ପାଇଁ ଏବେ ସ୍ୱାମୀ ସ୍ତ୍ରୀ 'ସ୍ଲିପିଂ ଡିଭୋର୍ସ' କୁ ଆପଣେଇ ନେଲେଣି। ସ୍ୱାସ୍ଥ୍ୟ ପାଇଁ ସାତ ଘଣ୍ଟାର ସୁନିଦ୍ରା ନିହାତି ଆବଶ୍ୟକ। ଜଣକର ଘୁଙ୍ଗୁଡ଼ି, ମୋବାଇଲ ବ୍ୟବହାର, ବାରମ୍ବାର ଆଲୁଅ ଜଳାଇବା ଓ ଲିଭାଇବା ଅବା ଅନ୍ୟ କୌଣସି କାରଣ ଯୋଗୁଁ ଅପର ଜଣେ ବିନିଦ୍ର ରଜନୀ କାଟି ଚିଡ଼ଚିଡ଼ା ହେବା ସହ ଅନେକଗୁଡ଼ିଏ ରୋଗକୁ ଆମନ୍ତ୍ରଣ କରେ। ତେଣୁ ସମ୍ପର୍କରେ ତିକ୍ତତା ନ ବଢ଼ାଇ ଅନେକ ଲୋକ ଏବେ ଶୋଇବା ସମୟରେ ଅଲଗା ଶୋଇବାକୁ ପସନ୍ଦ କରୁଛନ୍ତି ଏବଂ ସେଥିରେ କୌଣସି ତ୍ରୁଟି ମଧ୍ୟ ନାହିଁ। ନିଜର ସାମାନ୍ୟ ସୁଖସୁବିଧାକୁ ପ୍ରାଧାନ୍ୟ ଦେବା ନିହାତି ଜରୁରୀ। ଆମ ଦ୍ୱାରା ଅନ୍ୟ ସାଥୀଟିକୁ ଯେପରି ହଇରାଣ ହରକତର ସାମ୍ନା କରିବାକୁ ନ ପଡ଼େ ତା' ଦେଖିବା ମଧ୍ୟ ଆମର ପରମ କର୍ତ୍ତବ୍ୟ। ଜଣେ ଅନ୍ୟ ଜଣଙ୍କ ଲୁହର କାରଣ ନୁହେଁ, ବରଂ ହର୍ଷର ଉଦ୍ଦେଶ୍ୟ ହେବା ଜରୁରୀ। ଜଣେ ଆଉ ଜଣଙ୍କ ପାଇଁ ଗର୍ବିତ ନ ହେଲେ ବି ଲଜ୍ଜିତ ହେବା ଅନୁଚିତ୍। ବହୁତ୍ ସମୟରେ ଜଣେ ଚୁପ୍ ଚାପ୍ ସବୁ ସହିଯାଉଛି, ଏହାର ଅର୍ଥ ନୁହେଁ ଯେ ତା'କୁ କଷ୍ଟ ହେଉନି। ସେ ଯେ ସମ୍ପର୍କର ଗୁରୁତ୍ୱ ବୁଝି ଅଶାନ୍ତିକୁ ଆଡ଼େଇ ଦେଇ ଆମ ଖୁସିକୁ ପ୍ରାଧାନ୍ୟ ଦେଉଛି, ସେ କଥାଟିକୁ ଯଦି ଆମେ ବୁଝି ନ ପାରିଲେ ତେବେ ଆମେ କି ଜୀବନ ସାଥୀ ଯେ!

ମନେ ପଡୁଛି, କିଛିଦିନ ତଳେ ଯାଇଥିବା ଜଣେ ଦୂରସମ୍ପର୍କୀୟ ଜେଜେଙ୍କ ଘରକୁ। ଜେଜେମା'ଟି ଶଯ୍ୟାଶାୟୀ। ଅଣ୍ଟାରୁ ତଳକୁ ସବୁ ଅକାମୀ। ଦାନ୍ତ ଘଷିବାଠାରୁ ନେଇ ଝାଡ଼ା ପରିସ୍ରା ପର୍ଯ୍ୟନ୍ତ ସବୁକିଛି ଜେଜେ କରାଉଥା'ନ୍ତି। ବେଳେ ବେଳେ ଜେଜେମା' କାନ୍ଦନ୍ତି, 'ତମକୁ ମୋ ପାଇଁ କେତେ କଷ୍ଟ କରିବାକୁ ପଡୁଚି' କହି। ଜେଜେ ହସି ହସି କହନ୍ତି, 'ଏମିତି କାହିଁ କହୁଛୁ, ମୁଁ ପଡ଼ିଥିଲେ ତୁ କ'ଣ ମୋର କରନ୍ତୁ ନାହିଁ! ଆଉ ତୋର ମୁଁ କରିବିନି ତ କରିବ କିଏ?' ସେଦିନର ଏହି ଦୃଶ୍ୟ ଦେଖି ମନ ଭରି ଯାଇଥିଲା। ଆଜି ବି ଈଶ୍ୱରଙ୍କ ନିକଟରେ ଗୋଟିଏ ଅଳି - ଏପରି ସ୍ୱର୍ଗୀୟ ସମ୍ପର୍କଗୁଡ଼ିକର ମଧୁରତା ବଜାୟ ରଖ ପ୍ରଭୁ...।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଅବଶିଷ୍ଟାଂଶ...

### ଗାଁରେ ଗାଁରେ...

ନେବା। ଚାଷୀଙ୍କୁ ମାର୍କେଟ ସହିତ ଯୋଡିବା। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍ ରେ ଯିବା ଆସିବା କରିପାରିବେ ବୋଲି ସେ କହିଛନ୍ତି।

ଆଜିର ଶୁଭାରମ୍ଭ ପରେ ୫ଟି ଜିଲ୍ଲାର ୭୦୦ଟି ପଞ୍ଚାୟତରେ ୨୦୫ଟି ବସ୍ ଯାତାୟତ ଆରମ୍ଭ କରିଛି। ଏହା ଦ୍ୱାରା ୪୪ ଲକ୍ଷରୁ ଅଧିକ ଲୋକ ଉପକାର ପାଇଛନ୍ତି। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଉପକ୍ରମ ଅଧିନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି। ଗାଁର ରୂପାନ୍ତର ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହି ଏକ ନୂଆ ଓଡ଼ିଶା ଗଢିବା ପାଇଁ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

'୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଛନ୍ତି ଯେ ଏକ ନମ୍ବର ସ୍ଥାନରେ ଅଧିଷ୍ଠିତ ହେବାକୁ ହେଲେ, କଠିନ ପରିଶ୍ରମ ଓ ତ୍ୟାଗର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏହାର ପ୍ରକୃଷ୍ଟ ଉଦାହରଣ। ଗତ ୨୪ ବର୍ଷ ଧରି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ସ୍ଥାନରେ ରହିଛନ୍ତି, ଆମର ପ୍ରିୟ ମୁଖ୍ୟମନ୍ତ୍ରୀ। ଏଥିପାଇଁ ତାଙ୍କ ପରିଶ୍ରମ ଓ ତ୍ୟାଗର ତୁଳନା ନାହିଁ। ସେ ପୁଣି କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରୁ ପୁରୀକୁ ସପ୍ତାହରେ ଜଗନ୍ନାଥ ଏକ୍ସପ୍ରେସ ଚଳାଚଳ କରୁଛି। ଆସନ୍ତା ୨୫ ତାରିଖରୁ ଏହି ଜଗନ୍ନାଥ ଏକ୍ସପ୍ରେସ ସପ୍ତାହରେ ପ୍ରତିଦିନ ଚଳାଚଳ କରିବ।

ସମ୍ବଲପୁରଠାରେକାର୍ଯ୍ୟକ୍ରମରେ ଯୋଗ ଦେଇ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ କେବଳ ଏକ ବସ୍ ସେବା ନୁହେଁ; ଗ୍ରାମାଞ୍ଚଳ ମହିଳାମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ଏକ ସଫଳତମ ପ୍ରଚେଷ୍ଟା। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା, କଟକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଚନ୍ଦ୍ରସାରଥି ବେହେରା, ଝାରସୁଗୁଡ଼ାରେ ବିଧାୟିକା ଦୀପାଳି ଦାସ, ବିଧାୟିକା ଅଳକା ମହାନ୍ତି, କନ୍ଧମାଳରେ ସାଂସଦ ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ଚକ୍ରମଣି କହଁର ପ୍ରମୁଖ ଯୋଗ ଦେଇ ଆଜି ରାଜ୍ୟରେ କେବଳ ଗମନାଗମନ ନୁହେଁ; ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି – ସବୁ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି ବୋଲି କହିଛନ୍ତି। '୫-ଟି' କେବଳ ଏକ ମନ୍ତ୍ର ନୁହେଁ; ଓଡ଼ିଶାର ରୂପାନ୍ତରରେ ମ୍ୟାଜିକ ଭାବରେ କାମ କରିଛି। ଏକ ସଶକ୍ତ ଓ ନୂତନ ଓଡ଼ିଶା ଗଠନ ଦିଗରେ ଲକ୍ଷ୍ମୀ ବସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାଦ୍ୱାରା ଗ୍ରାମାଞ୍ଚଳରେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ଘଟିବ ବୋଲି ସେମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି।

ଆଜି ସୁବର୍ଣ୍ଣପୁରର ୧୦୨ଟି ପଞ୍ଚାୟତରେ ୫୮ଟି ବସ୍ ଚଳାଚଳ କରିଛି ଓ ଏହାଦ୍ୱାରା ୫ ଲକ୍ଷ ୭୩ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି କଟକର ୨୬୧ଟି ପଞ୍ଚାୟତରେ ୪୮ଟି ବସ୍ ଚଳାଚଳ ଦ୍ୱାରା ୧୮ ଲକ୍ଷ ୩୭ ହଜାର ଲୋକ, ଝାରସୁଗୁଡ଼ାର ୭୬ଟି ପଞ୍ଚାୟତରେ ୧୬ଟି ବସ୍ ଦ୍ୱାରା ୫ ଲକ୍ଷ ୬୨ ହଜାର ଲୋକ ଉପକୃତ ହୋଇଛନ୍ତି। କନ୍ଧମାଳର ୧୬୪ଟି ପଞ୍ଚାୟତରେ ୫୨ଟି ବସ୍ ଗଡ଼ିଛି ଏବଂ ଏଥିରେ ୭ ଲକ୍ଷ ୩ ହଜାର ଲୋକ ଉପକୃତ ହୋଇଛନ୍ତି ଏବଂ ସମ୍ବଲପୁରର ୯୭ଟି ପଞ୍ଚାୟତରେ ୩୧ଟି ଚଳାଚଳ କରିବା ଦ୍ୱାରା ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହୋଇଛନ୍ତି।

### ଜୁଲାଇ ୭ରେ...

କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

୨୦୨୪-୨୫ ବର୍ଷର ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ମେ' ୧୦ରେ ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା ଆରମ୍ଭ, ମେ' ୨୨ରେ ନୃସିଂହ ଜନ୍ମ, ଜୁଲାଇ ୧୧ରେ ହେରାପଞ୍ଚମୀ, ଜୁଲାଇ ୧୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୧୮ରେ ଅଧରପଣା, ଜୁଲାଇ ୧୯ରେ ନୀଳାଦ୍ରିବିଜେ କରିବେ ମହାପ୍ରଭୁ। ସେହିପରି ଅଗଷ୍ଟ ୪ରେ ଚିତାଲାଗି ଅମାବାସ୍ୟା, ଅଗଷ୍ଟ ୧୪ରେ ଝୁଲଣ ଯାତ୍ରା ଆରମ୍ଭ, ଅଗଷ୍ଟ ୨୪ରେ ରାହୁରେଖା ଲାଗି, ଅଗଷ୍ଟ ୨୬ରେ ଜନ୍ମାଷ୍ଟମୀ, ଅଗଷ୍ଟ ୨୭ରେ ନନ୍ଦୋତ୍ସବ, ଅଗଷ୍ଟ ୨୮ରେ ବନଭୋଜି ବେଶ, ଅଗଷ୍ଟ ୨୯ରେ କାଳୀୟଦଳନ, ସେପ୍ଟେମ୍ବର ୩ରେ ସାତପୁରୀ ଅମାବାସ୍ୟା, ସେପ୍ଟେମ୍ବର ୭ରେ ଗଣେଶ ଚତୁର୍ଥୀ, ସେପ୍ଟେମ୍ବର ୧୫ରେ ବାମନ ଜନ୍ମ ଓ ସୁନିଆଁ, ସେପ୍ଟେମ୍ବର ୧୬ରେ ବଳିବାମନ ବେଶ, ସେପ୍ଟେମ୍ବର ୨୪ରେ ଷୋଡ଼ଶଦିନାତ୍ମକ ପୂଜା ଆରମ୍ଭ, ଅକ୍ଟୋବର ୯ରେ ମହାସପ୍ତମୀ, ଅକ୍ଟୋବର ୧୦ରେ ମହାଷ୍ଟମୀ, ଅକ୍ଟୋବର ୧୧ରେ ମହାନବମୀ, ଅକ୍ଟୋବର ୧୩ରେ ଦଶହରା, ଅକ୍ଟୋବର ୧୪ରେ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଓ ବାଳଧୂପ ଆରମ୍ଭ, ଅକ୍ଟୋବର ୧୭ରେ କୁମାର ପୂର୍ଣ୍ଣିମା, ନଭେମ୍ବର ୧ରେ ଦୀପାବଳି ଅମାବାସ୍ୟା, ନଭେମ୍ବର ୧୫ରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ, ନଭେମ୍ବର ୩୦ରେ ଦେବ ଦୀପାବଳି ଆରମ୍ଭ, ଡିସେମ୍ବର ୧୬ ଧନୁ ସଂକ୍ରାନ୍ତି ଓ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହେବ। ସେହିପରି ୨୦୨୫ ଜାନୁୟାରୀ ୧୩ରେ ଦେବାଭିଷେକ ବା ପୁଷ୍ୟାଭିଷେକ ପୂର୍ଣ୍ଣିମା, ୧୪ରେ ମକର ସଂକ୍ରାନ୍ତି, ଫେବୃୟାରୀ ୧ରେ ପଦ୍ମବେଶ, ୨ରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା, ୧୨ରେ ଗଜଉଦ୍ଧାରଣ ବେଶ ଓ ମାର୍ଚ୍ଚ ୧୪ରେ ଦୋଳ ପୂର୍ଣ୍ଣିମା ଓ ମହାପ୍ରଭୁଙ୍କ ରାଜାରାଜେଶ୍ୱର ବେଶ ଅନୁଷ୍ଠିତ ହେବ।

### ରୂପାନ୍ତରଣ କେବଳ...

ଆୟୋଜିତ ଏହି ସମ୍ମିଳନୀ ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ତଥା ଭବିଷ୍ୟତ ଲାଗି ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଲାଗି ଏକ ମାର୍ଗଦର୍ଶନ ହେବ। ପ୍ରମୁଖ ଶିଳ୍ପ ନେତୃତ୍ୱ ଏବଂ ବିଭିନ୍ନ ଅଂଶୀଦାରମାନେ ଏକାଠି ହୋଇ ଭବିଷ୍ୟତର ମାନବ ସମ୍ବଳ ଲାଗି ଅପାର ସମ୍ଭାବନା ତଥା ଓଡ଼ିଶା ପାଇଁ ଅସୀମ ସମୃଦ୍ଧି ସୃଷ୍ଟି ଲାଗି ରାସ୍ତା ପ୍ରସ୍ତୁତ କରିବା ଏଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଆଜି ସ୍କିଲ୍ଡ-ଇନ୍-ଓଡ଼ିଶା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ହୋଇଥିବାବେଳେ ଓଡ଼ିଶା ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର ଭାବେ ପରିଗଣିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଶିଖର ସମ୍ମିଳନୀ ଦେଶ ବିଦେଶର ନିଯୁକ୍ତିଦାତା ଏବଂ ନିବେଶକମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି କହିଛନ୍ତି। ଏହି ଅବସରରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ପ୍ରମୁଖ ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷର କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ "ସ୍କିଲ୍ଡ ଇନ୍ ଓଡ଼ିଶା' ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଏବଂ ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦେଶରେ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବେ ଏକ ରିକ୍ରୁଟମେଣ୍ଟ ଏଜେନ୍ସି ଭାବେ କାମ କରିବ। ଏହି ଅଧିବେଶନରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ ମୁଖ୍ୟମନ୍ତ୍ରୀ କିଭଳି ଭାବେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣ ଆଣିଛନ୍ତି ତାହା ଉପରେମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବର୍ଗର ମହିଳା ଏବଂ ଗରିବ ଲୋକଙ୍କ ରୂପାନ୍ତରଣ ପରେ ରାଜ୍ୟ ଏବେ ପରବର୍ତ୍ତୀ ସୋପାନକୁ ରୂପାନ୍ତରଣ ସ୍ଥିତିରେ ପହଞ୍ଚିଛି, ଯେଉଁଠାରେ ଓଡ଼ିଶାର ଲୋକେ ନିଜରୁ ପ୍ରମାଣିତ କରି ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ସେ କହିଛନ୍ତି।

ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଓଡ଼ିଶାର ଅଭିବୃଦ୍ଧି, ଶିଳ୍ପ ସମ୍ଭାବନା ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ଆଦି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଦେଶ ବିଦେଶରୁ ଆସିଥିବା ବିଭିନ୍ନ ଶିଳ୍ପ କ୍ଷେତ୍ର, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ନିଯୁକ୍ତି ଓ ମାନବ ସମ୍ବଳ ବିକାଶ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ସେମାନଙ୍କ ସହ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ, ବିଶେଷକରି ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ପ୍ରଶାସକ ଓ ପ୍ରଶିକ୍ଷକମାନେ ଯୋଡ଼ି ହୋଇଛନ୍ତି। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଏବଂ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ସିଇଓ ରେଘୁ ଜି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନ ଅବସରରେ "ଷ୍ଟ୍ରାଟେଜି ଆଣ୍ଡ ଆକ୍ସନ ପ୍ଲାନ୍ ଫର୍ ଡିଜିଟାଲ ସ୍କିଲିଂ' ବିଷୟରେ ଏକ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ସେହିପରି "ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।

### ପୁଣି ଜଣେ...

ଟ୍ରାଫିକ୍ ଭିଡ଼ ଏଡ଼ାଇବା ଭଳି କାର୍ଯ୍ୟରେ ତାଙ୍କର ଉଚ୍ଚକୋଟୀର ଦକ୍ଷତା ରହିଛି। ବିଶେଷକରି ସରକାରୀ ଘରୋଇ ଭାଗୀଦାରିରେ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି। ସେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ ଓ ଗୋଆ ଭଳି ରାଜ୍ୟରେ ରାଜପଥ ବିକାଶ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଶ୍ରୀ ଷଡ଼ଙ୍ଗୀ ଇଣ୍ଡିଆନ୍ ରୋଡ୍ କଂଗ୍ରେସ (ଆଇଆରସି)ର ଆଜୀବନ ସଦସ୍ୟ ତଥା ଅବୈତନିକ କୋଷାଧ୍ୟକ୍ଷ ଭାବେ ଏହି ସଂଗଠନର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି।

### ବିକାଶର ମୁଖଶାଳା...

କେବଳ ମହିଳା ନେତୃତ୍ୱାଧୀନ ଉଦ୍ୟୋଗର ଉଦାହରଣ ହେବ ନାହିଁ, ସହରୀ ଗ୍ରାହକଙ୍କ ପାଇଁ ଏକ ପ୍ରମୁଖ କାରବାର ପେଣ୍ଠରେ ପରିଣତ ହେବ। '୫-ଟି' ଉପକ୍ରମରେ ଏହାକୁ ବିକଶିତ କରାଯାଉଛି ଏବଂ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଠାରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ବିକ୍ରୟ କରାଯିବ। ୧୦ ହଜାର ବର୍ଗଫୁଟ ପରିସରରେ ନିର୍ମାଣ ହୋଇଥିବା ଏହି ବଜାରରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ ସହ ପ୍ରଦର୍ଶନ କରାଯିବ। ସାରା ରାଜ୍ୟରୁ ମିଶନ୍ ଶକ୍ତି ମହିଳାମାନେ ସେମାନଙ୍କ ଉତ୍ପାଦ ଏଠାରେ ବିକ୍ରି କରିବାର ସୁଯୋଗ ପାଇବେ। ଆରମ୍ଭରୁ ଏଠାରେ ପ୍ରାୟ ୧ ହଜାର ପ୍ରକାର କୃଷି ଓ ଅଣକୃଷି ଜାତୀୟ ସାମଗ୍ରୀ ବିକ୍ରୟ କରାଯିବ। ଏଥିରେ ଢିଙ୍କି କୁଟା ନାଲି ଚାଉଳ, ବ୍ରହ୍ମପୁର ଆଚାର, କନ୍ଧମାଳ ହଳଦୀ, ନୂଆପଡ଼ା ମହୁ, ମୟୂରଭଞ୍ଜର ସବାଇ ଘାସ ଉତ୍ପାଦ, କେନ୍ଦ୍ରାପଡ଼ାର ସୁବର୍ଣ୍ଣ ଘାସ (କାଇଁଚ), କେନ୍ଦୁଝର ଫୁଲବଡ଼ି ସମେତ ରାଜ୍ୟର ଅନ୍ୟ ପ୍ରମୁଖ ବା ପ୍ରସିଦ୍ଧ ସାମଗ୍ରୀମାନ ଏଠାରେ ଉପଲବ୍ଧ ହେବ।

ଏହି ବଜାର ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ପାଇଁ ଏକ ପ୍ରମୁଖସ୍ଥଳୀ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହି ବଜାର ଭୁବନେଶ୍ୱର ଗ୍ରାହକଙ୍କ ଖୁଚୁରା ଆବଶ୍ୟକତା ପୂରଣ କରିବା ସହ ବଡ କ୍ରେତାମାନଙ୍କୁ ଉତ୍ପାଦକାରୀ ଏସ୍‌ଏଚ୍‌ଜିମାନଙ୍କ ସହିତ ଯୋଗାଯୋଗର ମାଧ୍ୟମ ସାଜିବ। ମହିଳାମାନଙ୍କ ଦ୍ୱାରା ପ୍ରାମାଣିକ ହସ୍ତତନ୍ତ ଉତ୍ପାଦ ପାଇଁ ଏହା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ସ୍ଥାନ ପାଇବ। '୫-ଟି' ପଦକ୍ଷେପ ଅନୁଯାୟୀ ନିଆଯାଇଥିବା ମିଶନ୍ ଶକ୍ତି ବଜାର ଏସ୍‌ଏଚ୍‌ଜି ଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କାର୍ଯ୍ୟ ଅଗ୍ରଗତିରେ '୫-ଟି' ଅଧ୍ୟକ୍ଷ ସନ୍ତୋଷବ୍ୟକ୍ତ କରିବା ସହ ଏହା ମହିଳା ନେତୃତ୍ୱାଧୀନ ଉଦ୍ୟୋଗର ସର୍ବୋତ୍ତମ ଉଦାହରଣ ବୋଲି କହିଛନ୍ତି। ମହିଳା ଏସ୍‌ଏଚଜି ଦ୍ୱାରା ଗଠିତ ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ଏହି ବଜାର ପରିଚାଳିତ ହେବ।

### ୩୬° ଟପିଲା...

ରବିବାର ରାଜ୍ୟର ୪ ଜିଲ୍ଲାର ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ସୋମବାର ଚଳିତ ବର୍ଷ ପ୍ରଥମ ଥର ପାଇଁ ତାପମାତ୍ରା ୩୬ ଡିଗ୍ରୀ ପାର୍ କରିଛି। ଆଜି ଟିଟିଲାଗଡ଼ ଓ ଭବାନୀପାଟଣାରେ ତାପମାତ୍ର ୩୬.୫ ଡିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି ବଲାଙ୍ଗୀରରେ ୩୫.୯ ଡିଗ୍ରୀ, ବୌଦ୍ଧରେ ୩୫.୫ ଡିଗ୍ରୀ, ଝାରସୁଗୁଡ଼ାରେ ୩୫.୪ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ମଧ୍ୟ ଉଷ୍ମତା ବଢ଼ିଛି। ସୋମବାର ରାଜଧାନୀର ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ଼ କରାଯାଇଛି। ପାରଳାଖେମୁଣ୍ଡି ଏବଂ ସୋନପୁର ରେ ୩୪.୮, ସମ୍ବଲପୁର, ହୀରାକୁଦ ଏବଂ ମାଲକାନଗିରିରେ ୩୪.୭, ନୟାଗଡ଼ରେ ୩୪.୫, ରାୟଗଡ଼ାରେ ୩୪.୨, ଅନୁଗୁଳରେ ୩୪.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମେଘମୁକ୍ତ ଆକାଶ ସହ ଶୁଖିଲା ପାଗ ପାଇଁ ତାପମାତ୍ରା ବୃଦ୍ଧି ହେଉଛି। ଗୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ପ୍ରଭାବରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ଅଞ୍ଚଳରୁ କ୍ରମାଗତ ଭାବେ ଜଳୀୟବାଷ୍ପପୂର୍ଣ୍ଣ ଉଷ୍ମବାୟୁ ପ୍ରବେଶ କରୁଛି। ଏଥିପାଇଁ ଆଗାମୀ ୩ଦିନ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ଆକଳନ କରାଯାଉଛି। ତାପମାତ୍ରା ବୃଦ୍ଧି ଯୋଗୁଁ ଅନେକ ସ୍ଥାନରେ ଏହା ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିପାରେ। ଅନୁରୂପ ଭାବରେ ଉପକୂଳ ଓଡ଼ିଶା ଅପେକ୍ଷା ଆଭ୍ୟନ୍ତରୀଣ ଓଡ଼ିଶା ଅଧିକ ଖରାର ପ୍ରକୋପ ରହିବ ଓ ରାତିର ତାପମାତ୍ରାରେ ମଧ୍ୟ ବୃଦ୍ଧି ଯୋଗୁଁ ସ୍ୱାଭାବିକଠାରୁ ଅଧିକ ରହିପାରେ। ସେହିପରି ରାତି ତାପମାତ୍ରା ଅଧିକ ରହୁଥିଲେ ହେଁ ଭୋର୍ ସମୟରେ ପ୍ରବଳ ଘନ କୁହୁଡ଼ି ଅନୁଭୂତ ହେବ ଏବଂ ଏଥିପାଇଁ ଯାତାୟତରେ ସତର୍କତା ଅବଲମ୍ବନ ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ଭୋର ସମୟରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ସୀମିତ ରହୁଥିବାରୁ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାନବାହାନଗୁଡ଼ିକ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ତେଣୁ ଅଧିକ ସତର୍କତା ଅବଲମ୍ବନ କରିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ୨୫ ଓଏଏସ୍ ଅଧିକାରୀଙ୍କ ବଦଳି

**ଭୁବନେଶ୍ୱର, ୧୯ ।୨(ସମିସ):** ଆଜି ଓଏଏସ୍ ଅଧିକାରୀସ୍ତରରେ ରାଜ୍ୟ ସରକାର ଏକ ଅଦଳ ବଦଳ କରିଛନ୍ତି। ମୋଟ ୨୫ଜଣ ଓଏଏସ୍ ଅଧିକାରୀଙ୍କ ବଦଳି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସମସ୍ତ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ବିଡିଓ ଓ ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ବିଜ୍ଞପ୍ତି ଅନୁସାରେ, ଓଏଏସ୍ ଅଧିକାରୀ ବେରସିୟସ ତୁଙ୍ଗତୁଙ୍ଗଙ୍କୁ ବରଗଡ଼ ବିଡିଓ ଭାବେ ବଦଳି ହୋଇଛି। ସେହିପରି ସୁଧୀର କୁମାର ନନ୍ଦଙ୍କୁ ବରଗଡ଼ ତହସିଲଦାର, ଶଙ୍କର କୁମାର ପାତ୍ରଙ୍କୁ ବିଡିଓ ଲାଞ୍ଜିଗଡ଼, ଅଶୋକ ପଟ୍ଟନାୟକଙ୍କୁ ପାତ୍ରପୁର ତହସିଲଦାର, ସଦାକର କୁମ୍ଭାରଙ୍କୁ ଗୋଲମୁଣ୍ଡା ତହସିଲଦାର, ଚିନ୍ମୟ ମହାନନ୍ଦାଙ୍କୁ ରାୟଗଡ଼ା ଡେପୁଟି କଲେକ୍ଟର, ସ୍ମୃତିରେଖା ଦାସଙ୍କୁ ଇଡକୋ ଅତିରିକ୍ତ ଲ୍ୟାଣ୍ଡ ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ଧନଞ୍ଜୟ ମହାନ୍ତିଙ୍କୁ ଦାନଗଦି ତହସିଲଦାର, ସଞ୍ଜୟ କୁମାର ପଣ୍ଡାଙ୍କୁ ପରଜଙ୍ଗ ବିଡିଓ, ମନ୍ମଥ କୁମାର ନାୟକଙ୍କୁ ଭଞ୍ଜନଗର ବିଡିଓ, ଜିତେନ୍ଦ୍ର ମୁର୍ମୁଙ୍କୁ ଜଳେଶ୍ୱର ତହସିଲଦାର, ଜୟକୃଷ୍ଣ ପାତ୍ରଙ୍କୁ ଅନୁଗୁଳ ଉପଜିଲ୍ଲାପାଳ, ଅଙ୍କିତା ବାରିକଙ୍କୁ ଯାଜପୁର ଡେପୁଟି କଲେକ୍ଟର, ସାରା ହେମ୍ବ୍ରମଙ୍କୁ ବନ୍ତ ତହସିଲଦାର, ବନବିହାରୀ ହରପାଲଙ୍କୁ ତୁମୁଡିବନ୍ଧ ବିଡିଓ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଜ୍ଞାନରଞ୍ଜନ ମାଝୀଙ୍କୁ ବେଲପାହାଡ଼ ତହସିଲଦାର, ପ୍ରମୋଦ କୁମାର ନାୟକଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ସନ୍ଧ୍ୟା ସମର୍ଥଙ୍କୁ ବୋରିଗୁମ୍ମା ବିଡିଓ, ଦୀପ୍ତିମୟୀ ପାତ୍ରଙ୍କୁ ପଦ୍ମପୁର ତହସିଲଦାର, ପ୍ରଦୀପ କୁମାର କରଙ୍କୁ କାଳିମେଳା ବିଡିଓ, ବିକ୍ରମ କୁମାର ଦୋରାଙ୍କୁ ବଲାଙ୍ଗିର ତହସିଲଦାର, ଯସ୍ମିନ କୁମାର ପ୍ରଧାନଙ୍କୁ ଗୁମ୍ମା ବିଡିଓ, ଶରତ କୁମାର ପାତ୍ରଙ୍କୁ କାଶୀନଗର ବିଡିଓ, ବସନ୍ତ କୁମାର ହାତୀଙ୍କୁ ଲଖନପୁର ତହସିଲଦାର ଓ ସମ୍ବିତ ସଂଗ୍ରାମଜିତ୍ ସାହୁଙ୍କୁ ପର୍ଯ୍ୟଟନ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି।

### ଗଙ୍ଗାଧର ମେହେର...

ଡ୍ୟାମ, ମୟୂରଭଞ୍ଜର ଖଇରିବନ୍ଧନ ବ୍ୟାରେଜ ପ୍ରକଳ୍ପ ଓ ବଲାଙ୍ଗୀର ଜିଲ୍ଲାର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଏହି ସବୁ ପ୍ରକଳ୍ପଗୁଡ଼ିକ ଚଳିତ ବର୍ଷ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଆପାତତଃ ସ୍ଥିର ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ଜଳଭଣ୍ଡାର ଏବଂ କେନାଲରୁ ଉପଲବ୍ଧ ଅତିରିକ୍ତ ଜଳ ଉତ୍ତୋଳନ କରି ରାଜ୍ୟର ଉଚ୍ଚଭୂମି ଅଞ୍ଚଳରେ ଖରିଫ୍ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ସରକାର ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ଅଦ୍ୟାବଧି ୨୦୨ଟି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ କରାଯାଇ ବର୍ତ୍ତମାନ ସୁଦ୍ଧା ୨୫୬୦୦୦ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇ ପାରିଛି। ଦ୍ୱିତୀୟ ପର୍ଯ୍ୟାୟରେ ୫ ବର୍ଷ ମଧ୍ୟରେ ୧୦୬୫୯ କୋଟି ଟଙ୍କା ବ୍ୟୟରେ ୧୭୦ଟି ପ୍ରକଳ୍ପ ହାତକୁ ନିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନାରେ ଆସନ୍ତା ଆର୍ଥିକ ବର୍ଷ ବିଭାଗ ୧୨୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଯଦ୍ୱାରା ବ୍ୟାପକ ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇପାରିବ। ସେହିପରି ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୫ଟି ନୂଆ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ କରିବେ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସରକାର ୮୬୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାବ୍ୟତୀତ ଜିଲ୍ଲାଗସ୍ତ ସମୟରେ ୫-ଟି ଅଧ୍ୟକ୍ଷ ଜନମତକୁ ଆଧାରି କରି ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରୁଥିବା ବେଳେ ଚଳିତ ବର୍ଷ ବହୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମ୍ଭାବନା ରହିଥିବା ନେଇ କୁହାଯାଉଛି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**



**AFFIDAVIT**

I, Jhabarmal Dugar, S/o- Late Manmal Doogar, Resident of Baba Ramdev Road, Ward No-13, Sardar Shahar, Dist-Churu, Pin-331403, Rajsthan declare by this affidavit No.5118, Dt.19/02/2024, that now onwards I shall be known as **JABAR MAL DOOGAR** for all future purposes.



**AFFIDAVIT**

I, Gitanjali Sahoo, W/o- Sanatan Sahoo, resident of At: LIG-100, Brit Colony, Ps-Nayapalli, Bhubaneswar, Dist-Khurda, Pin-751012, Odisha declare by this affidavit No.312, dated-17/02/2024 that now onwards I shall be known as **GITANJALI NANDI** for all future purposes.



**AFFIDAVIT**

I, Kshiroda Chandra Nath, S/o-Udaya Nath, resident of At- Flat No. 6CB, Mani Tribhuban, Raghunathpur, Patia, Ps-Infocity, Bhubaneswar, Dist-Khurda, Pin-751024, Odisha declare by this affidavit No.316, dated- 18/02/2024 that now onwards I shall be known as **KHIROD NATH** for all future purposes.


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

CAD-4203

(ଭୂ-ଅର୍ଜନ ଉପବିଭାଗ)

ନୋଟିସ ସଂଖ୍ୟା : ୦୧ | ତାରିଖ : ୦୩.୦୨.୨୦୨୪

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚାରର୍ଥେ ଜଣାଇଦିଆଯାଉଛି କି, ସେକ୍ରେଟାରୀ ବି.ଡି.ଏ. ଭୁବନେଶ୍ୱର ଙ୍କ ପ୍ରସ୍ତାବ କ୍ରମେ ଖୋର୍ଦ୍ଧା ଜିଲା ମୌଜା – ଚନ୍ଦ୍ରଶେଖରପୁର, ଗାଡକଣ ଓ ପଟିଆ, ତହସିଲ-ଭୁବନେଶ୍ୱର ଠାରେ କେଳୁଚରଣ ପାର୍କ ଠାରୁ ପଟିଆ ରେଲୱେ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିମନ୍ତେ, ଏକର ୧୮.୫୫୨ ଡି ପରିମିତ ବେସରକାରୀ ଜମି ଅଧିଗ୍ରହଣ କରାଯାଉଅଛି। ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ଚୂଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ନିମନ୍ତେ ଏକ ଜଣ ଶୁଣାଣି ଆସନ୍ତା ତା ୨୬.୦୨.୨୦୨୪ ରିଖ (ସୋମବାର) ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ପଟିଆଗଡ କନକଦୁର୍ଗା ମନ୍ଦିର ପଡିଆ, ଜଗନ୍ନାଥ ମନ୍ଦିର ନିକଟ ଯାତ୍ରା ପଡିଆ, ପଟିଆ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ସ୍ଥିରିକୃତ କରାଯାଇଅଛି।

ଏଣୁ ଆପଣମାନେ ବହୁ ସଂଖ୍ୟାରେ ଉକ୍ତ ଜଣଶୁଣାଣି ରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ଦେଇପାରିବେ।

ଭୂ-ଅର୍ଜନ ଅଧିକାରୀ,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

OIPR-13033/11/0665/2324

C-

## GOVERNMENT OF ODISHA OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.

e-mail:- eephd.rgda.od@nic.in, eephdrgda@gmail.com

NATIONAL COMPETITIVF BIDDING THROUGH e-Procurement INVITATION FOR BIDS (IFB) NO EEPHDRAYAGADA- 71/ 2023-24 PT.07.02.2024

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Procurement of D.I pipe for the work "Improvement of Water Supply to Seriguda area of Rayagada Municipality" | EEPHDRAYAGA DA- 71/2023-24 Dtd.07.02.2024 | 57.58 | Reputed Manufacture | 1 (One Month) | 22.02.2024 (11.00 Hr) | 07.03.2024 (17.00 Hr) |

Name & Address of Officer Inviting Bid : Executive Engineer
P.H. Division, Rayagada
Email: eephd.rgda.od@nic.in, eephdrgda@gmail.com

Further details can be seen from the e-Procurement portal "https://www.tendersorissa.gov.in".

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

EXECUTIVE ENGINEER,
P.H. DIVISION, RAYAGADA

OIPR-13052/11/0030/2324

C-

## GOVERNMENT OF ODISHA OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBAN ESWAR

NATIONAL COMPETITIVE BIDDING THROUGH e-PROCUREMENT

**Invitation For Bids (IFB) Ptd.07.02.2024**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Augmentation of Water Supply System for Bhuban NAC including all other Ancillary Works including O&M for 5 Years under AM RUT 2.0 SWAP-II | EICPH-17/ 2023-24 | 1775.25 | W Class & Special Class | 18 (Eighteen) Months | 11.00 Hrs. of 15.02.2024 | 17.00 Hrs. of 06.03.2024 |
| 2. | Improvement of Water Supply to Jajpur Town for upgradation to 24x7 Water Supply System including O&M for 5 Years under AM RUT 2.0 SWAP-I | EICPH-18/ 2023-24 | 3143.73 | Special Class & Super Class | 18 (Eighteen) Months | 11.00 Hrs. of 16.02.2024 | 17.00 Hrs. of 06.03.2024 |
| 3. | Augmentation of Water Supply System for Dhenkanal Town by convergence with Mega Water Supply Project of RWSS including O&M for 5 Years under AM RUT 2.0 SWAP-II | EICPH-19/ 2023-24 | 1748.23 | "A' Class & Special Class | 15 (Fifteen) Months | 11.00 Hrs. of 17.02.2024 | 17.00 Hrs. of 08.03.2024 |

Name & Address of Officer Inviting Bid: The Engineer-In-Chief (PH)
Office of The Engineer-in-Chief, PH
1st Floor, Unnati Bhawan, Satyanagar,
Bhubaneswar, Odisha - 751007. Phone:
#91-674-2575309,
e-maiheicphodisha@gmail.com

- Further details can be seen from the e-Procurement portal "https://www.tendersodisha.aov.in
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

OIPR-13068/11/0010/2324 ENGINEER-IN-CHIEF (PH)

O-

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

**'E' PROCUREMENT NOTICE NO. Tender Online 33 JJPT of 2023-24**

1. Name of work : Building & Road Works.
2. Total No of Work : 03 No. Building & 2 No Road Work.
3. Estimated Cost (Approx.) : Rs. 6.72 to 46.15 Lakhs
4. Period of Completion : 6 to 9 Months & 15 Days
5. Class of contractors : D, C and B Class

Other details are as follows:

a) Procurement officer : Executive Engineer, Rural Works Division, Jajpur
b) Availability of tender online : 20.02.2024 at 10.00 AM to & submission of bid 27.02.2024 upto 5.00 PM
c) Last date & time of seeking : 26.02.2024 up to 5.00 PM of tender clarification
d) Opening of Technical Bid : 28.02.2024 at 11.30 A.M.

Further details can be seen from the Govt. website www.tendersodisha.gov.in

Sd/- Executive Engineer
Rural Works Division, Jajpur

OIPR-25047/11/0049/2324

## GOVERNMENT OF ODISHA e-Procurement Notice Online Tender

A-1546

**BID Identification No. SEMIDBNJ-05/2023-24**

| | | |
|---|---|---|
| Name of work | | Civil Construction Works. |
| No of work | | 08 Nos. |
| Estimated cost | | Rs. 5.35 to RS. 28.30 Lakh |
| Period of Completion | | 04 (Four) to 06 (Six) Calendar Months |
| Date & Time of availability of Bid Documents in the portal | | From: 20.02.2024 to 27.02.2024 up to 17.30 Hours |
| Date for opening of Bid | | 28.02.2024 at 11.00 A.M. |
| Lottery Date if required | : | 29.02.2024 at 11.30 A.M. |
| Name & Address of the OIT | : | Superintending Engineer Minor Irrigation Division, Bhanjanagar |

Further Details & Corrigendum if any can be seen from the web site : **www.tendersodisha.gov.in**

Sd/- Superintending Engineer
M.I. Division, Bhanjanagar

OIPR-32287/11/0013/2324

A-1537

OFFICE OF THE SUPERINTENDING ENGINEER
MINOR IRRIGATION DIVISION, BOUDH
GOVERNMENT OF ODISHA e-Procurement Notice
Bid Identification No. 20/BMID/2023-2024
E-mail ID: bmidbdh@gmail.com
Letter No. 575 / Date. 16.02.2024

| | | | |
|---|---|---|---|
| 1 | Name of work | : | Construction of New Check Dams under MATY Scheme 2023-24 in Boudh District |
| 2 | Numbers of Work | : | 06 (Six) Nos |
| 3 | Tender Amount | : | Varies from Rs. 31.30 Lakhs to Rs. 48.79 Lakhs. |
| 4 | Class of Contractor | : | "C"&"B" |
| 5 | Tender paper Cost(Online) | : | Rs. 6000/- |
| 6 | Period of Completion | : | 06 (Six) Calendar Months |
| 7 | Availability of Bid Document | : | From 20.02.2024 at 10.00 AM to 02.03.2024 at 05.00 PM in website (www.tendersorissa.gov.in) |
| 8 | Last date & Time of receipt of Bid | : | 02.03.2024 at 05.00 PM through online |
| 9 | Date of opening of Bid Documents | : | 04.03.2024 at 11.00 A.M in the office of the SE, M.I. Division, Boudh |
| 10 | Date of Lottery if required | : | 07.03.2024. |
| 11 | Digital Signature Certificate of : Bidder | : | The bidder must process compatible digital signature certificate (DSC) |
| 12 | Name and address of the OIT | : | Superintending Engineer, M.I. Division, Boudh At/P.O:- Malisahi. District: - Boudh. Pin-762014 |

Further details can be seen from the Government of Odisha website www.tendersorissa.gov.in

Superintending Engineer
M.I. Division, Boudh

OIPR-32279/11/0019/2324

O-

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No. 922 / Date 13.02.2024

"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Flood Resilient Road Works under SDMF & Improvement to Existing RD road for the year 2023-24 |
| 2. | Total No. of works: | : | 08 No. of Road Works |
| 3. | Estimated Cost of the work: | : | Varies from Rs.91.67 lakhs to Rs.618.33 lakhs |
| 4. | Class of Contractor | : | |
| | a)Estimated cost more than Rs. 20.00 lakhs up to Rs. 3.00 Crore | | B Class (of Odisha PWD) or relevant class of other licensing authorities |
| | b)Estimated cost more than Rs. 1.00 Crore up to Rs. 20.00 Crore | | A Class (of Odisha PWD) or relevant class of other licensing authorities |
| | c)Estimated cost more than Rs. 6.00 Crores up to Rs. 50.00 Crore | | Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online-C.C.08 of 2024 | 21.02.2024 at 11.00 A.M. | 06.03.2024 up to 5.00 P.M. | 07.03.2024 at 11.00 A.M. | To be intimated lateron |

Further details can be seen from the web site www.tendersodisha.gov.in

Chief Engineer
Cnetral R.W. Circle, Bhubaneswar

OIPR-25194/11/0007/2324

ସକାଳ THE SAKALA



## ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

**କାମାକ୍ଷାନଗର, ୧୯।୨(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ଥାନା ଅନ୍ତର୍ଗତ ରୂପାବେଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ରୂପାବେଡା ଗ୍ରାମର ମୁନି ତିୟୁ(୨୧) ଗୋବରୀ ଗାଁର ତ୍ରିଲୋଚନ ଗାଗରାଇଙ୍କୁ ୨ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ପତି, ପତ୍ନୀଙ୍କ ମଧ୍ୟରେ ମନୋମାଳିନ ହେବାରୁ ମୁନି ୬ ମାସ ହେଲାଣି ସ୍ୱାମୀଙ୍କୁ ଛାଡି ରୂପାବେଡା ଗାଁରେ ବାପ ଘରେ ରହୁଥିଲେ। ଆଜି ସକାଳେ ଘର ଠାରୁ ୫୦ ମିଟର ଦୂରରେ ମହୁଲ ଗଛରେ ମୁନି ଝୁଲୁଥିବା ଅବସ୍ଥାରେ ଘର ସଦସ୍ୟମାନେ ଦେଖି କଙ୍କଡାହାଡ଼ ପୋଲିସକୁ ଖବର ଦେଇଥିଲେ। ଖବର ପାଇ କଙ୍କଡାହାଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ଶବ ବ୍ୟବଚ୍ଛେଦ କରିବା ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଘଟଣାକୁ ନେଇ ମୃତ ମୁନିଙ୍କ ଭାଇ ବାଗୁନ ତିୟୁ ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ଭଉଣୀ ମୁନି ଓ ମା ରଇବାରି ତିୟୁ ଘରେ ଖାଇ ସାରି ଶୋଇଯାଇଥିଲେ। ମାନସିକ ଚିନ୍ତାରୁ ସେ ଆତ୍ମହତ୍ୟା କରିଥିବା ଥାନାରେ ଭାଇ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା କହିଛନ୍ତି ରୂପାବେଡା ଗାଁରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଭାଇ ଥାନାରେ ଅଭିଯୋଗ କରିଛନ୍ତି। କେଉଁ ପରିସ୍ଥିତିରେ ଘଟଣା ଘଟିଛି ଏହାର ଅଧିକ ତଦନ୍ତ ଜାରିଅଛି ବୋଲି ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି।

**ଆଜିଠାରୁ ମାଟ୍ରିକ ପରୀକ୍ଷା**

## ଜିଲ୍ଲାର ୯୭ କେନ୍ଦ୍ରରେ ୧୬ ହଜାର ୭୮୦ ପରୀକ୍ଷାର୍ଥୀ

**ଢେଙ୍କାନାଳ, ୧୯।୨(ସମିସ)**

ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାରେ ମୋଟ ୯୭ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୭୮୦ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ ଅଂଶଗ୍ରହଣ କରିବେ। ମାଧ୍ୟମିକ ଶିକ୍ଷାପରିଷଦ ଓଡ଼ିଶାଙ୍କ ତରଫରୁ ଚଳିତ ମାସ ୨୦ରୁ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାରେ କପିକୁ ରୋକିବାକୁ ସିସି ଟିଭିର ବ୍ୟବସ୍ଥା କରାଯାଇଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଜିଲ୍ଲାର ୯୭ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୭୮୦ ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ର ମଧ୍ୟରୁ ୫୦ଟି କେନ୍ଦ୍ର ସମ୍ବେଦନଶୀଳ। ପରୀକ୍ଷାରେ କପିକୁ ରୋକିବା ଏବଂ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ସମସ୍ତ କେନ୍ଦ୍ରରେ ସିସି ଟିଭି ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜିଲ୍ଲା ଶିକ୍ଷାବିଭାଗ ତରଫରୁ ପରୀକ୍ଷା ପରିଚାଳନାକୁ ଗୁରୁତ୍ୱ ପ୍ରଦାନକରାଯାଇଥିବା ବେଳେ ପ୍ରଶ୍ନପତ୍ର ପହଞ୍ଚିବା ଠାରୁ ଆରମ୍ଭ କରି ଉତ୍ତରଖାତା ପଠାଯିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ଶେଷ ହୋଇଛି। ଜିଲ୍ଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ ହଜାର ୬୭୮ ରେଗୁଲାର ଏବଂ ୩୪ ଏକ୍ସରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି। ମୋଟ ୯୭ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ସଦର ବ୍ଲକରେ ୧୪ଟି କେନ୍ଦ୍ର ରହିଥିବା ବେଳେ ୯ଟି ସମ୍ବେଦନଶୀଳ, ଭୁବନ ବ୍ଲକରେ ୧୧ଟି କେନ୍ଦ୍ର ରହିଥିବା ବେଳେ ୪ଟି ସମ୍ବେଦନଶୀଳ, ଗଁଦିଆ ବ୍ଲକରେ ୧୩ଟି କେନ୍ଦ୍ର ରହିଥିବା ବେଳେ ୭ଟି ସମ୍ବେଦନଶୀଳ, ହିନ୍ଦୋଳ ବ୍ଲକରେ ୧୩ଟି କେନ୍ଦ୍ର ରହିଥିବା ବେଳେ ୫ଟି ସମ୍ବେଦନଶୀଳ, କାମାକ୍ଷାନଗର ବ୍ଲକରେ ୧୨ଟି କେନ୍ଦ୍ର ରହିଥିବା ବେଳେ ୩ଟି ସମ୍ବେଦନଶୀଳ, କଙ୍କଡାହାଡ ବ୍ଲକରେ ୯ଟି କେନ୍ଦ୍ର ରହିଥିବା ବେଳେ ୬ଟି ସମ୍ବେଦନଶୀଳ, ଓଡାପଡ଼ା ବ୍ଲକରେ ୧୩ଟି କେନ୍ଦ୍ର ରହିଥିବା ବେଳେ ୮ଟି ସମ୍ବେଦନଶୀଳ, ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ରରୁ ୮ଟି ସମ୍ବେଦନଶୀଳ କେନ୍ଦ୍ର ରହିଛି। ପ୍ରଶ୍ନ ପତ୍ର ଗଚ୍ଛିତ ରଖିବା ପାଇଁ ୧୦ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ୮ଟି ବ୍ଲକରେ ୮ଟି ସେଣ୍ଟର ସହିତ ଢେଙ୍କାନାଳ ଏବଂ କଙ୍କଡାହାଡ ବ୍ଲକରେ ଅଧିକ ଆଉ ଗୋଟିଏ ଲେଖାଏଁ ସେଣ୍ଟର କରାଯାଇଛି। ସଠିକ ସମୟରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୨୪ଟି ଡେସପାଚ୍ ଟିମ ଗଠନ କରାଯାଇଛି। ସେହିପରି ପରୀକ୍ଷାରେ ଯେମିତି କପି ନହୁଏ ସେଥିପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ପରୀକ୍ଷା ସମୟରେ କେନ୍ଦ୍ରକୁ ମୋବାଇଲ ଫୋନକୁ ସମ୍ପୂର୍ଣ୍ଣ ଭାବରେ ବାରଣ କରାଯାଇଛି। ଏପରିକି ପରୀକ୍ଷା ନିରୀକ୍ଷକ ମଧ୍ୟ ଫୋନ ବ୍ୟବହାର କରିବା ଉପରେ କଟକଣା ଜାରି କରାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ବିନିତା ସେନାପତି ଜଣାଇଛନ୍ତି।

**୫୦ଟି କେନ୍ଦ୍ର ସମ୍ବେଦନଶୀଳ**

**କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ**

## ୧୫୦ କୋଟି ଟଙ୍କାର ପ୍ରକଳ୍ପ ଖଣିମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

**କାମାକ୍ଷାନଗର, ୧୯।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ରେ ପୂର୍ତ୍ତବିଭାଗ ତରଫରୁ ୧୫୦ କୋଟି ଟଙ୍କା ର ବିଭିନ୍ନ ପ୍ରକଳ୍ପ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଦ୍ୱାରା ଉଦଘାଟିତ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।



ବିଭିନ୍ନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇ କାଲୁରିଆ ଠାରେ ମହିମା ସେତୁର ବାମପାର୍ଶ୍ୱ ପ୍ରବେଶ ପଥ ନିର୍ମାଣର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ଉଦଘାଟନ ହୋଇଥିବା ବେଳେ ଗୋରଡିଆ ଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୫.୪କିଲୋମିଟର ରାସ୍ତାର ପ୍ରଶସ୍ତିକରଣ, ଲୋକନାଥପୁର ଠାରୁ ବାଲିଗୋରଡ଼ -ମୋଟା -ଜଡ଼ାପାଳ ଛକ ପୂର୍ତ୍ତବିଭାଗ ରାସ୍ତାର ୮.୧୫୦ ମିଟର ରାସ୍ତାରେ ରାମିଆଳ ନଦୀ ଉପରେ ଉଚ୍ଚ ସେତୁ ନିର୍ମାଣ, ବାଲିସାହି ଠାରେ ନୂତନ ସେତୁ ନିର୍ମାଣ, ଖଟଖୁରା -ଭଏରପୁର ରାସ୍ତାର ପ୍ରଶସ୍ତିକରଣ ଇତ୍ୟାଦି ପାଇଁ ଭିତ୍ତିପ୍ରସ୍ତର ଉଦଘାଟିତ ହୋଇଯାଇଛି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ବରିଷ୍ଠ ନେତା ଅଭିମନ୍ୟୁ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ତରଫରୁ ଢେଙ୍କାନାଳ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, କାମାକ୍ଷାନଗର ଉପଖଣ୍ଡ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠି, କନିଷ୍ଠ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକ ଙ୍କ ସମେତ ବିଭିନ୍ନ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କଂଗ୍ରେସରୁ ପୂର୍ବତନ ମନ୍ତ୍ରୀଙ୍କ ସମେତ ଜିଲ୍ଲା ସଭାପତିଙ୍କ ଇସ୍ତଫା

**ଢେଙ୍କାନାଳ, ୧୯।୨(ସମିସ):** ଢେଙ୍କାନାଳ ଜିଲ୍ଲାରେ କଂଗ୍ରେସର ସ୍ଥିତି ଦିନକୁ ଦିନ ଦୟନୀୟ ହେଉଛି। ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସରେ କୋଣଠେସା ହୋଇ ରହିଥିବା ପୂର୍ବତନ ମନ୍ତ୍ରୀ ଇସ୍ତଫା ପ୍ରଦାନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତିଙ୍କ ଉପରେ ସମସ୍ତ ଦୋଷ ଲଦି ପୂର୍ବତନ୍ ମନ୍ତ୍ରୀଙ୍କ ସହିତ ଜିଲ୍ଲା କଂଗ୍ରେସ କମିଟି ସଭାପତି, ଓଡାପଡ଼ା ବ୍ଲକ ସଭାପତି ଏବଂ ସଦର ବ୍ଲକ ସଭାପତି ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି।

ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ତଥାପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା ସଭାପତି ସରୋଜ କୁମାର ପଟ୍ଟନାୟକ, ଓଡାପଡ଼ା ବ୍ଲକ ସଭାପତି ପ୍ରମୋଦ କୁମାର ନାୟକ, ସଦରବ୍ଲକ ସଭାପତିଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରାଥମିକ ପଦରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ତାଙ୍କର ଇସ୍ତଫା ପତ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀଙ୍କ କହିବା ଅନୁସାରେ ସେ ଦୀର୍ଘ ୧୯୬୯ମସିହାରୁ କଂଗ୍ରେସରେ ରହି କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନର ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ତାଙ୍କୁ ଗୁରୁତ୍ୱ ଦେବା ତ ଦୂରର କଥା ଅଣଦେଖା କରୁଛନ୍ତି। କୌଣସି କାର୍ଯ୍ୟରେ ତାଙ୍କ ମତାମତ ମଧ୍ୟ ନେଉନାହାଁନ୍ତି କିମ୍ବା ଗୁରୁତ୍ୱ ଦେଉନାହାଁନ୍ତି। କଂଗ୍ରେସର ସ୍ଥିତି ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ରହିଥିବା ବେଳେ ଆସନ୍ତା ନିର୍ବାଚନରେ ୯୦ କଣ ଗୋଟିଏ ବି ସିଟ ପାଇବ ନାହିଁ ବୋଲି କହିଛନ୍ତି। ସେହିପରି ଜିଲ୍ଲା ସଭାପତି ପ୍ରଦେଶ କଂଗ୍ରେସ ସଭାପତିଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସହିତ ପୂର୍ବତନ ସଭାପତି ସରୋଜ ଶତପଥି, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ସଦର ବ୍ଲକ ସଭାପତି ଅଖିଳ ମୋହନ ଖୁଣ୍ଟିଆ ଓ ଓଡାପଡ଼ା ବ୍ଲକ ସଭାପତି ପ୍ରମୋଦ କୁମାର ନାୟକ ଇସ୍ତଫା ପ୍ରଦାନ କରିଛନ୍ତି।



## ମହାମାୟୀଙ୍କ ଚତୁର୍ଥ ବାର୍ଷିକୋତ୍ସବ



**ଢେଙ୍କାନାଳ, ୧୯।୨(ସମିସ):** ସ୍ଥାନୀୟ ରଗଡ଼ିସାହିସ୍ଥିତ ମା' ମହାମାୟୀଙ୍କ ଚତୁର୍ଥ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି। ପ୍ରାତଃ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ଫୁଲହାର ମା'ଙ୍କୁ ସୁସଜ୍ଜିତ କରାଯାଇ ବିଭିନ୍ନ ଭୋଗରାଗ ଲାଗି କରାଯାଇଥିଲା। ୫୦ ରୁ ଊର୍ଦ୍ଧ୍ୱ ମହିଳାମାନେ ଶାସନ ପୋଖରୀ ଠାରେ ପୂଜାର୍ଚ୍ଚନା କରି କଳସଯାତ୍ରା ପରେ ସୂର୍ଯ୍ୟପୂଜା କରାଯାଇଥିଲା। ତା'ପରେ ମଣ୍ଡଳ ପୂଜା, ମା' ମହାମାୟୀଙ୍କ ଷୋଡଶଉପଚାର ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। ପୂଜକ ଡୁଲା ଭାଇନା, କର୍ତ୍ତା ପ୍ରଶାନ୍ତ ନାୟକ ଓ ପତ୍ନୀ ଲିନୁ ନାୟକ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମାପନ କରିଥିଲେ। ମା'ଙ୍କ କାଳେସୀ ରେଣୁ ନାୟକ, ସଭାପତି ପ୍ରଭାତି ନାୟକ, କର୍ମକର୍ତ୍ତା ସୋନାଲି ନାୟକ, ଟୁନି ନାୟକ, ମମତା ବରାଳ, ପ୍ରଣତି ନାୟକ, ଭାରତୀ ନାୟକ, ଜାନକୀ ଦଳେଇ, ଦୀପା ନାୟକଙ୍କ ସହିତ ସାହିବାସୀଦା ଓ ଭକ୍ତ ସହଯୋଗ କରିଥିଲେ। ସଂକୀର୍ତନ ମଣ୍ଡଳୀ ଦ୍ୱାରା ନାମସଂକୀର୍ତନ ଓ ଭଜନ ଜଣାଣ ପରିବେଷଣ କରାଯାଇଥିଲା।

## ମନ୍ଦିର ପାଇଁ ଜମି କ୍ରୟ ଯୋଗୁ ଦୀପଦାନ

**ଢେଙ୍କାନାଳ, ୧୯।୨(ସମିସ):** ସ୍ଥାନୀୟ ମୀନା ବଜାର ଶ୍ରୀ ଶ୍ରୀ ମଉଡମଣୀ ରାଜଲକ୍ଷ୍ମୀ ମୀନା ବଜାରର ଲକ୍ଷ୍ମୀପୂଜା ଗୃହ ନିକଟସ୍ଥିତ ଉତ୍ତର ପାର୍ଶ୍ୱ ଜମି କ୍ରୟ ଯୋଗୁ ମା'ଙ୍କ ନିକଟରେ ଦୀପଦାନ କରାଯାଇଛି। ଶ୍ରୀ ଶ୍ରୀ ମଉଡମଣୀ ରାଜଲକ୍ଷ୍ମୀଙ୍କ ମନ୍ଦିରରେ ସମସ୍ତ ଟ୍ରଷ୍ଟୀ, ସମସ୍ତ ପୂଜାକମିଟି ସଦସ୍ୟମାନେ ଉପସ୍ଥିତ ରହି ମା'ଙ୍କ ନିକଟରେ ଆଳତୀ, ଭୋଗରାଗ ଲାଗି କରାଯାଇ ୧୦୮ ଦୀପଦାନ କରାଯାଇଥିଲା। ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ମୀନାବଜାର ଲକ୍ଷ୍ମୀ ଠାକୁରାଣୀଙ୍କ ଚାନ୍ଦିମେଢ, ହୋମ ଯଜ୍ଞ ଓ ଭୋଗରାଗ ନୈବେଦ୍ୟ ଇତ୍ୟାଦି ସମର୍ପଣ ସମୟରେ ସ୍ଥାନଟି ସଂକୀର୍ଣ୍ଣ ହେଉଥିଲା। ପାର୍ଶ୍ୱ ଜମିଟି ମୁଖ୍ୟ ମନ୍ଦିର ସହିତ ସହିତ ମିଶିଗଲେ ଲକ୍ଷ୍ମୀପୂଜା ସମୟରେ ଏହା ପ୍ରଶସ୍ତ ହେବାସହ ଦର୍ଶନାର୍ଥୀ ଉପକୃତ ହେବେ ବୋଲି ପୂଜାକମିଟି ପକ୍ଷରୁ ସୂଚନା ଦିଆଯାଇଛି।



**କ୍ୟାଡର ପୁର୍ନଗଠନ ଦାବି**

## ଆନ୍ଦୋଳନକୁ ଓହ୍ଲାଇଲେ ରାଜସ୍ୱ କର୍ମଚାରୀ

**ଢେଙ୍କାନାଳ, ୧୯।୨(ସମିସ):** ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀମାନେ କ୍ୟାଡର ପୁର୍ନଗଠନ ଏବଂ ଅନ୍ୟାନ୍ୟ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମସ୍ୟାର ସମାଧାନ ନହେବା ଯାଏ ଏହି ଆନ୍ଦୋଳନ ଚାଲୁରହିବ ବୋଲି ସଙ୍ଘ ତରଫରୁ ଜଣାପଡ଼ିଛି। ୧୯୮୩ ମସିହା ଠାରୁ କ୍ୟାଡର ପୁର୍ନଗଠନ ହୋଇପାରିଲା ନାହିଁ। କିନ୍ତୁ ଅନ୍ୟବିଭାଗର କ୍ୟାଡର ପୁର୍ନଗଠନ ହେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଅସନ୍ତୋଷ ସହିତ ୬ ଦଫା ଦାବିକୁ ନେଇ ଆରଏସ, ଆର୍‌ଆଇ, ଏଆର୍‌ଆଇମାନେ ଆନ୍ଦୋଳନ କରୁଛନ୍ତି। ତହସିଲ ସମ୍ମୁଖରେ ଧାରଣାରେ ବସିବା ସହିତ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଥିବାର ଜଣାପଡ଼ିଛି। ଫଳରେ ଜିଲ୍ଲାରେ ଥିବା ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଠପ ହୋଇପଡ଼ିଛି। ଦାବିଗୁଡିକ ମଧ୍ୟରେ ଓଡିଆରଏସ ନିୟମ ୧୯୮୩ର ସଂଶୋଧନ, ବିଓଆର କଟକ ଦ୍ୱାରା ପ୍ରକାଶିତ ଆବଶ୍ୟକ ସଂଶୋଧନ, ଓଏଏସ ପାଇଁ ୨୫ଭାଗ ପଦୋନ୍ନତି କରିବା ସହିତ ଓଆରଏସ ପଦୋନ୍ନତିରେ ନିମ୍ନତମ ସିଆରଅର ମାନଦଣ୍ଡ ବିଲୋପ କରିବା ଆଦି ବିଭିନ୍ନ ଦାବି ପୂରଣ ପାଇଁ ଏକ ପ୍ରେସବିବୃତିରେ ସାଧାରଣ ସମ୍ପାଦକ ମହମ୍ମଦ ଆଖତର ପ୍ରକାଶ କରିଛନ୍ତି।



## ମା' ବୁଢୀ ମହୋତ୍ସବ

**ହିନ୍ଦୋଳ, ୧୯।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ନୂଆବଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଘଧରିଆ ଗ୍ରାମରେ ଷଷ୍ଠ ମା' ବୁଢ଼ୀ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବାଘଧରିଆ ଗ୍ରାମର ଯୁବକସଙ୍ଘଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମ କୋଠଘର ଠାରେ ଉକ୍ତ ମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆଖପାଖ ଅଞ୍ଚଳ ବହୁ ପ୍ରତିଭା ସମ୍ପନ୍ନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୨ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାନସ ଦେହୁରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଥିବା ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବାଘଧରିଆ ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ବୈଠକ**

## ୧୧ଟାରୁ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ

**ଢେଙ୍କାନାଳ, ୧୯।୨(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପରିଚାଳନା କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ପରିଚାଳନା ଓ ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ଗ୍ରୀଷ୍ମ ପ୍ରବାହରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବାକୁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସହରାଞ୍ଚଳରେ ଜଳଛତ୍ରର ବ୍ୟବସ୍ଥା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କହିବା ସହିତ ଜନସାଧାରଣ ପଶୁ ପକ୍ଷୀମାନଙ୍କ ନିମନ୍ତେ ନିଜ ନିଜ ଅଞ୍ଚଳରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଯାତ୍ରୀବାହୀ ବସରେ ପାନୀୟ ଜଳ ସହିତ ଓଆରଏସ୍ ପ୍ୟାକେଟର ବ୍ୟବସ୍ଥା କରିବା ସହିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବସ ଚଳାଚଳକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। କୃଷକ ଓ ଶ୍ରମିକମାନେ ଯେପରି ଟାଣ ଖରାରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ନ କରିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାସଠାରୁ ଯେପରି ନିଃରବଚ୍ଛିନ ବିଦ୍ୟୁତ ଯୋଗାଣ ହେବା ସହିତ ସମସ୍ତ ରକ୍ଷଣାବେକ୍ଷଣାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହରେ ଆକ୍ରାନ୍ତମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆସନ୍ତା ମାର୍ଚ୍ଚ ୧ ତାରିଖରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ୨୪ଘଣ୍ଟିଆ କଣ୍ଟ୍ରୋଲରୁ କାର୍ଯ୍ୟ କରିବ ବୋଲି ସିଡିଏମ୍‌ଓ ଡା ଦିଲ୍ଲୀପ କୁମାର ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଚିକିତ୍ସାଳୟରେ ହେବାକୁ ଥିବା ଥଣ୍ଡା ପ୍ରକୋଷ୍ଠର ବ୍ୟବସ୍ଥା ସହିତ ଔଷଧ ମହଜୁଦ ସହିତ ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରିଥିଲେ। ଏହି ବୈଠକରେ କୃଷି କାର୍ଯ୍ୟ ନିମନ୍ତେ ଜଳସେଚନ ବ୍ୟବସ୍ଥା ସମସ୍ତ ନଳକୂପକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଚାର ଦ୍ୱାରା ଜଳସାଧାରଣଙ୍କୁ ଅଧିକ ସଚେତନ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି।



## ଜନଅଭିଯୋଗ ଶୁଣାଣି ଶିବିରରେ ୮୦ ହଜାର ସହାୟତା

**କାମାକ୍ଷାନଗର ୧୯।୨(ସମିସ):** ପରଜଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଏକ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୦୨ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୫ ହଜାର ଟଙ୍କା ୧୦ଜଣଙ୍କୁ ପ୍ରଦାନ କରାଯାଇଛି। ସାମୂହିତ ଭାବେ ବ୍ରାହ୍ମଣନଦୀ ପୋଲ ଉପରେ ଦୈନନ୍ଦିନ ଭାରିଯାନ ଗହଳି ରହିବା ଯୋଗୁ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ସେବା ଛାତ୍ରଛାତ୍ରୀ ଯାତାୟତ କରିବା ସହିତ ସର୍ବଧାରଣ ଯାତାୟତରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାକୁ ନେଇ ଜଟିଆ ଯୁବ ସଂଗଠନ ସହିତ ପରଜଙ୍ଗ ସାମ୍ବାଦିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଏ ନେଇ ଜିଲ୍ଲାପାଳ ସମାଧାନ କରାଯିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## କଂସରା ଓ କନ୍ତିମିଲାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ହିନ୍ଦୋଳ, ୧୯।୨(ସମିସ)**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ କଂସରା ଓ କନ୍ତାମିଲା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ସଚେତନତା ଶିବିର ଅନୁଷ୍ଠିତ। ଗ୍ରାମାଞ୍ଚଳରେ ଭିତିଭିଭୂମିର ବିକାଶ ପାଇଁ ବିକାଶମୂଳକ କାର୍ଯ୍ୟକୁ ଏଲିଡି ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଇଥିଲା।ଏହି ଶିବିରରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକ, ଉପାଧ୍ୟକ୍ଷ ବରୁଣ ସର, ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା, ସରପଞ୍ଚ, ସମିତି ସଭ୍ୟସଭ୍ୟା, ଅଙ୍ଗନବାଡି କର୍ମୀ, ମିଶନଶକ୍ତିର ସଦସ୍ୟା, ସମସ୍ତ ଲୋକପ୍ରତିନିଧି, ଜନସାଧାରଣ ଯୋଗ ଦେଉଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କନ୍ତାମିଲା ଗ୍ରାମପଞ୍ଚାୟତ ରେ ୧୪ଗୋଟି ପ୍ରକଳ୍ପପାଇଁ ୫୦ଲକ୍ଷ ଟଙ୍କା ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ପ୍ରଦାନ କରାଯାଇଥିବା ବେଳେ ୧୦୫୫ ପରିବାରକୁ ବିଜୁସ୍ୱାସ୍ଥ୍ୟ କଲ୍ୟାଣଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨ଟି ପ୍ରକଳ୍ପପାଇଁ ୮ଲକ୍ଷ ଟଙ୍କା, ୧୦୬୨ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ୬୦୫ ହୀତାଧୀକାରୀଙ୍କୁ ଭତ୍ତା ପ୍ରଦାନ, ୪୧ଟି ମିଶନଶକ୍ତି ଗୋଷ୍ଠୀକୁ ୧୬୪ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ୧୦୫୫ ପରିବାରକୁ ରେସନ କାର୍ଡ, ୬୬୧ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ରାଶି, ପଞ୍ଚାୟତରେ ଆମବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୂକ୍ତିକରଣ ଏବଂ ଲକ୍ଷ୍ମୀ ବସସେବା ଆଦି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବାବେଳେ କଂସରା ଗ୍ରାମପଞ୍ଚାୟତରେ ୧୫ ଗୋଟି ପ୍ରକଳ୍ପ ପାଇଁ୫୦ ଲକ୍ଷଟଙ୍କା, ୧୦୨୪ ପରିବାରକୁ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୂକ୍ତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨ଟି ପ୍ରକଳ୍ପ ପାଇଁ ୮ଲକ୍ଷଟଙ୍କା, ୮୮୧ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୂକ୍ତ, ୫୨୬ ହୀତାଧିକାରୀକୁ ଭତ୍ତା, ୪୦ଟି ମିଶନଶକ୍ତି ଗୋଷ୍ଠୀକୁ ମୋଟ ୧୬୦ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ୧୦୨୪ ପରିବାରକୁ ରାସନ କାର୍ଡ, ୮୫୧ ଗର୍ଭବତୀ ମହିଳାକୁ ମମତା ସହାୟତ, ଆମ ବସ ସେବା ଏବଂ ଲକ୍ଷ୍ମୀ ବସସେବା ଆଦି ଯୋଜନାରେ ଲୋକମାନେ ଲାଭ ପାଇଛନ୍ତି।



**● ଓକିଲ ସଂଘ ସଭାପତିଙ୍କୁ ଦୁର୍ବ୍ୟବହାର**

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ

**ଢେଙ୍କାନାଳ, ୧୯।୨(ସମିସ):** ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଓକିଲ ସଙ୍ଘର ସଭାପତିଙ୍କୁ ଡେପୁଟି କଲେକ୍ଟରଙ୍କ ଦୁର୍ବ୍ୟବହାରକୁ ସଂଘ ତରଫରୁ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଆଇନଜୀବୀ ମାନେ ଆନ୍ଦୋଳନ କରିଥିଲେ। ଶେଷରେ ଡେପୁଟି କଲେକ୍ଟର ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସୋମବାର ଦିନ କୌଣସି କାର୍ଯ୍ୟରେ ଓକିଲ ସଂଘର ସଭାପତି ଗୋପାଳ ପାତ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଡେପୁଟି କଲେକ୍ଟର ତାଙ୍କୁ ଅଶାଳନୀ ବ୍ୟବହାର କରିଥିଲେ। ଏହାକୁ ନେଇ ଓକିଲ ସଂଘ ତରଫରୁ ଡେପୁଟି କଲେକ୍ଟରକୁ ନେଇ କାର୍ଯ୍ୟାଳୟରୁ ସମସ୍ତ କର୍ମଚାରୀଙ୍କୁ ବାହାର କରିଦେଇ ଗେଟରେ ତାଲାପକାଇ ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଉପଜିଲ୍ଲାପାଳ ସପନ କୁମାର ନନ୍ଦ ଓ ପୁଲିସ ଉପସ୍ଥିତିରେ ଡେପୁଟି କଲେକ୍ଟର ନିସର୍ତ୍ତ କ୍ଷମା ମାଗିଥିଲେ।



● ଟ୍ରକ୍ ଚକା ତଳେ ପଶିଗଲା ସ୍କୁଟି

## ଚାଳକ ଗୁରୁତର ଆହତ

**ପାରାଦୀପ, ୧୯।୨ (ସମିସ):** ପାରାଦୀପ ଅଠରବାଙ୍କୀ ନିକଟ ତାରିଣୀଗଡାରେ ଏକ ୧୪ ଚକିଆ ଟ୍ରକ ଚକା ତଳେ ଏକ ସ୍କୁଟି ପଶିଯିବାରୁ ସ୍କୁଟି ଚାଳକ ଗୁରୁତର ଆହତ ହୋଇ ଅଠରବାଙ୍କୀ ମେଡିକାଲ ଓ ପରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ଆଜି ଦିନ ୧ଟା ସମୟରେ ତାରିଣୀଗଡା ନିକଟରେ ବନ୍ଦର ମଧ୍ୟକୁ ଆସୁଥିବା ଏକ ୧୪ଚକିଆ ମାଲବାହୀ ଟ୍ରକ୍ ଭିତରକୁ ଏକ ସ୍କୁଟି ନିଜର ଭାରସାମ୍ୟ ହରାଇ ପଶିଯାଇଥିଲା। ଫଳରେ ସ୍କୁଟି ଚାଳକ ଗୁରୁତର ହୋଇଯାଇଥିଲେ।

## ନାବାଳିକାର ଆତ୍ମହତ୍ୟା

**ପାରାଦୀପ, ୧୯।୨ (ସମିସ):** ପାରାଦୀପ ଲକ୍ ଥାନା ଅଞ୍ଚଳ ପିପ୍ପଳ ଗ୍ରାମରେ ଏକ ଅଭାବନୀୟଘଟଣା ଘଟିଯାଇଛି। ଶ୍ରୀଧର ତରାଇଙ୍କ ୧୪ ବର୍ଷର ନାବାଳିକା ପାରିବାରିକ କଳହ କାରଣରୁ ବିଷ ପିଇ ଦେଇଥିବାବେଳେ ତାକୁ ପ୍ରଥମେ ଅଠରବାଙ୍କୀ ପରେ କୁଜଙ୍ଗ ପରେ ଜଗତସିଂହପୁର ମେଡିକାଲ ନିଆଯାଇ ଚିକିତ୍ସା କରାଯାଉଥିବାବେଳେ ତା'ର ମୃତ୍ୟୁ ହୋଇଯାଇଛି। ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କ ଜୁଲମରେ ଅତିଷ୍ଠ ବୃଦ୍ଧ ଥାନାର ଦ୍ୱାରସ୍ଥ

**ବିରିଡି,୧୯।୨(ସମିସ):** ବକେୟା ବିଦ୍ୟୁତ ବିଲ ଆଦାୟ କରିବାକୁ ଯାଇଥିବା ବିଦ୍ୟୁତ କର୍ମଚାରୀ ଇପ୍ସିତ ମହାନ୍ତି ଓ ବିଶ୍ୱଜିତ ମହାନ୍ତି ବାଗଲପୁର ଗ୍ରାମର ବରିଷ୍ଠ ନାଗରିକ କୃଷ୍ଣ ଚନ୍ଦ୍ର ଭୋଇଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିଆଣ ଆକ୍ଷେପ କରି ଥିବାନେଇ ଶ୍ରୀ ଭୋଇ ସୋମବାର ଦିନ ବିରିଡି ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି ।ଖବର ମୁତାବକ ଗତ ଦୁଇଦିନ ତଳେ ସମ୍ପୃକ୍ତ ବିଦ୍ୟୁତ କର୍ମଚାରୀ ବାଗଲପୁର ଗ୍ରାମର କୃଷ୍ଣଚନ୍ଦ୍ର ଭୋଇଙ୍କ ଘରକୁ ବକେୟା ବିଦ୍ୟୁତ ବିଲ ଆଦାୟ କରିବାକୁ ଯାଇଥିଲେ । ଏବେ ପଇସା ନାହିଁ ବୋଲି କହି କିଛିଦିନ ସେ ସମୟ ମାଗିଥିଲେ । ମାତ୍ର ସମ୍ପୃକ୍ତ କର୍ମଚାରୀ ଆଜି ଦେବାକୁ ହେବ କହି ଜୁଲୁମ କରିଥିଲେ । ଯେତେ ପ୍ରକାର ବୁଝାସୁଝାକଲେ କଲେ ମଧ କିଛି ନ ଶୁଣି ସେମାନଙ୍କୁ ବ୍ୟବହାର ଖରାପ କରିବାସହ ଜାତିଆଣ ଆକ୍ଷେପ କରିଥିଲେ।

## ମୋନାଲିସା ସାହିତ୍ୟ ସଂସଦର ଶୀତ କବିତା ଆସର




**ପାରାଦୀପ, ୧୯।୨ (ସମିସ):** ପାରାଦୀପର ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ଶୀତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବଡପଡ଼ିଆ ସ୍ଥିତ ପୋର୍ଟ ୱାର୍କରସ ୟୁନିୟନ ସଭା ଗୃହରେ ଅନୁଷ୍ଠିତ ଶୀତ କବିତା ଆସର ରେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଅନନ୍ତ କୁମାର ଦାସ ଓ ରମେଶ ତ୍ରିପାଠୀ ଉପସ୍ଥିତ ଥିଲେ। ମୋନାଲିସା ସାହିତ୍ୟ ସଂସଦ ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହି ସଭାରେ କବି ବାବାଜୀ ନାୟକ, ମନୋଜ ଦାସ, ନୃସିଂହ ଚରଣ ବାରିକ, କଳ୍ପତରୁ ମନ୍ତ୍ରୀ, ସଂଜୀବ ଦାସ, ଟୁନି ଖୋଜି, ମଧୁସ୍ମିତା ମହାନ୍ତି ,ଧରିତ୍ରୀ ସାମଲ, ଭାଗ୍ୟଶ୍ରୀ ପ୍ରଧାନ ନିହାରୀ ବାଳା ବାରିକ ,ପଣ୍ଡିତ ବେଣୁଧର ମିଶ୍ର ,ପ୍ରଶାନ୍ତ କୁମାର ରାଉତ , ଆରତୀ ଦାସ, ମିରାଙ୍ଗିନୀ ଦେଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ କବି ରଂଜିତ ଦାସ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସଂଜୀବ କୁମାର ଦାସ।

● ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ନିର୍ବାଚନ

## ବ୍ୟକ୍ତିଗତଭାବେ ସଦସ୍ୟଙ୍କୁ ଭେଟି ପ୍ରଚାର ଚାଲିଛି

**ପାରାଦୀପ,୧୯।୨ (ସମିସ):** ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ନିର୍ବାଚନକୁ ଆଉ ରହିଲା ୫ ଦିନ। ଏବେ ପ୍ରଚାର ଜମୁଥିବା ବେଳେ ମଇଦାନକୁ ଆସିଥିବା ନେତା ବ୍ୟକ୍ତିଗତ ଭାବେ ସଦସ୍ୟଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ଦୁଇ ଦଳର ନେତା ଏବେ ଦିନରାତି ଏକାକାର କରି ବାଜି ମାରିବାକୁ ଅଣ୍ଟା ଭିଡିଛନ୍ତି।ଦୁଇ ସଭାପତି ପ୍ରାର୍ଥୀ ଛଇଳ ଜେନା ଏବଂ ରାକେଶ ଜେନା ତାଙ୍କ ଟିମଙ୍କୁ ବିପୁଳ ସମର୍ଥନ ପାଇଁ ଜୋରଦାର ପ୍ରଚାର କରୁଛନ୍ତି। ପାରାଦୀପରେ ରହିଥିବା ତିନିଗୋଟି ପ୍ରମୁଖ ଟ୍ରକ ମାଲିକ ସଙ୍ଘ ମଧ୍ୟରୁ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ଯେହେତୁ ଏକ ଶୃଙ୍ଖଳିତ ସଙ୍ଘ ତେବେ ଏହାର ନିର୍ବାଚନ ଏଥର ନିଆରା ଢଙ୍ଗରେ ଅନୁଷ୍ଠିତ ହେବାକୁ ଯାଉଛି। ନିଜ ପ୍ୟାନେଲକୁ ଜିତାଇବା ପାଇଁ ଦୁଇ ପ୍ୟାନେଲ ପ୍ରଚାର ଜୋରଦାର କରିଥିବା ବେଳେ ସବୁ ଟ୍ରକ ମାଲିକ ପ୍ରଚାରରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି।କେନ୍ଦ୍ରାପଡ଼ା ଓ ପାରାଦୀପ ର ବିଭିନ୍ନ ଅଞ୍ଚଳରେ ରହୁଥିବା ମାଲିକ ମାନଙ୍କ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର ଚଳାଇଛନ୍ତି ନେତା। ତେବେ ଆଗାମୀ ଦିନରେ କିଭଳି ମାଲିକ ମାନଙ୍କ ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବା, ଆଇରନ ଟ୍ରକ କୁ ନେଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ମାଲିକମାନଙ୍କ ଏହି ସମସ୍ୟାକୁ କିଭଳି ଦୂର କରିବା ଏହା ସହିତ ବିଭିନ୍ନ ଶିଳ୍ପ ସଂସ୍ଥାରେ ମାଲ ପରିବହନକୁ ନେଇ ହେଉଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପ୍ରସଙ୍ଗକୁ ନେଇ ଚାଲିଛି ପ୍ରଚାର।

# ୯୦ଟି କେନ୍ଦ୍ରରେ ପରୀକ୍ଷାଦେବେ ୧୩,୩୧୮ ଛାତ୍ରଛାତ୍ରୀ

**ଜଗତସିଂହପୁର,୧୯।୨ (ସମିସ)**

ଆଜିଠୁ ମାଟ୍ରିକ୍ ପରୀକ୍ଷା

ଜଗତସିଂହପୁର ଜିଲ୍ଲାର ବିଭିନ୍ନ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମାଟ୍ରିକ ଦ୍ୱିତୀୟ ସମ୍ମେଟିଭ ଆସେସ୍‌ମେଣ୍ଟ ପରୀକ୍ଷା-୨୦୨୪ ମଙ୍ଗଳବାର ଅନୁଷ୍ଠିତ ହେଉଛି। ଏଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାର ୯୦ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଥିବା ପରୀକ୍ଷାରେ ମୋଟ ୧୩,୩୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି।

ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ , ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହାଇସ୍କୁଲ ସାର୍ଟିଫିକେଟ ମାଟ୍ରିକ, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟର ପ୍ରଥମ ସମ୍ମେଟିଭ ଆସେସ୍‌ମେଣ୍ଟ ପରୀକ୍ଷା ଜିଲ୍ଲାର ୯୦ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲାର ମୋଟ ୧୩ , ୩୧୮ ଜଣ ପରୀକ୍ଷାର୍ଥୀ ନିଜ ସ୍କୁଲଠାରୁ ୫ରୁ ୧୦ କି.ମି. ମଧ୍ୟରେ ଥିବା ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନା ଓ ପରୀକ୍ଷା ତଦାରଖ କରିବାକୁ ୯୦ ଜଣ ସୁପରିଟେଣ୍ଡେଣ୍ଟ ଓ ୯୦ ଜଣ ଅବଜରଭରଙ୍କୁ ନିୟୋଜିତ କରାଯାଇଛି। ସେହିପରି ପରୀକ୍ଷା ତଦାରଖ ପାଇଁ ବୋର୍ଡ ପକ୍ଷରୁ ସେଣ୍ଟ୍ରାଲ ସ୍କ୍ୱାର୍ଡ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦୁଇଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ ମୁତୟନ ହେବେ ବୋଲି ଜଣାପଡିଛି। ଏହି ସ୍କ୍ୱାର୍ଡ ପରୀକ୍ଷା କେନ୍ଦ୍ର ଗୁଡିକ ଉପରେ ଲକ୍ଷ୍ୟ ରଖିବେ। ତେବେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଏଥି ସହିତ ଜିଲ୍ଲାରେ ପ୍ରଶ୍ନପତ୍ର ରଖିବାକୁ ୮ଟି ବ୍ଲକରେ ୮ଟି ନୋଡାଲ ସେଣ୍ଟର କରାଯାଇଛି। ଏଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ। ଜିଲ୍ଲାରେ ୨୩ ଟି ଡେସପାଚ ଟିମ୍ କରାଯାଇଥିବା ସୂଚନା ମିଳିଛି। ପ୍ରତି ପରୀକ୍ଷା କେନ୍ଦ୍ରରେ ସିସିଟିଭି ସର୍ଭେଲାନ୍ସର ବ୍ୟବସ୍ଥା କରାଯାଇଛି।

ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ,ପ୍ରତି କେନ୍ଦ୍ରରେ ଏହି ପରୀକ୍ଷା ସକାଳ ୯ଟାରେ ଆରମ୍ଭ ହୋଇ ୧୧.୩୦ପର୍ଯ୍ୟନ୍ତ ଚାଲିବ। ୭.୩୦ରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ଛାତ୍ର ଛାତ୍ରୀ । ତେବେ ସମସ୍ତ ବିଷୟରେ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପାଇଁ ସମାନ ପ୍ରଶ୍ନପତ୍ର ରହିଥିବା ଜଣାପଡିଛି । ଜଗତସିଂହପୁର ଜିଲ୍ଲାରେ ଆଜି ପରୀକ୍ଷା ଦେଉଥିବା ମୋଟ ୧୩, ୩୧୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩ହଜାର ୧୮ ୯ ଜଣ ରେଗୁଲାର ଛାତ୍ର ଛାତ୍ରୀ , ୨୩ ଜଣ ମଧ୍ୟମା ଓ ମୁକ୍ତ ସ୍କୁଲର ୧୦୬ ଜଣ ଛାତ୍ର ଛାତ୍ରୀ ରହିଛନ୍ତି।

ରେଗୁଲାର ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ବାଲିକୁଦା ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରରେ ୧,୫୬୮ ଛାତ୍ରଛାତ୍ରୀ , ବିରିଡି ବ୍ଲକର ୬ଟି କେନ୍ଦ୍ରରେ ୮୮୭ଜଣ ଛାତ୍ରଛାତ୍ରୀ, ଏରସମା ବ୍ଲକର ୧୨ଟି କେନ୍ଦ୍ରରେ ୧୭୫୫ ଜଣ ଛାତ୍ରଛାତ୍ରୀ , ଜଗତସିଂହପୁର ବ୍ଲକର ୧୩ଟି କେନ୍ଦ୍ରରେ ୧୮୭୩ଜଣ ଛାତ୍ରଛାତ୍ରୀ, କୁଜଙ୍ଗ ବ୍ଲକର ୧୬ଟି କେନ୍ଦ୍ରରେ ୨୮୧୮ ଜଣ ଛାତ୍ରଛାତ୍ରୀ, ନାଉଗାଁ ବ୍ଲକର ୬ଟି କେନ୍ଦ୍ରରେ ୯୫୩ ଜଣ ଛାତ୍ରଛାତ୍ରୀ , ରଘୁନାଥପୁର ବ୍ଲକର ୯ଟି କେନ୍ଦ୍ରରେ ୧,୨୦୮ ଜଣ ଛାତ୍ରଛାତ୍ରୀ, ତିର୍ତ୍ତୋଲ ବ୍ଲକର ୧୬ଟି କେନ୍ଦ୍ରରେ ୨,୨୫୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଥିବା ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରୁ ସୂଚନା ମିଳିଛି।

## ଢିଙ୍କିଆ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



**ପାରାଦୀପ,୧୯।୨(ସମିସ):** ପାରାଦୀପ ଉପକଣ୍ଠ ଢିଙ୍କିଆ ପଞ୍ଚାୟତ ସରପଞ୍ଚ କିଶୋର କୁମାର ପରିଡ଼ାଙ୍କ ନେତୃତ୍ୱରେ ପାଞ୍ଚ ବର୍ଷ ହେବ ପଞ୍ଚାୟତର ବିକାଶ କାର୍ଯ୍ୟକୁ ଦୁଇଗୁଣ ତ୍ୱରାନ୍ୱିତ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ଏଥିସହ ଜିରୋ କାଜୁଆଲଟି ଓ ଜିରୋ ଟଲେରାନ୍ସ ନୀତିକୁ ଗୁରୁତ୍ୱ ଦେଉଛନ୍ତି। ଢ଼ିଙ୍କିଆ ଗ୍ରାମ ପଞ୍ଚାୟତରେ ୫ ଟି ରାଜସ୍ୱ ସହ ୨୩ ୱାର୍ଡ ରହିଛି, ସରପଞ୍ଚ ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଜେଏସଡବ୍ଲୁ ଭଳି ବୃହତ ଶିଳ୍ପ ମଧ୍ୟ ଶ୍ରୀ ପରିଡ଼ାଙ୍କ ସମୟରେ ଜମି ଅଧିଗ୍ରହଣ ସହ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇସାରିଛି ।ଢ଼ିଙ୍କିଆ ଗ୍ରାମ ପଞ୍ଚାୟତ କୁ ୨୦୨୨- ୨୦୨୩ ଆର୍ଥିକ ବର୍ଷରେ 'ଏ' ବର୍ଗର ପଞ୍ଚାୟତ ମନୋନୀତ କରାଯାଇଥିବାବେଳେ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ବ୍ଲକ ସ୍ତରୀୟ ' ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ମିଳିବା ନେଇ ମନୋନୀତ ସହିତ ଆଜି ଜିଲ୍ଲା ସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ କରାଯାଇଛି। ଜିଲ୍ଲା ସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ସାଂସଦ ରାଜଶ୍ରୀ ମଲ୍ଲିକ, ଜିଲ୍ଲାପାଳ ପାରୁଲ ପଟୱାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ଢ଼ିଙ୍କିଆ ଗ୍ରାମ ପଞ୍ଚାୟତ ତରଫରୁ ସରପଞ୍ଚ କିଶୋର କୁମାର ପରିଡ଼ା ଗ୍ରହଣ କରିଥିଲେ। ଢ଼ିଙ୍କିଆ ଗ୍ରାମ ପଞ୍ଚାୟତ କପ୍ଳେଶ୍ୱର ବିଦ୍ୟାପୀଠ ଢ଼ିଙ୍କିଆର '୫-ଟି' ରୂପାନ୍ତରଣ ପ୍ରକ୍ରିୟା ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ଲକ ମଧ୍ୟରେ ଏକ ନମ୍ବର ସ୍ଥାନ ଅଧିଗ୍ରହଣ କରି ପୁରସ୍କାର ପାଇଥିବାରୁ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷିରୋଦ ବେହେରା, ବର୍ତ୍ତମାନ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ବାରିକ୍, ବିଦ୍ୟାଳୟ ପରିଚାଳନା କମିଟି, ସହିତ ପୂର୍ବତନ ଛାତ୍ରଛାତ୍ରୀ ଏବଂ ବହୁ ଶିକ୍ଷାବିତ ସହିତ ବିଭିନ୍ନ ଗ୍ରାମର ମୁରବୀ ଢ଼ିଙ୍କିଆ ଗ୍ରାମର ଅକ୍ଷୟ ବେହେରା, ଶିଶିର ମହାପାତ୍ର, ପ୍ରଶାନ୍ତ ଲେଙ୍କା, ନୃସିଂହ ରାଉତ, ଗୋବିନ୍ଦପୁର ଗ୍ରାମର ବିକାଶ ବର୍ଦ୍ଧନ, ବିଜୟ ବାରିକ, ସନାତନ ବର୍ଦ୍ଧନ, ପାଟଣା ଗ୍ରାମର କୈଳାସ ମହାନ୍ତି, ସୁରେଶ ଦାସ, ମାହାଳ ଗ୍ରାମର ଅନିରୁଦ୍ଧ ପରିଡା, ଭ୍ରମର ସେଠୀ, ତ୍ରିଲୋଚନପୁର ର ଧୀରେନ୍ଦ୍ର ମହାପାତ୍ର, ନୃସିଂହ ଚରଣ ଦାସ ପ୍ରମୁଖ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ସହିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଛନ୍ତି।

● ତାରିଣୀଗଡ଼ା ଓ ଆଖପାଖ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍

## ଅତିଷ୍ଠ ହୋଇପଡ଼ିଛନ୍ତି ଅଞ୍ଚଳବାସୀ



**ପାରାଦୀପ, ୧୯।୨ (ସମିସ):** ଅଘୋଷିତ ବିଦ୍ୟୁତ କାଟ ଏବେ ପାରାଦୀପ ଅଞ୍ଚଳ ଲୋକଙ୍କୁ ଅତିଷ୍ଠ କରି ପକାଇଛି ।ପାରାଦୀପ ଏକ ଶିଳ୍ପ ସହର ଭାବେ ଗଢି ଉଠିଥିବା ବେଳେ ଏଭଳି ବିଦ୍ୟୁତ କାଟ ଘଟଣାକୁ ଲୋକେ ନାପସନ୍ଦ କରୁଛନ୍ତି ।ହଜାର ହଜାର ଲୋକ ବସବାସ କରୁଥିବା ସ୍ଥାନରେ ଏଭଳି ଘଟଣା ଚିନ୍ତାର ବିଷୟ ହୋଇଛି। ପାରାଦୀପ ଗଡ଼ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ବସବାସ କରୁଥିବା ଗ୍ରାମବାସୀ ଏବଂ ସହର ଅଞ୍ଚଳ ଲୋକଙ୍କୁ ବିଦ୍ୟୁତ୍ ପାଇଁ ପାରାଦୀପଗଡ଼ସ୍ଥିତ ସବଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ସହରରେ ଯେବେଠାରୁ ବିଦ୍ୟୁତ୍ ବିଭାଗର ଦାୟିତ୍ୱ ଟାଟା ପାୱାର କୁ ହସ୍ତାନ୍ତର କରାଯାଇଛି ସେବେଠାରୁ ଏହି ଅଘୋଷିତ ବିଦ୍ୟୁତ କାଟ ଦିନକୁ ଦିନ ବଢି ଚାଲିଛି ।ଶିଳ୍ପ ମାନଙ୍କରେ କାର୍ଯ୍ୟ କରୁଥିବା ହଜାର ହଜାର କର୍ମଚାରୀ ଏଠାରେ ଘର ଭଡା ନେଇ ରହୁଥିବା ବେଳେ କିଛି ଲୋକ କ୍ଷୁଦ୍ର ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ।କର୍ମଚାରୀ କର୍ମ କ୍ଷେତ୍ରରୁ ଫେରି ଓ ବ୍ୟବସାୟୀମାନେ ବ୍ୟବସାୟରୁ ଫେରି ଘରକୁ ଆସିଲେ ପାୱାର କଟ ଯୋଗୁଁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଟା ପାୱାର ଆସିବା ଦିନ ଠାରୁ ବାରମ୍ବାର ଏଭଳି ହେଉଥିବା ନେଇ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନାହିଁ। ବିଦ୍ୟୁତ୍ କାଟର ଦୀର୍ଘ ସମୟ ପରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ହେଲ୍ପ ଲାଇନ ନମ୍ବରକୁ କଲ କଲେ ସେମାନେ ଅତି ସହଜରେ କହୁଛନ୍ତି ଫଲ୍ଟ ଥିଲା, କାମ ଚାଲିଛି ଅପେକ୍ଷା କରନ୍ତୁ । ୨ରୁ ୩ ଘଣ୍ଟା ପରେ ଲାଇନ ଦିଆଯିବ ।ସେପଟେ ରାଜ୍ୟ ସରକାର ୨୪ ଘଣ୍ଟିଆ ବିଦ୍ୟୁତ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଟାଟା ପାୱାର ସରକାରଙ୍କ ନିୟମକୁ ଖାତିର ନ କରି ମନମୁଖୀ ବିଦ୍ୟୁତ୍ କାଟ କରୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ନଜର ଦେବାକୁ ସାଧାରଣରେ ଦାବି ହେଉଛି।

## ପାରାଦୀପ ଅଞ୍ଚଳରେ ଗୋ-ଚାଲାଣକାରୀ ସକ୍ରିୟ

**ପାରାଦୀପ,୧୯।୨(ସମିସ):** ପାରାଦୀପ ଅଞ୍ଚଳରେ ଗୋଚାଲାଣ ଦିନକୁ ଦିନ ବଢିଚାଲିଛି ।କିଛି ଅସାଧୁ ମାଫିଆ ଏବେ ଗୋମାତାଙ୍କୁ ବିକ୍ରୀ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ନେଇ ଅଭିଯୋଗ ଆସୁଛି ।ପୂର୍ବରୁ ଗୋ ଚାଲାଣ ବେଳେ ବଜରଙ୍ଗ ଦଳର ସଦସ୍ୟ ମାନଙ୍କ ଦ୍ୱାରା ଧରାପଡି କେତେକ ମାଫିଆ ଜେଲ ମଧ୍ୟ ଯାଇଛନ୍ତି। ଷଣ୍ଢ ଚାଲାଣ ହେଉଥିବା ଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଗତକାଲି ବିଳମ୍ବିତ ରାତିରେ ବିଶ୍ୱାଳି ପଞ୍ଚାୟତରେ କିଛି ଲୋକେ କିଛି ଷଣ୍ଢଙ୍କୁ ଅଟକ ରଖି ରାତାରାତି ଚାଲାଣ କରିବା ନେଇ ଯୋଜନା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବଜରଙ୍ଗ ଦଳର ସଦସ୍ୟ ମାନେ ବିଳମ୍ବିତ ରାତିରେ ସବୁଆଡେ ଖୋଜାଖୋଜି କରିଥିଲେ। ସେତେବେଳକୁ ଦୁଇଟି ଷଣ୍ଢକୁ ଗୋଟେ ଟାଟା ଏସିଇରେ ପଠେଇଥିବା ସେମାନେ ଜାଣିବାକୁ ପାଇଥିଲେ। ବଜରଙ୍ଗ ଦଳର ସଦସ୍ୟ ବହୁ ଖୋଜାଖୋଜି କରିବା ପରେ ବିଶ୍ୱାଳି ପଞ୍ଚାୟତ ବିଦ୍ୟାଳୟ ପାଖ କୁସୁନ୍ ଚଣ୍ଡି ମନ୍ଦିର ପାଖରେ ସ୍କୁଲ ହତା ଭିତରେ ତିନୋଟି ଷଣ୍ଢ ବୁଲୁଥିବାର ଦେଖିବାକୁ ପାଇଥିଲେ। ମାଫିଆମାନେ ବଜରଙ୍ଗ ଦଳ ସଦସ୍ୟମାନଙ୍କୁ ଦେଖି ଦୌଡ଼ି ପଳାଇ ଥିଲେ। ତେବେ ଏହି ଘଟଣା ଏବେ ବିଶ୍ୱାଳି ପଞ୍ଚାୟତରେ ଚର୍ଚ୍ଚା ର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ କେଉଁମାନେ ଏହି ଚାଲାଣ ବା ଗୋରୁ ବିକ୍ରି ର୍‍ୟାକେଟରେ ସଂଶ୍ଳିଷ୍ଟ ଅଛନ୍ତି ସେମାନଙ୍କୁ ଧରିବାକୁ ସାଧାରଣରେ ଦାବି ହେଉଛି।



## ହରିଶ ଚନ୍ଦ୍ର ବିଶ୍ୱାଳଙ୍କ ପରଲୋକ



**ତିର୍ତ୍ତୋଲ,୧୯।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାରଦା ଏକାଡେମୀ କନକପୁରର ଅବସରପ୍ରାପ୍ତ ଶିକ୍ଷକ ହରିଶ ଚନ୍ଦ୍ର ବିଶ୍ୱାଳ(୮୩)ଙ୍କର କଟକର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ଇଚ୍ଛାମଣି, ଭାଇ ସହଦେବ, ପୁତ୍ର ଲୋକନାଥ, ସୋମନାଥ, ବିଶ୍ୱନାଥ, ଜଗନ୍ନାଥ, ସରୋଜ, ମନୋଜ, ପୁତ୍ରବଧୂ ରଶ୍ମିରେଖା, ଲିଲିମା, ନଳୀନୀ ପ୍ରଭା, ବନ୍ୟାଶ୍ରୀ, କନ୍ୟା ଅଳକାନନ୍ଦା, ପ୍ରିୟମ୍ବଦା, ଜାମାତା ବାବାଜୀ, ରଞ୍ଜନ, ନାତିନାତୁଣୀଙ୍କ ସମେତ ପରିବାରବର୍ଗ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। କୋଷ୍ଟିମଲ୍ଲିକାପୁର ପଞ୍ଚାୟତର କିରଣ୍ଡି ଗ୍ରାମରେ ଜନ୍ମିତ ସ୍ୱର୍ଗତ ବିଶ୍ୱାଳ ଜଣେ କୃତୀ ଶିକ୍ଷକ, ସାରସ୍ୱତ ସାଧକ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମରଶରୀର ଗ୍ରାମକୁ ଫେରିବା ପରେ ବୈଷ୍ଣବ ଚରଣ ରାଉତ, ପଣ୍ଡିତ ବାସବ ନନ୍ଦ,ସର୍ବେଶ୍ୱର ସାହୁ, ପ୍ରଶାନ୍ତ କୁମାର ଜେନା, ସୁକୁମାର ସାମଲ, ଅକ୍ଷୟ ସାହୁ, ବିଜୟ ଲେଙ୍କା, ସୁଶୀଲ କୁମାର କୁଅଁର, ପୂର୍ବତନ ସମିତି ସଭ୍ୟ ବରଦା ପ୍ରସନ୍ନ ମହାନ୍ତି, ସରପଞ୍ଚବିଭୂ ପ୍ରସାଦ ମହାନ୍ତି, ରମେଶ ଚନ୍ଦ୍ର ବେହେରା, ଶିକ୍ଷକ ଭୋଳାନାଥ ଦାସଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗ ଅଲଣା ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲୋକ ବିହାରୀ ପଲାଇ ଓ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ କୋଷ୍ଟିମଲ୍ଲିକାପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ସମାରୋହ

**ଜଗତସିଂହପୁର,୧୯।୨ (ସମିସ):** ଶିକ୍ଷାର ବିକାଶରେ ସମାଜର ବିକାଶ। ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ '୫-ଟି' ଉପକ୍ରମରେ ବିଭିନ୍ନ ପ୍ରୟାସ ଜାରିରହିଛି। ଏହି ପରିପ୍ରେକ୍ଷୀରେ ଆଜି ଜଗତସିଂହପୁରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କର ଆହ୍ୱାନ 'ମିଳିବ ସମ୍ମାନ, ବଢିବ ଉତ୍ସାହ, ଆଣିବ ଆଗ୍ରହ' ରେ ଜିଲ୍ଲାର ୧୪୭୫ ଜଣ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ ଆଜି ଏହି ପୁରସ୍କାର ପ୍ରଦାନ କରାଯାଇଛି ।ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଶୁଦ୍ର ମୁନି ସାରଳାଦାସଙ୍କ ମାଟି ଜଗତସିଂହପୁର ସବୁବେଳେ ଶିକ୍ଷା କ୍ଷେତ୍ରରେ ଆଗୁଆ ବୋଲି କହିଥିଲେ।ଶ୍ରୀ ମୁଦୁଲି କହିଥିଲେ ଜଣେ ନେତା କେବଳ ଆଗାମୀ ନିର୍ବାଚନ କଥା ଭାବିଥାଏ, କିନ୍ତୁ ଜଣେ ସୁଯୋଗ୍ୟ ଜନନାୟକ ଆଗାମୀ ପୀଢି କଥା ଭାବିଥାଏ। ସେଥିପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଉପକ୍ରମରେ ବିଦ୍ୟାଳୟ ଗୁଡିକର ରୁପାନ୍ତରିକରଣ କରି ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛନ୍ତି । ଯାହା ଓଡିଶାର ସୁଯୋଗ୍ୟ ଶିକ୍ଷାର୍ଥୀମାନଙ୍କୁ ବ୍ରେନ ଡ୍ରେନ୍‌ରୁ ରକ୍ଷା କରି ନିଜ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ସହାୟ ହୋଇଛି। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ ଶିକ୍ଷା କ୍ଷେତ୍ରରେ ମହିଳା ମାନଙ୍କ ଉନ୍ନତିର ପ୍ରଶଂସା କରି ମା' ମାନଙ୍କୁ ପିଲାର ପ୍ରଥମ ଗୁରୁ ଭାବେ ଅଭିହିତ କରିଥିଲେ। ଗୋଟିଏ ଛାତ୍ର ର ସାମଗ୍ରିକ ବିକାଶ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଅଭିଭାବକ ମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପାରୁଲ ପଟାୱରି ଜିଲ୍ଲା ରେ ୫-ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରିକରଣ ଉପରେ ଆଲୋକପାତ କରି ଏହି ରୂପାନ୍ତରିତ ରୂପକୁ ଯତ୍ନବାନ୍ ହୋଇ ଆଗାମୀ ପୀଢି ପାଇଁ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଆଗାମୀ ମାଟ୍ରିକ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବାକୁ ଶ୍ରୀମତୀ ପଟାୱରି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ଅଧ୍ୟକ୍ଷ ମନୋଜ କୁମାର ଭୋଇ ଶିକ୍ଷା କ୍ଷେତ୍ରରେ ଜିଲ୍ଲାର ଅଭୁତପୂର୍ବ ସଫଳତା ନିମନ୍ତେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ଜିଲ୍ଲା ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର ବର୍ଗରେ ୯୩ ଜଣ, ବ୍ଲକ୍ ଷ୍ଟୁଡେଣ୍ଟ ଏକାଡେମିକ ପୁରସ୍କାର ବର୍ଗରେ ୮୧୪ ଜଣ, ଛାତ୍ରଛାତ୍ରୀ ନେତୃତ୍ୱ ପୁରସ୍କାର ପାଇଁ ୪୮୬ ଜଣ, ବ୍ଲକ୍ ସ୍ତରୀୟ ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ ୨୪ ଟି, ବ୍ଲକ୍ ସ୍ତରୀୟ ବିଦ୍ୟାଳୟ ପରିଚାଳନା କମିଟି ୮ ଟି, ବ୍ଲକ୍ ସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକରେ ୫ ଜଣ,ବ୍ଲକ୍ ସ୍ତରୀୟ ପୁରାତନ ଛାତ୍ର ପରିଷଦ ବର୍ଗରେ ୭ ଜଣ ,ବ୍ଲକ୍ ସ୍ତରୀୟ ଏଲିମେଣ୍ଟାରୀ ବିଦ୍ୟାଳୟ ବର୍ଗରେ ୨୩ ଟି ବିଦ୍ୟାଳୟ, ବ୍ଲକ୍ ସ୍ତରୀୟ ଗ୍ରାମପଞ୍ଚାୟତ ବର୍ଗରେ ୭ ଜଣ,ବ୍ଲକ୍ ସ୍ତରୀୟ ଏଲିମେଣ୍ଟାରୀ ଶିକ୍ଷକ ବର୍ଗରେ ୮ ଜଣ ଏହିପରି ମୋଟ ୧୪୭୫ ଜଣ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ର ମନୋନୀତ ବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ସଭାର ଆଭିମୁଖ୍ୟ ବିଷୟ ରେ ବିବରଣୀ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସମେତ ଉମାକାନ୍ତ ନାୟକ, ତ୍ରୈଲୋକ୍ୟ ନାଥ ବିଶ୍ୱାଳ,ସୌଭାଗ୍ୟ ପ୍ରସାଦ ମିଶ୍ର, ତପନ କୁମାର ନନ୍ଦ, ଅମୂଲ୍ୟ କୁମାର ମିଶ୍ର,ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ,ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ




## ମାହାଳ ହାଟ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ରଘୁନାଥପୁର,୧୯ ।୨(ସମିସ):** କଟକ ଜିଲ୍ଲା ମୁଗୁରିଆ ଗ୍ରାମ ମାହାଳହାଟସ୍ଥିତ ମା ସରସ୍ୱତୀ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଆଲୋକ ବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ମାନେ ପାଠପଢି ଭଲମଣିଷ ହୋଇ ପିତାମାତା ସୁନାମ ଅର୍ଜନ କରିବା ପାଇଁ କହିଥିଲେ । ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ର ସାଇସୁମନ ମହାନ୍ତି ବିଧାୟକଙ୍କୁ ବାର୍ଷିକ ଉତ୍ସବକୁ ନିମନ୍ତ୍ରଣ କରି କହିଲେ ସରକାରୀ ବିଦ୍ୟାଳୟ ଗୁଡିକ ରୁପାନ୍ତକରଣ ହେଉଛି ଆମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେବେ ରୁପାନ୍ତକରଣ ହେବ । କୁନି ଛାତ୍ରର ପଦେ କଥାରେ ବିଧାୟକଙ୍କୁ ଶିଶୁମନ୍ଦିରକୁ ଟାଣି ଆଣିଛି ବୋଲି ବିଧାୟକ କହିଥିଲେ। ବିଦ୍ୟାଳୟର ଉନ୍ନତିକରଣ ଉପରେ ଏବଂ ଚାତ୍ରଛାତ୍ରୀଙ୍କ ସୁବିଧା ପାଇଁ ହାଇମ୍ୟାକ୍ସ ଲାଇଟ ସହ ସମସ୍ତ ସୁବିଧା ବିଦ୍ୟାଳୟକୁ ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଦୀପ କୁମାର ସିଂହ ଯୋଗଦେଇ କହିଲେ ଆଜିର ଛାତ୍ର ଆସନ୍ତା କାଲିର ଭବିଷ୍ୟତ । ସମ୍ମାନିତ ଅତିଥି ଭାବେ ବାବୁଜଙ୍ଗ ସରପଞ୍ଚ ମିଳନ ଭୂୟାଁ,ମଣିଜଙ୍ଗ ସରପଞ୍ଚ ସାରଦାପ୍ରସାଦ ମହାନ୍ତି,ଉତ୍ତରକୂଳ ସମିତିସଭ୍ୟ କିଶୋରଚନ୍ଦ୍ର ସାହାଣୀ ,୨୫ ନଂ ଜିଲ୍ଲାପରିଷଦ ସଭ୍ୟ ବିଳାଶ ଭୋଇ,ନେମାଳ ପଞ୍ଚାୟତ ସମିତିସଭ୍ୟ ବିସେନ୍ଦୁ ମହାରଣା,ଉତ୍ତରକୂଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦିଲ୍ଲିପ ବିଶ୍ୱାଳ,ବିଜେଡି ଯୁବ ନେତା ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରୁ ଛାତ୍ର/ଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରି ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିବା ପାଇଁ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ମହାପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ପ୍ରଦୀପ୍ତ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ଦାଶ ସର୍ବାଧିକ ନମ୍ବର ରଖିଥିବାରୁ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱର୍ଣ୍ଣପଦକ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶୁଭଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ଗୁରୁମା ମନଜା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।ଏଲିଶ୍ ରାୟ,ପ୍ରମିତା ରାଉତ,ଦିଲ୍ଲୀପ କୁମାର ମଲ୍ଲିକ,ରେଣୁବାଳା ପରିଡା ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ହୋଇ ସହାଯୋଗ କରିଥିଲେ। ସଭାଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# କଣିହାଁରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

କଣିହାଁ, ୧୯।୨(ସମିସ): କଣିହାଁ ବ୍ଲକ କାର୍ଯ୍ୟାଳୟସ୍ଥିତ ପବିତ୍ରମୋହନ ସଭାଗୃହ ପରିସରରେ ସୋମବାର ଅନୁଗୁଳ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଅବଦାଲ୍ ଏମ୍. ଅକ୍ତର ଜନସାଧାରଣଙ୍କ ସମସ୍ତ ଅଭିଯୋଗକୁ ଶୁଣିଥିଲେ। ଶ୍ରୀ ଅକ୍ତର ନୂତନ ଜିଲ୍ଲାପାଳ ଭାବରେ ଯୋଗଦାନ ପରେ ଆଜି କଣିହାଁ ବ୍ଲକରେ ଏହା ତାଙ୍କର ପ୍ରଥମ ଶୁଣାଣି ଶିବିର ଥିଲା। ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧକ୍ଷ ବିକ୍ରମ କେଶରି ଭୋଇ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ସିଡିଓ ତଥା ଇଓ ହେମନ୍ତ କୁମାର ସିଂ, ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠି, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ସିଡିଏମ୍ଓ ବିଶ୍ୱବିହାରି ମହାନ୍ତି, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ଅତିରିକ୍ତ ଡିଇଓ ଅଜୟ କୁମାର ପାତ୍ର, ଡିଡବ୍ଲୁଓ ଦିଲ୍ଲିପ କୁମାର ମିଶ୍ର, ଡିପିଓ ପି.କେ.ପଟ୍ଟନାୟକ ପ୍ରମୁଖ ବରିଷ୍ଠ ଅଧିକାରୀଗଣ ଉପସ୍ଥିତି ଥିଲେ। ମୋଟ୍ ୧୦୦ ଅଭିଯୋଗ ଫଂଜିକୃତ ହୋଇଥିଲା। ସେଥି ମଧ୍ୟରୁ ୭୪ଟି ବ୍ୟକ୍ତିଗତ, ୨୫ଟି ସାମୁହିକ ଓ ୧ଟି ରେଡ୍‌କ୍ରସ୍ ସହାୟତା ସମ୍ପର୍କିତ ଅଭିଯୋଗ ଥିଲା। ତତ୍କ୍ଷଣାତ୍ ୯ଅଭିଯୋଗ ସମାଧାନ ହୋଇଥିବା ଶିବିର ସୂତ୍ରରୁ ପ୍ରକାଶ। ଏନ୍‌ଟିପିସି ବଜାର ଦେଇ ୨୪ଘଣ୍ଟିଆ ଭାରିଯାନ ଚଳାଚଳକୁ ବିରୋଧ କରି ଗତ ୬ତାରିଖରୁ ଏନ୍‌ଟିପିସି ବଣିକ ସଂଘ ପକ୍ଷରୁ ତିନି ଦିନ ଧରି ଆନ୍ଦୋଳନ ଚାଲିଥିଲା। ତାଳଚେର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ୧୭ତାରିଖରେ ଏକ ଉଚ୍ଚସ୍ତରୀୟ ସମାଧନୀ ବୈଠକ ହେବାର ନିର୍ଭର ପ୍ରତଶ୍ରୁତି ମିଳିଥିଲା। କିନ୍ତୁ କୌଣସି ବୈଠକ ନହେବାରୁ ଆଜି ଏନଟିପିସି ବଣିକ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଜିଲ୍ଲାପାଳଙ୍କୁ ଅବଗତ କରି ଲିଖିତ ଭାବରେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜି ଶିବିରରେ ତାଳଚେର ଉପଜିଲ୍ଲାପାଳଙ୍କୁ ସମସ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡକାଇ ଆସନ୍ତା ୨୨ତାରିଖ ସୁଧା ବୈଠକ ସାରିବାକୁ ନିର୍ଦ୍ଦେଶ ଦେବା ସହିତ ବୈଠକର ରିପୋର୍ଟ୍ ସଂଧ୍ୟା ସୁଦ୍ଧା ଜିଲ୍ଲାପାଳଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏସ୍ଏଚ୍‌ଜି ଗ୍ରୁପ୍ ଚଞ୍ଚକତା କରି ଲୁଟ୍, ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରି ବାର୍ଦ୍ଧକ୍ୟ, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ କୃତ୍ରିମ ଅଙ୍ଗ ପ୍ରଦାନ କରିବା, ଆବାସ ଯୋଜନାରେ ଗୃହ ନିର୍ମାଣ, ବେଆଇନ୍ ଦଖଲ କାରୀଙ୍କୁ ଉଚ୍ଛେଦ, ରାସ୍ତା ମରାମତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ଖଣିଜ ପାଣ୍ଠିରୁ ଆଦର୍ଶ ବିଦ୍ୟାଳୟକୁ ବସ୍ ସେବା ଯୋଗାଣ, ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ ପ୍ରଦାନ, ସମଲ ସମବାୟ ସମିତିରେ ନିର୍ଦ୍ଦେଶ ପଦବୀ ପୂରଣ ଦିଗରେ ପଦକ୍ଷେପ, ଆମ୍ବପାଳ ଯାତ୍ରୀବିଶ୍ରାମ ଗୃହ ନିର୍ମାଣ, ୫ଟି ହାଇସ୍କୁଲ୍ ବକେୟା ଅର୍ଥ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା, ଏନଟିପିସି ଓ ଜେଆଇଟିପିଏଲ୍ ଜମିହରାଙ୍କୁ ନିଯୁକ୍ତି ଆଦି ଅଭିଯୋଗ ଫଂଜିକୃତ ହୋଇଥିଲା। ଶିବିର ସରିବା ପରେ କଣିହାଁ ଶକ୍ତି କାଫେ'କୁ ଜିଲ୍ଲାପାଳ ବୁଲି ଦେଖିବା ସହିତ ସୁପରିଚାଳନା ସମ୍ପର୍କିତ ପଚାରି ବୁଝିଥିଲେ। ଏନ.ଟି.ପି.ସି କର୍ତ୍ତୃପକ୍ଷ, ସମନ୍ୱୟ ଶିଶୁ ବିକାଶ, କୃଷି, ଯୋଗାଣ, ଗ୍ରାମୀଣ ଜଳ ପରିମଳ, ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର, ଜନମଙ୍ଗଳ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




# ଜିଲ୍ଲାର ବିଭିନ୍ନ ସ୍ଥାନରେ ଜନଶୁଣାଣି



ଅନୁଗୋଳ, ୧୯।୨(ସମିସ): ଆଜି ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି। ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତରଙ୍କ ଅଧ୍ୟକ୍ଷତାରେ କଣିହାଁ ବ୍ଲକ କାର୍ଯ୍ୟଳୟ ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୧୦୦ଟିଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୭୪ଟି ବ୍ୟକ୍ତିଗତ ଓ ୨୬ଟି ସାମୁହିକ ଅଭିଯୋଗରଶୁଣାଣି ହୋଇଥିବାବେଳେ ୦୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ରେଡକ୍ରସରୁ ଜଣକୁ ୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟକୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାରସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକ୍ରମ କେଶରୀ ଭୋଇ, ତାଳଚେର ଉପଜିଲ୍ଲାପାଳ ମନୋଜ କୁମାରତ୍ରିପାଠୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲ୍ଲାକାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି। ସମୁଦାୟ ୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ୪୪ଟି ବ୍ୟକ୍ତିଗତ ଓ ୪ଟି ସାମୁହିକ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପ-ଜିଲ୍ଲାପାଳ ବରଦେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆଜିଜିଲ୍ଲାର ୭ଟି ବ୍ଲକରେ ଗ୍ରାମ ପଞ୍ଚାୟତ ସ୍ତରରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବ୍ଲକର ଅନ୍ତୁଳିଆ ଗ୍ରାମ ପଞ୍ଚାୟତ, ତାଳଚେର ବ୍ଲକର ଗୁରୁଜାଙ୍ଗୁଲି ଗ୍ରାମ ପଞ୍ଚାୟତ, ବଣ୍ଟରପାଳ ବ୍ଲକର ତୁବେ ଗ୍ରାମପଞ୍ଚାୟତ, ଛେଣ୍ଡିପଦା ବ୍ଲକର ନତଡା ଗ୍ରାମ ପଞ୍ଚାୟତ, କିଶୋରନଗର ଗାଁ ବଇଣ୍ଡା ଗ୍ରାମ ପଞ୍ଚାୟତ ଓ ପାଲଲହଡାର ଇଞ୍ଜିଡି ଗ୍ରାମ ପଞ୍ଚାୟତଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ସ୍ତରୀୟ ଓ ଗ୍ରାମ ପଞ୍ଚାୟତସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମି ଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# କ୍ୟାସିୟରଙ୍କଠାରୁ ୧୦.୮୭ ଲକ୍ଷ ଛିନ୍‌ତାଇ

ତାଳଚେରସଦର, ୧୯।୨(ସମିସ): ଜନଗହଳିପୂର୍ଣ୍ଣ ଦିନଦାହେ?ରେ ଶ୍ରୀଗଣେଶ ପେଟ୍ରୋଲ ପମ୍ପ କ୍ୟାସିଅରଙ୍କ ନିକଟରୁ ବାଇକରେ ଦୁଇଜଣ ଦୃର୍ବୁତ ଆସି ୧୦ଲକ୍ଷ, ୮୭ହଜାର ଟଙ୍କା ଲୁଟିନେଇ ଆଖି ପିଛୁଳାକେ ଛୁ' ମାରିଥିବା ଘଟଣା ସମଗ୍ର ତାଳଚେରରେ ଚାଂଚଲ୍ୟ ସୃଷ୍ଟି କରିଛି। ଅଞ୍ଚଳବାସୀଙ୍କ ଧନଜୀବନ କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟବାରି ହେଇଯାଉଛି। ଶିଳ୍ପନଗରୀ ତାଳଚେର ଖୋଦ୍ ସହର ମଧ୍ୟରେ ରହିଥିବା ଶ୍ରୀଗଣେଶ ପେଟ୍ରୋଲ ପମ୍ପର କ୍ୟାସିଅର୍ ପ୍ରକାଶ ମହାରଣା ଏକ ବ୍ୟାଗରେ ୧୦ଲକ୍ଷ, ୮୭ହଜାର ଟଙ୍କା ବ୍ୟାଙ୍କରେ ?ପୋଜିଟ୍ କରିବାକୁ ଯାଉଥିଲେ। ଆଜି ସକାଳ ୧୧ଘଟିକା ସମୟରେ ବାଘୁଆବୋଲ ଶିବ ମନ୍ଦିର ନିକଟରେ ଦୁଇଜଣ ଯୁବକ ପେଟରେ ଭୁଜାଲୀ ଲଗାଇ ଭୟଭୀତ କରିବା ସହ ଉକ୍ତ ଟଙ୍କା ବ୍ୟାଗଟିକୁ ଆଖି ପିଛୁଳାକେ ଝାମ୍ପିନେଇ ସେଠାରୁ ପଳାଇ ଯାଇଥିଲେ ବୋଲି କ୍ୟାସିଅର୍ ଶ୍ରୀ ମହାରଣା ଏହା ଅଭିଯୋଗ କରିବା ସହିତ ଏନେଇ ତାଳଚେର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଏନେଇ ସମ୍ପୃକ୍ତ କ୍ୟାସିଅର୍ ଶ୍ରୀ ମହାରଣା ସମେତ ସେହି ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିବା ୪ଜଣଙ୍କୁ ପଚରା ଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

# ଗଛରେ ପିଟିହେଲା ବାଇକ୍; ବନ କର୍ମଚାରୀ ମୃତ

ହିନ୍ଦୋଳ, ୧୯।୨(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କାରନ୍ଦା ଗୁଡିମୁଣ୍ଡା ଠାରେ ଏକ ମୋଟରସାଇକେଲ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହେବାରୁ ଜଣେ ବନକର୍ମଚାରୀଙ୍କ ମୃତ୍ୟୁ ଘଟିଛି। ନୟାଗଡ଼ ୱାଇଲ୍ଡ ଲାଇଫ ଡିଭିଜନ ଫରେଷ୍ଟର ଭାବରେ କାର୍ଯ୍ୟକରୁଥିବା ତରୁଣ ପଟ୍ଟନାୟକ ଛୁଟିରେ ନିଜ ଘର ରାସୋଳ ଥାନା ଅନ୍ତର୍ଗତ ଗିରିଧରପ୍ରସାଦକୁ ଆସିଥିଲେ। କୌଣସି କାର୍ଯ୍ୟରେ ସେ ବାଇକରେ ଗୁଡିଆକାଟେଣି ହିନ୍ଦୋଳ ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ କାରନ୍ଦା ନିକଟରେ ରାସ୍ତା ପାର୍ଶ୍ୱ ଏକ ଗଛରେ ବାଇକ୍ ପିଟି ହୋଇଯାଇଥିଲା। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ରାସୋଳ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଉଦ୍ଧାର କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

**ପ୍ରୀତିର ପ୍ରୟାସର ବାର୍ଷିକ ଉତ୍ସବ**

# ନାଟ୍ୟକାର ଦିନେଶ ଦାସଙ୍କୁ କୌସ୍ତୁଭ ମଣି ସମ୍ମାନ



ଢେଙ୍କାନାଳ, ୧୯।୨(ସମିମ): ଭକ୍ତି ରସାତ୍ମକ ପତ୍ରିକା ପ୍ରୀତିର ପ୍ରୟାସର ୧୮ତମ ବାର୍ଷିକ ଉତ୍ସବ ଅବସରରେ ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର ଦିନେଶ ଦାସଙ୍କୁ ସମ୍ମାନଜନକ କୌସ୍ତୁଭ ମଣି ସମ୍ମାନ ପ୍ରଦାନ କରାଯାଇଛି। ହିନ୍ଦୋଳ ଉପଖଣ୍ଡ ହାତୁରା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ଏବଂ ପ୍ରୀତିର ପ୍ରୟାସର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମିନତୀ ସାମଲ, ଇଂ ପ୍ରମୋଦ କୁମାର ନନ୍ଦ, କବି ବାହାଦୂର ପାଟସାହାଣୀ, ନାଟ୍ୟକାର ଦିନେଶ ଦାସ, ଭକ୍ତିମୟୀ ଦିପୀକା ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟ ଆଶୀର୍ବଚନ ପ୍ରଦାନ କରିଥିଲେ। ଅଖିଳ କୁମାର ପୃଷ୍ଟି ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମକୁ ରାଜୀବ ଗୋପାଳ ସ୍ୱାଇଁ, କରୁଣାକର ବାଇ, ନିବେଦିତା ରଥ, ନିର୍ମଳ କୁମାର ଆଚାର୍ଯ୍ୟ ଓ ସିପୁନୁ ଜେନା ସଂଯୋଜନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କୁ ମଧୁକୋକିଳ ସମ୍ମାନ, ସଞ୍ଜୟ ଦାସଙ୍କୁ ଶମ୍ଭୁତୀର୍ଥ ସମ୍ମାନ, ଦୀପିକା ମିଶ୍ରଙ୍କୁ ପଞ୍ଚଜନ୍ୟ ସମ୍ମାନ, ନିର୍ଭୟ କୁମାର ପାଣି ଓ ରତିକାନ୍ତ ଗଡ଼ନାୟକଙ୍କୁ ପ୍ରୀତିର ପ୍ରୟାସ ସମ୍ମାନ, ସୁଶ୍ରୀ ଶୃତି ବେହେରା ଏବଂ ସୁଶ୍ରୀ ପ୍ରୀତି ବେହେରାଙ୍କୁ ଭଗୀରଥ ଯୁବପ୍ରତିଭା ସମ୍ମାନ ଏବଂ ସୁଶ୍ରୀ ଆଞ୍ଚଲ ମାଝି ଓ ସୁଶ୍ରୀ ସରଇ ଅଂଶିକା ପ୍ରିୟଦର୍ଶନୀଙ୍କୁ ଭାରତୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀକୃଷ୍ଣ ଦାସ ଅଭୟ ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ରତିକାନ୍ତ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ହାତୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ, ଆଚାର୍ଯ୍ୟା ଏବଂ ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ ରୁପ ଦେଇଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କୁଇଓ, ୧୯।୨(ସମିସ): ଅନଗୁଳ ଜିଲ୍ଲା ପରଙ୍ଗ ପଞ୍ଚାୟତ ରେ ବିଜୁଜନତା ଦଳ ପଞ୍ଚାୟତ ସଭାପତି ସୁବାଷ ମହାକୁଡ ଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ପ୍ରଦୀପ କୁମାର ସାହୁଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ପଞ୍ଚାୟତ ସାରା ବୁଲିବୁଲି ଶଙ୍ଖ ଚିହ୍ନ ମାରିବା ସହ ନବୀନପଟ୍ଟନାୟକବିଭିନ୍ନଜନହିତକରକାର୍ଯ୍ୟକୁଲୋକଙ୍କପାଖକୁ ପହଞ୍ଚିବା ନେଇ ସଚତେନତା କରାଇଥିଲେ। କାର୍ଯ୍ୟକ୍ରମରେ ଅନନ୍ତ ବେହେରା, ନୀଳକଣ୍ଠ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍



ପାଲଲହଡ଼ା, ୧୯।୨(ସମିସ): ଅନଗୁଳ ଜିଲ୍ଲା ପାଲଲହଡ଼ା ସଦରମହକୁମା ସ୍ଥିତ ଉପଖଣ୍ଡ ଚିକିତ୍ସାଳୟ କୁ ରାଜ୍ୟ କାୟାକଳ୍ପ ଦଳ ପରିଦର୍ଶନରେ ଆସି ଡାକ୍ତରଖାନାର ପରିବେଶ ବୁଲି ଦେଖିବା ସହିତ ସମସ୍ତ ବିଭାଗ ର ତଦାରଖ କରିଥିଲେ। ସୂଚନା ଅନୁସାରେ ରାଜ୍ୟ ବାହ୍ୟ ନିରୀକ୍ଷଣ ବିଭାଗ ର ଡ. ଶୁଭ୍ରଜ୍ୟୋତି ରାଓଙ୍କ ନେତୃତ୍ୱରେ ଏକ ତିନିଜଣିଆ ଦଳ ସୋମବାର ପାଲଲହଡ଼ା ଡାକ୍ତରଖାନା ପରିଦର୍ଶନ ରେ ଆସିଥିଲେ। ଡାକ୍ତରଖାନା ପରିସରର ଜୈବ ଆବର୍ଜନା ପରିଚାଳନା, ରୋଗୀଙ୍କୁ ଖାଦ୍ୟ ଯୋଗାଣ, ଡାକ୍ତରଖାନାରେ ଆବଶ୍ୟକୀୟ କର୍ମଚାରୀ ଏବଂ ବର୍ତ୍ତମାନର ସ୍ଥିତି, ନିରାମୟ କେନ୍ଦ୍ରରେ ମିଳୁଥିବା ଔଷଧ ଏବଂ ଏବଂ ନିରାମୟ କେନ୍ଦ୍ରର ରୂପରେଖ, ଡାକ୍ତରଖାନାରେ ବ୍ୟବହୃତ ସମସ୍ତ କାଗଜପତ୍ର, ଡାକ୍ତରଖାନାର କୋଠାବାଡି ଆଦି ବିଭିନ୍ନ ବିଷୟରେ ତଦାରଖ କରିଥିଲେ। ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାଃ ଯାମିନୀ ଭୂଷଣ ପଟ୍ଟନାୟକ ଏବଂ ଡାଃ ବିଶ୍ୱନାଥ ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାୟାକଳ୍ପ ଦଳ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ପରେ କାୟାକଳ୍ପ ର ସମ୍ପୂର୍ଣ୍ଣ ବିବରଣୀ ରାଜ୍ୟ ସ୍ତରରେ ଜମା କରିବା ପରେ ଆବଶ୍ୟକୀୟ ବିଭାଗ ର ମୂଲ୍ୟାଙ୍କନ କରି ଶ୍ରେଷ୍ଠ ଡାକ୍ତରଖାନା ମାନଙ୍କୁ ଅଧିକ ଅନୁଦାନ ସାଙ୍ଗକୁ ପୁରସ୍କୃତ କରାଯିବ। ଡାକ୍ତରଖାନା ର ସମସ୍ତ ଡାକ୍ତର, ନର୍ସିଂ ଅଫିସର ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଦୁର୍ବୃତ୍ତଙ୍କ ଅକ୍ତିଆରରେ ଯାତ୍ରୀ ବିଶ୍ରାମାଗାର

ତାଳଚେରସଦର, ୧୯।୨(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ସାଉଥବଲଣ୍ଡା ମୁଖ୍ୟରାସ୍ତା ପାଶ୍ୱର୍ରେ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବହୁପରାତନ ବିଶ୍ରାମ ଗୃହଟି ଦୁର୍ବୃତ୍ତଙ୍କ ଅକ୍ତିଆରରେ ରହିଛି। ଏହି ଯାତ୍ରୀ ବିଶ୍ରାମ ଗୃହଟିରେ କଲେଜ ଛାତ୍ରଛାତ୍ରୀ ସମେତ ଆଖପାଖ ଅଞ୍ଚଳର ବସ ଓ ଟ୍ୟାକ୍ସିକୁ ଯାତ୍ରୀମାନେ ଅପେକ୍ଷା କରିଥାନ୍ତି। ମାତ୍ର ଏହି ଗୃହଟିକୁ କେହି ଦୃର୍ବୃର୍ତ୍ତ ପାଲଢାଙ୍କି ଆବଦ୍ଧ କରି ରଖିଥିବା ଦେଖିବାକୁ ମିଳିଛି। ଫଳରେ ଯାତ୍ରୀମାନେ ଖରା, ବର୍ଷା, ଶୀତ ଓ ଧୂଳିଧୂଆଁରେ ବାହାରେ ଘଣ୍ଟାଘଣ୍ଟା ଧରି ଛିଡା ହୋଇ ରହୁଛନ୍ତି। ସରକାର ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଆବଶ୍ୟକି ଛକ ସ୍ଥାନରେ ଯାତ୍ରୀବିଶ୍ରାମଗାର ନିର୍ମାଣ କରିଛନ୍ତି। ମାତ୍ର ତାଳଚେର ସହର ଉପଖଣ୍ଡ ଅଞ୍ଚଳରେ ଯାତ୍ରୀବିଶ୍ରାମଗାର ଯେଉଁ ସବୁ ଅଞ୍ଚଳରେ ହୋଇଥିଲା ତାହା ଆଜି ଦେଖିବାକୁ ମିଳୁନାହିଁ। କେଉଁଠି କାହା ଜବରଦଖଲରେ ରହିଥିବା ବେଳେ ଆଉଁ କେଉଁଠି ଉଭାନ ହୋଇଥିବା ଜଣାପଡ଼ିଛି। ତାଳଚେର ଟାଉନ ରାଜବାଟୀ ସମ୍ମୁଖ ବଡ଼ବଜାର ଛକ, ହାଟତୋଟା, ହାଣ୍ଡିଧୂଆଁ, ଏହି ସବୁ ଅଞ୍ଚଳ ଗୁଡ଼ିକରେ ଲକ୍ଷଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ଯାତ୍ରୀ ବିଶ୍ରାମଗାର କେଉଁ ଆଡେ ଉଭାନ ହୋଇଯାଇଥିବା ବେଳେ ସେହିଭଳି ଫାଷ୍ଟଗେଟ୍, ଶର୍ମାଛକ, ସାଉଥବଲଣ୍ଡା ବସ ଯାତ୍ରୀଗାର ଦୁର୍ବୃତ୍ତଙ୍କ କବଜାରେ ରହିଥିବା ଦେଖିବାକୁ ମିଳିଛି। ସେହିଭଳି ଏବେ ସାଉଥବଲଣ୍ଡା ଦୁର୍ଗାମଣ୍ଡପ ପାଖ ବସଷ୍ଟାଣ୍ଡଟି ସୁରକ୍ଷିତ ରହିଛି। ତେବେ ଉପରୋକ୍ତ ବିଶ୍ରାମଗୃହ ଗୁଡିକ ଦୁର୍ବୃତ୍ତଙ୍କ ଅକ୍ତିଆରେ ରହିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ତାଳଚେର ପ୍ରଶାସନ, ତାଳଚେର ପୌରପରିଷଦ ଏବଂ ପଞ୍ଚାୟତ ଏଗୁଡିକ ପ୍ରତି କିପରି ଓ କାହିଁକି ଦୃଷ୍ଟି ନଦେଇ ଚୁପ୍ ବସିଛନ୍ତି କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଗଲେ ଅନ୍ତଃତପକ୍ଷେ ଯାତ୍ରୀମାନେ ସୁରୁଖୁରୁରେ ଗନ୍ତବ୍ୟ ସ୍ଥାନକୁ ଯିବାପାଇଁ ଅପେକ୍ଷା କରିପାରିବେ।




# ପେନକାକ୍ ସିଲାଟ ଆସୋସିଏସନ ପକ୍ଷରୁ ମିଶନ ସୁରକ୍ଷା କାର୍ଯ୍ୟକ୍ରମ

ଢେଙ୍କାନାଳ ୧୯।୨(ସମିସ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ସମରକଳା ଅନୁଷ୍ଠାନ ପେନକାକ୍ ସିଲାଟ ଆସୋସିଏସନ, ଗୁରୁଦେବଜୀ ଫାଉଣ୍ଡେସନର ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସହରର ୪ ନମ୍ବର ୱାର୍ଡ ସ୍ଥିତ ଜର୍ଜ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ସମରକଳା ତଥା ଆତ୍ମରକ୍ଷା କଳା କୌଶଳ ପ୍ରଦର୍ଶନ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବେ ଗୁରୁଦେବଜି ଗୁରୁକୁଳର ପ୍ରତିଷ୍ଠାତା ତଥା ପେନକାକ୍ ସିଲାଟ ଆସୋସିଏସନ ସମ୍ପାଦକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଉପସ୍ଥିତ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଶାରୀରିକ ବ୍ୟାୟାମ, ପେନକାକ୍ ସିଲାଟ କୌଶଳ, ଆତ୍ମରକ୍ଷା କୌଶଳ ସହ ମାନସିକ ବିକାଶାତ୍ମକ ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ ଜର୍ଜ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ଏହି ମିଶନ ସୁରକ୍ଷାର ଲକ୍ଷ୍ୟ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କୁ ଧନ୍ୟବାଦ ଜଣାଇଥିଲେ।

**ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ**

# 'ଶିଶୁର ପ୍ରାଥମିକ ଶିକ୍ଷା ହିଁ ଗୁରୁତ୍ୱପୂର୍ଣ୍ଣ'

ଅନୁଗୋଳ, ୧୯।୨(ସମିସ): ଅନୁଗୋଳ ସହର ହାଟଛକ ସ୍ଥିତ ଶ୍ରୀ ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ବିଦ୍ୟା ମନ୍ଦିର ଟ୍ରଷ୍ଟ ଚେୟାରମ୍ୟାନ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୌରୀ ଶଙ୍କର ବେହେରା, ଅନୁଗୋଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ମୁଖ୍ୟବକ୍ତା ଭାବେ ଆଶୁତୋଷ ମିଶ୍ର, (ଡି.ଜି.ଏମ.)ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ର (ସି ଏସ ଆର ) ବିଭାଗ ଏବଂ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ଗଡ଼ନାୟକ, ପଞ୍ଜାବ ନେସନାଲ ବ୍ୟାଙ୍କ ଅନୁଗୋଳ ଶାଖା ପ୍ରବନ୍ଧକ, ମୁକୁନ୍ଦ ମୋହନ ଶତପଥି ଅବସରପ୍ରାପ୍ତ ଶିକ୍ଷକ, ଜୟନ୍ତ କୁମାର ପାଲିତ, ସମାଜସେବୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ବେହେରା ଶିଶୁ ମାନଙ୍କ ସୁରକ୍ଷା, ପ୍ରାଥମିକ ଶିକ୍ଷାର ଗୁରୁତ୍ୱ ଓ ଶିଶୁ ମାନଙ୍କ ପାଇଁ ସରକାରୀ ଯୋଜନା ଏବଂ ନିୟମାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ କହିଲେ ଯେ ଶିଶୁ ମାନଙ୍କୁ ପାଠ ପଢ଼ା ସହ ଆଧାତ୍ମିକ ଶିକ୍ଷା ସଂସ୍କାର ଦିଗରେ ଧ୍ୟାନ ଦେବା ଆବଶ୍ୟକ। ଏହା ଦ୍ୱାରା ଶିଶୁର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ସହାୟକ ହେବ। ଅନ୍ୟତମ ସମ୍ମାନିତ ଅତିଥି ମାନେ ମଧ ପ୍ରାଥମିକ ଶିକ୍ଷା ସୁଦୃଢ଼ ଦ୍ୱାରା ଶିଶୁର ସର୍ବାଙ୍ଗୀନ ବିକାଶ ଘଟିବ। ଏଥିପାଇଁ ପିତାମାତା ସଯତ୍ନ ହେବା ଆବଶ୍ୟକ ବୋଲି ସୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପବିତ୍ର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବା ବେଳେ ଦିବା ପର୍ଯ୍ୟାୟ ପ୍ରମୁଖ ବିନୋଦିନୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ ।ବିଦ୍ୟା ମନ୍ଦିର ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚମ୍ପିୟାନ, ଶ୍ରେଷ୍ଠ ଛାତ୍ର, କୃତୀଛାତ୍ର ସମେତ ଅଭିଭାବକ ମାନଙ୍କ ମଧ୍ୟରେ ହୋଇଥିବା ଦୌଡ଼ ଓ ମ୍ୟୁଜିକ ଚେୟାର ପ୍ରତିଯୋଗତା ର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସେଇଭଳି ଅନୁଗୋଳ ଆନିମଲ ୱାଲଫେୟାର ଟ୍ରଷ୍ଟ ଓ କୁନି ପ୍ରବଚିକା ସାଇ ଜିଜ୍ଞାସା ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ଶିଶୁମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିଲେ।



## ସହାୟତା ଯୋଗାଇଦେବ ଆଦିତ୍ୟ ବିର୍ଲା

# ୪ ଶହ ବୁଣାକାର ପରିବାର ହେବେ ଲାଭବାନ





**ଗରଦପୁର, ୧୯।୨(ସମିସ):**

ବର୍ଷ ବର୍ଷ ଧରି କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ଅନେକ ଅଞ୍ଚଳରେ ତନ୍ତ ବୁଣାକାର ମାନେ ନିଜର ବୃତ୍ତି କରିଆସୁଛନ୍ତି। ଉଚିତ୍ ମୂଲ୍ୟ ନପାଇବାରୁ ନିଜର କୌଳିକ ବୃତ୍ତିରୁ ମୁହଁ ଫେରାଉଥିଲେ। ଏହି ବୁଣାକାର ପରିବାରକୁ ସହଯୋଗ ନପହଞ୍ଚିବା ଏବଂ ନିୟମିତ କିଣୁଥିବା କଞ୍ଚାମାଲର ଅହେତୁକ ଦରଦାମ୍ ପାଇଁ ୪୦୦ରୁ ଉର୍ଦ୍ଧ୍ୱ ବୁଣାକାର ପରିବାର ଚିନ୍ତାରେ ପଡ଼ିଥିଲେ। ବୁଣାକାର ପରିବାରଙ୍କ ସମସ୍ୟା ଦୂର କରିବାକୁ ଟେକ୍ସଟାଇଲ ଆସୋସିଏସନ ଅଫ ଇଣ୍ଡିଆର ଓଡ଼ିଶା ୟୁନିଟର ଚେୟାରମ୍ୟାନ ପ୍ରଫେସର ବିନୟ ଭୂଷଣ ଜେନା ଆଗେଇ ଆସିଛନ୍ତି।ନିଜେ ସେମାନଙ୍କ ପାଖରେ ପହଞ୍ଚିବା ସହିତ ଆଦିତ୍ୟ ବିର୍ଲା କମ୍ପାନୀ ସହିତ ଯୋଗାଯୋଗ କରିଛନ୍ତି। ବୁଣାକାରଙ୍କ ଚିନ୍ତା ଦୂର କରିବା ପାଇଁ ଆଦିତ୍ୟ ବିର୍ଲା କମ୍ପାନୀ ମ୍ୟାନେଜର ବୁଣାକାର ମାନଙ୍କ ପାଖରେ ପହଞ୍ଚି କଞ୍ଚାମାଲ ପହଞ୍ଚାଇବା ସହିତ ଉଚିତ ଦର ଦେଇ କ୍ରୟ କରିବେ ବୋଲି ପ୍ରତିଶ୍ରୁତି ମଧ ଦେଇଛନ୍ତି।ଏନେଇ ଗ୍ରାମାଞ୍ଚଳ ବୁଣାକାର ଶିଳ୍ପ ପାଇଁ ଖୁସି ଖବର ହୋଇଛି। ସରକାରଙ୍କ ଜରିଆରେ ଏଣିକି ବୁଣାକାରଙ୍କ ଘରୁ ହାତ ତିଆରି ଜିନିଷ କମ୍ପାନୀମାନେ କିଣିନେବେ। ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ଅଧୀନ କୋରୁଆ, ଡିଅସାହି, ହରିପୁର ଅଞ୍ଚଳରୁ ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଦକ୍ଷତା ବିକାଶ ଓ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ଏକ ସ୍ୱତନ୍ତ୍ର ଟିମ ପହଞ୍ଚିଥିଲେ। ରାଜ୍ୟର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ଏବଂ ସଂରକ୍ଷଣ ପାଇଁ ବୁଣାକାର ଓ ହସ୍ତ ଶିଳ୍ପ କାରିଗରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ୧ ସେଥିପାଇଁ ପ୍ରଥମେ ସେମାନଙ୍କ ବିକାଶ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି।କରୋନା ମାଡରେ ବୁଣାକାର ପରିବାର ହାତ ବାନ୍ଧି ବସିଥିଲେ। ଗତ ୩ ବର୍ଷ କାଳ ଏହି ପରିବାରମାନେ ବିଭିନ୍ନ ସମସ୍ୟା ଦେଇ ଗତି କରିଛନ୍ତି। ଏହିସବୁ ସମସ୍ୟାର ସମାଧାନ ପାଇଁ ପ୍ରଫେସର ବିନୟ ଭୂଷଣ ଜେନା ଏବଂ ତାଙ୍କ ସହିତ ଆଦିତ୍ୟ ବିର୍ଲା ଗ୍ରୁପର ଲିଭା ଏକ୍ସେଲ ସୂତା ଡିଭିଜନର ଆଞ୍ଚଳିକ ପରିଚାଳକ ଅନିନ୍ଦିୟ ସମାଜପତି ଉପସ୍ଥିତ ରହି ବୁଣାକାରମାନଙ୍କ ସହିତ ଆଲୋଚନା କରିଛନ୍ତି। ସୂତା ଯୋଗାଇବା ସମସ୍ୟା ହେଉ କିମ୍ବା ଲୁଗା ବିକ୍ରୀ ପାଇଁ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଦିତ୍ୟ ବିର୍ଲା ପକ୍ଷରୁ ସୂତା ଯୋଗାଇ ଦେବା ସହିତ ସମସ୍ତ ସାମଗ୍ରୀ ଉଚ୍ଚ ଦାମରେ କିଣି ନେବାକୁ ମଧ ପ୍ରତିଶ୍ରୁତି ଦେଇଛନ୍ତି।ଏହି ଖବର ଜାଣିବା ପରେ ବୁଣାକାରମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି ଏନେଇ ଟେକ୍ସଟାଇଲ ଆସୋସିଏସନ ଅଫ ଇଣ୍ଡିଆର ଓଡ଼ିଶା ୟୁନିଟର ଚେୟାରମ୍ୟାନ ପ୍ରଫେସର ବିନୟ ଭୂଷଣ ଜେନା କୁହନ୍ତି ବୁଣାକାରଙ୍କ ସମସ୍ତ ଲାଭ ଦଲାଲମାନେ ନେଇଯାଉଥିଲେ।ହେଲେ ଆଦିତ୍ୟ ବିର୍ଲା ସିଧାସଳଖ ଦଲାଲ ଦେଉଥିବା ଦାମଠାରୁ ପ୍ରତ୍ୟେକ ଶାଢୀରେ ୩ ଶହ ଟଙ୍କା ଅଧିକ ଦେବ। ସୂତା ଆଉ ରଙ୍ଗ ମଧ୍ୟରେ ଅତି କମ୍ ଦାମରେ ଯୋଗାଇ ଦେବ। ଏହାଫଳରେ ବୁଣାକାର ପରିବାର ଲାଭବାନ ହେବା ସହିତ ଅଧିକ ପ୍ରଡକ୍ଟ କରିବାରେ ସଫଳ ହେବେ। ପ୍ରାୟ ୪ ଶହ ବୁଣାକାରଙ୍କଠାରୁ ଦୈନିକ ୧୫ ଶହ ଶାଢୀ ପ୍ରାଥମିକ ପର୍ଯ୍ୟାୟରେ ଆଦିତ୍ୟ ବିର୍ଲା ନେବ ବୋଲି ପ୍ରତିଶୃତି ଦେଇଛି।

## ଅଗ୍ନିବିପନ୍ନଙ୍କୁ ସହାୟତା

**ରାଜନଗର, ୧୯।୨(ସମିସ):** ରାଜନଗର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ସାହି ପଞ୍ଚାୟତ ଅଧିନସ୍ଥ ଗଜରାଜପୁର ଗାଁରେ ବିଦୁତ ସଟ ସର୍କିଟରେ ଭୟାବହ ଅଗ୍ନିକାଣ୍ଡ ଲାଗି ୮ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ସୂଚନାଯୋଗ୍ୟ ଚଳିତ ମାସ ୧୩ ତାରିଖରେ ଗାଁର ଦିଲ୍ଲୀପ ମଳିକ, ସର୍ବେଶ୍ୱର ମଳିକ, ମଲି ମଳିକ, ପ୍ରକାଶ ମଳିକଙ୍କ ୮ ବଖରା ଘର ଅଗ୍ନିକାଣ୍ଡ ଲାଗି ପୋଡି ପାଉଁଶ ହୋଇଯାଇଛି। ଏ ଖବର ପାଇ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତୁଳସୀ କ୍ଷେତ୍ର ହେଲ୍ପ ଫାଉଣ୍ଡେସନ ଗ୍ରୁପ୍ ଅଫ କେନ୍ଦ୍ରାପଡ଼ା ଓଡ଼ିଶା ବିପନ୍ନ ପରିବାର ନିକଟରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ସମବେଦନା ଜଣାଇବା ସହିତ ଏବେକାର ପରିସ୍ଥିତିରେ ଚଳିବା ପାଇଁ ଆର୍ଥିକ ସହାୟତା ଦିଆ ଯାଇଅଛି। ଏହି କାର୍ଯ୍ୟରେ ଫାଉଣ୍ଡେସନ ତରଫରୁ ସମ୍ପାଦିକା ମଧୁସ୍ମିତା ପରିଡ଼ା, କୋଷାଧ୍ୟକ୍ଷ ମାନସ ରଞ୍ଜନ ନାୟକ, ବିକ୍ରମ ରାଉଳ, ନିହାରିକା ପାତ୍ର, ସ୍ୱର୍ଣ୍ଣଲତା ଭୂୟାଁ, ସାନ୍ତ୍ୱନା ଦାସ ପ୍ରମୁଖ ଯୋଗଦେଇ ଅଗ୍ନି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଥିଲେ।

## ଭିତରକନିକା ଜାତୀୟ ଉଦ୍ୟାନରେ ହରିଣ ଶିକାର

# ମାଂସ ଜବତ, ଶିକାରୀ ଗିରଫ



**ରାଜନଗର, ୧୯।୨(ସମିସ):** ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବେଧଡକ ଭାବେ ଶିକାର ହେଉଛି। ଚଳିତ ମାସ ୪ ତାରିଖ ଦିନ ହରିଣ ଶିକାର କରି ତାକୁ ଭୋଜି କରିବାକୁ କଣ୍ଟାବଣ ନେଉଥିବାବେଳେ ବନ ବିଭାଗ ଟିମ୍ ଶିକାରୀକୁ ମାଡି ବସିବା ସହିତ ହରିଣ ମାଂସ ଜବତ କରିଛି। ଗତକାଲି ରାତିରେ ଜାତୀୟ ଉଦ୍ୟାନ ମଧ୍ୟରୁ ହରିଣ ମାଂସ ଜବତ କରାଯିବା ସହିତ ଶିକାରୀକୁ ଗିରଫ କରାଯାଇଛି। ଗତକାଲି ରାତ୍ରି ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅତିରିକ୍ତ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ଲକ୍ଷ୍ମୀଧର ବାରିକ, ଗୋରାଚାନ୍ଦ୍ ସିଂ, ସତିଶ୍ ଲାକ୍ରା ଜାତୀୟ ଉଦ୍ୟାନ ମଧ୍ୟସ୍ଥ କଣ୍ଟିଆଖାଇ ସଂରକ୍ଷିତ ଜଙ୍ଗଲରେ ହରିଣ ଶିକାର କରି ତାକୁ କାଟୁଥିବା ବେଳେ ବନ ବିଭାଗ ଟିମ ମାଡି ବସିଥିଲେ। ସୈଳେନ୍ଦ୍ରସରାଇ ଗାଁର ସୁରେନ୍ଦ୍ର ଦାସକୁ ଘଟଣାସ୍ଥଳରୁ ୧୨ କିଲୋ ଓଜନର ହରିଣ ମାଂସ ଜବତ କରାଯିବା ସହିତ ସେହି ସ୍ଥାନରୁ ୪ ଗୋଟି ଫାସ, ଗୋଟିଏ କଟୁରୀ, ଗୋଟିଏ କୁରାଢି ଜବତ କରିଥିଲେ। ଅଧିକାପଚରା ଉତରା ପରେ ସେ ନିଜେ ଦୁଇ ଦିନ ତଳେ ହରିଣ ଶିକାର କରିବା ପାଇଁ ଜଙ୍ଗଲରେ ଫାସ ବସେଇଥିଲା ଏବଂ ହରିଣ ଫାଶରେ ପଡ଼ିବା ପରେ ତାକୁ ଜଙ୍ଗଲ ମଧ୍ୟରେ କାଟି ମାଂସକୁ ଖାଇବା ଓ ବିକ୍ରି ପାଇଁ ନେଇଥାନ୍ତା, ମାତ୍ର ମାଂସ ବାହାରକୁ ପଠେଇବା ପୂର୍ବରୁ ବନ ବିଭାଗ ଟିମ ହାତରେ ଧରାପଡ଼ିଛି।ଅଭିଯୁକ୍ତକୁ ଓଡ଼ିଶା ବନ୍ୟପ୍ରାଣୀ ଆଇନ ୧୯୭୨ ଅନୁସାରେ କୋର୍ଟ ଚାଲାଣ କରାଯାଇଛି।

# ଡେରିକି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**ନାଉଗାଁ, ୧୯।୨ (ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଗଳଧାରୀ ସରପଞ୍ଚ ଦିଲ୍ଲୀପ କୁମାର ନାୟକ, ଡାବର ସମିତିସଭ୍ୟ ସୁବଳ ବେହେରା, ଘୋଡାଂଶ ସମିତିସଭ୍ୟ ରତ୍ନକାନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ଯ୍ୟକ୍ରମରେ ନାଉଗାଁ କଳା ବିକାଶ କେନ୍ଦ୍ରର କୁନିକୁନି ପିଲାଙ୍କ ଦ୍ୱାରା ନୃତ୍ୟ, ଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ଏହି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଥିଲା।

## ● ୨୪ ତମ ମା' ସରେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଶ୍ରୀରାମ ଇଲେଭେନ ପାରାଦୀପଗଡ଼ ଚାମ୍ପିଅନ

**ପାରାଦୀପ, ୧୯।୨(ସମିସ):** ମା' ସରେଇ କ୍ରିକେଟ କ୍ଲବ ଗୋପିଆକୁଦ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚ ଶ୍ରୀରାମ ଇଲେଭେନ, ପାରାଦୀପ ଗଡ଼ ଓ ଗୋରେଖନାଥ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାରାଦୀପ ଗଡ଼ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୨୫ ଓଭରରେ ୬ ଉଇକେଟ ବିନିମୟରେ ୨୭୩ ରନ କରିଥିବା ବେଳେ ଜବାବରେ ବାବା ଗୋରେଖନାଥ କ୍ରିକେଟ ଟିମ, ଜୟପୁର ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ତେବେ ଶ୍ରୀରାମ ଇଲେଭେନକୁ ଚାମ୍ପିଅନ ଘୋଷଣା କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଟୁଲୁ ପଣ୍ଡା, ମ୍ୟାନ ଅଫ ଦି ସିରିଜ ଭାବେ ରୋମୁଆ ଓ ସର୍ବୋତ୍ତମ ବୋଲର ଭାବେ ପାରାଦୀପ ଗଡ଼ ବଣ୍ଟି, ବ୍ୟାଟ୍ସମ୍ୟାନ ଭାବେ ସଲିମ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ଓ କୁଜଙ୍ଗ ମେଡ଼ିକାଲର ଡଃ ରାଜେଶ ମିଶ୍ର ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୧୯।୨(ସମିସ):** ମାରୁତି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୁନି କୁନି ପିଲା ମାନଙ୍କ ଦ୍ୱାରା ବେଦପାଠ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍କୁଲର ଚେୟାରମେନ ପ୍ରସନ୍ନ ପରିଡ଼ା ସଭାର ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ମିତା ମହାକୁଡ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ବ୍ଲକ ଶିକ୍ଷାଧିକାରିଣୀ କୁମୁଦିନୀ ମାଡ଼ାମ, ସ୍କୁଲର ନିର୍ଦ୍ଦେଶକ ତଥା ପୂର୍ବତନ ପ୍ରାଧ୍ୟାପକ ଡ.କୈଳାସ ଚନ୍ଦ୍ର ଲେଙ୍କା, ବିଶିଷ୍ଟ ସମାଜସେବୀ ଦେବକୀ ନନ୍ଦନ ମିଶ୍ର, ଜମଧର ସରପଞ୍ଚ ରାଜ କିଶୋର ଖୁଣ୍ଟିଆ, ସମିତିସଭ୍ୟ ଦେବାଶିଷ ଦାସ, ଆଇଟିଏସ ସ୍କୁଲର ନିର୍ଦ୍ଦେଶକ ପ୍ରଭାତ କୁମାର ପରିଡ଼ା, ଇପିଏସ ସ୍କୁଲର ନିର୍ଦ୍ଦେଶକ ଗଣେଶ ପ୍ରସାଦ ବିଶ୍ୱାଳ ଓ ସାମ୍ବାଦିକ ପ୍ରଭାତ କୁମାର ଲେଙ୍କାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ କୃତୀ ପିଲାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## କୁଶିଆପାଳରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଡେରାବିଶ, ୧୯।୨(ସମିସ):** ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତର କୁଶିଆପାଳ ହାଇସ୍କୁଲ ପଡ଼ିଆରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ସଭାପତି ଅନନ୍ତ ପାତ୍ର, ବ୍ଲକ କଂଗ୍ରେସ ମହିଳା ସଭାପତି ରଶ୍ମିତା ମହାନ୍ତି, ଗୋଲଖ ସ୍ୱାଇଁ, ରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା ପ୍ରମୁଖ ଯୋଗଦେଇ କଂଗ୍ରେସ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସଭାପତି ସାଧୁ ଚରଣ ମଲିକ, ବାସୁଦେବ ମଲିକ, ଏସ୍‌କେ ମୋତି, ସୁରେଶ ମଲିକ, ବୀରବର ପାଗଳ, ପ୍ରଫୁଲ ମଲିକ, ଦୟାନିଧି ମଲିକ, ହେମନ୍ତ କୁମାର ବେହରା, ଶେଖ୍ ଜାକିର ପ୍ରମୁଖ ପରିଚାଳନା କରିଥିଲେ।

## ■ ସେବା ଫାଉଣ୍ଡେସନର ବାର୍ଷିକ ଉତ୍ସବ

## ୫୦ ସ୍ୱେଚ୍ଛାସେବୀ ସଂଗଠନ ସମ୍ମାନିତ

**ବାଲିକୁଦା, ୧୯।୨(ସମିସ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ରାହାଣର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସେବା ଫାଉଣ୍ଡେସନର ଚତୁର୍ଥ ବାର୍ଷିକ ଉତ୍ସବ ରାହାନସ୍ଥ ମା' ଉଗ୍ରତରା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରେମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡା. ଶଶାଙ୍କ ଶେଖର ସାହାଣୀ, ସମ୍ମାନିତ ଅତିଥି ଭାବେ କେଦାର ଦଳେଇ, ଶ୍ରୀମତୀ ରଶ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ସେବା ଫାଉଣ୍ଡେସନ ସେବା କ୍ଷେତ୍ରରେ ସାରା ଓଡ଼ିଶାରେ ଯେଉଁଭଳି ଭାବେ କୃତିତ୍ୱ ଅର୍ଜନ କରିଛି, ତାହା ଅବିଶ୍ୱାସନୀୟ ବୋଲି କହିଥିଲେ। ସେବା ଫାଉଣ୍ଡେସନ ସଭାପତି ରଶ୍ମୀରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ସମ୍ବିତ କୁମାର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନକୁ ସେବା ଫାଉଣ୍ଡେସନ ପକ୍ଷରୁ ଅତିଥିମାନେ ସେବା ସମ୍ମାନ ୨୦୨୪ରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେବା ଫାଉଣ୍ଡେସନର କର୍ମକର୍ତ୍ତା ରାଜକିଶୋର ବେହେରା, ପ୍ରେମାନନ୍ଦ ବେହେରା, ଲଲାଟେନ୍ଦୁ ବେହେରା, ସାଜନ ପ୍ରଧାନ, ମାନସ ମହାପାତ୍ର, ମହିଳା ସଂଗଠନ ସଭାପତି ପ୍ରଜ୍ଞାପରିମିତା ବେହେରା, ସମ୍ପାଦିକା କବିତା ଯତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୁନି କୁନି ପିଲାଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଡେରାବିଶ, ୧୯।୨(ସମିସ):**

ଡେରାବିଶ ବ୍ଲକ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ରତାଦିଆ ଖଣ୍ଡସାହି ପଞ୍ଚାୟତରେ ୧୨ଟି ପ୍ରକଳ୍ପ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୯୬୭ ପରିବାରର ମୋଟ ୩୪୪୫ ହିତାଧିକାରୀ ଉପକୃତ ହୋଇ ପାରିଛନ୍ତି ଓ ପଞ୍ଚାୟତରେ ଆମ ବ୍ୟାଙ୍କ ପ୍ରତିଷ୍ଠା ଓ ଚଳିତ ମାସରୁ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ହେଉଥିବା ସମ୍ବନ୍ଧରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ନାଏବ ସରପଞ୍ଚ ମୁଶା ନାୟକ, ଜିପିଓ ନନ୍ଦିନୀ ଶତପଥି ମଞ୍ଚାସୀନ ଥିଲେ। ସମବାୟବିତ ବିମଳକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚନ୍ଦ୍ରକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଜିଆରଏସ୍ ମାନସୀ ପରିଡ଼ା, ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ, ଲଲାଟେନ୍ଦୁ ଖୁଣ୍ଟିଆ, ମିହିର ସାମଲ, ପଞ୍ଚାୟତରଏମ୍‌ବିକେ, ସିଆରପିଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟସଭ୍ୟା ପରିଚାଳନା କରିଥିଲେ।



ସେହିପରି ଯମପଡ଼ା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସରପଞ୍ଚ ମନୋଜକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ସମିତି ସଭ୍ୟା ସୁପ୍ରଭା ଜେନା, ସମାଜସେବୀ ଆସୁତୋଷ ପାତ୍ର, ପୂର୍ବତନ ସରପଞ୍ଚ ସୁକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତର ବିକାଶ ଯୋଜନା ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା ରୂପାନ୍ତରିକରଣ, ପଞ୍ଚାୟତ ବ୍ଲକ ମୁଖ୍ୟାଳୟକୁ ଲକ୍ଷ୍ମୀବସ ଶୁଭାରମ୍ଭ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ବିନାସୁଧରେ ମିଶନଶକ୍ତି ଜରିଆରେ ଋଣ ଯୋଗାଇ ଦେଉଛନ୍ତି ବୋଲି କହିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ସୁରେନ୍ଦ୍ରନାଥ ସ୍ୱାଇଁ, ଜିଆରଏସ୍ ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବେରୁହାଁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବାବାଜୀ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ନଳିନୀକାନ୍ତ ସେନାପତି, ବିଶ୍ୱଜିତ ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ମଲ୍ଲିକ ସ୍ୱାସ୍ଥ୍ୟ ସମସ୍ୟାର ତୁରନ୍ତ ସମାଧାନ ନେଇ ଘୋଷଣା କରିଥିଲେ। ପିଇଓ ନରେଶ କୁମାର, ବିଶ୍ୱଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ପାରାଦୀପ ପୌରାଞ୍ଚଳରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପାରାଦୀପ, ୧୯।୨ (ସମିସ):** ଏକ ବିକଶିତ ସମୃଦ୍ଧ ନୂତନ ଓଡ଼ିଶା ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ପାରାଦୀପ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢକୁଦ, ରେଡିପଡ଼ା, ତେଲୁଗୁପଡ଼ା, ୩ ନମ୍ବର ୱାର୍ଡ ଲକପଡ଼ା, ତଳପଡ଼ା, ୨ ନମ୍ବର ୱାର୍ଡ ଗୋପୀନାଥ କଲୋନୀ, ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀ, ୧୦ ନମ୍ବର ୱାର୍ଡ ବୀଣାପାଣି, ସିଏଲଆର ପ୍ଲଟ, ୧୫ ନମ୍ବର ୱାର୍ଡ ମାର୍କେଟ ପଛ ପଟ ଓ ସିନେମା ହଲ ଆଗ ବସ୍ତିରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପୌରାଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦକୁ ଲକ୍ଷାଧିକ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ସରକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଉପସ୍ଥିତ ସମସ୍ତ ପାରିଷଦଙ୍କୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌର ପରିଷଦର ଉପାଧ୍ୟକ୍ଷା ଛବିଲତା ରାଉତ, କାଉନସିଲର ସୁଶାନ୍ତ ଦାସ, କବିତା ସାହୁ, ଅଜିତ ଷଡଙ୍ଗୀ, ରୁନାରାଣୀ ପରିଡ଼ା, ନବ କୁମାର ବେହେରା, ପୂର୍ବତନ କାଉନସିଲର ମନୋଜ କୁମାର ବେହେରା, ସାମ୍ବାଦିକ ଚିତ୍ତ ସ୍ୱାଇଁ, ଚପଳା ସ୍ୱାଇଁ, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ରଘୁନାଥପୁର, ୧୯।୨(ସମିସ):** ରଘୁନାଥପୁର ବ୍ଲକର ୪ଟି ପଞ୍ଚାୟତରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରେତୁଆ, ତଅଂରା, ଧରାଧରପୁର, ଜଗନ୍ନାଥପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ବିଡିଓ ନମିତା ବାରିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିପାରିଛି। ରେତୁଆ ପଞ୍ଚାୟତରେ ସରପଞ୍ଚ କିଶୋର କୁମାର ବେହେରା ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଦେବାଶୀଷ ତ୍ରିପାଠୀ ଯୋଗଦେଇ କହିଲେ ୨୪ ବର୍ଷରେ ନବୀନ ସରକାର ଓଡ଼ିଶାରେ ସାଢେ ୪କୋଟି ଓଡିଆଙ୍କର ନେତା ପାଲଟି ପାରିଛନ୍ତି। ୭୦ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରି ହସ ଫୁଟାଇ ପାରିଛନ୍ତି। ଓଡ଼ିଶାରେ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହି ସଭାରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ରୀନାରାଣି ମଲ୍ଲିକ, ସମିତି ସଭ୍ୟ ବିଶ୍ୱଜିତ ଦାଶ, ଏବିଡିଓ ଜ୍ଞାନଦା ନାୟକ ଉପସ୍ଥିତ ଥିଲାବେଳେ ଧରାଧରପୁର ପଞ୍ଚାୟତରେ ସରପଞ୍ଚ ନଳିନୀପ୍ରଭା ମୁଦୁଲିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ତଅଂରା ସରପଞ୍ଚ ବଟକୃଷ୍ଣ ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଜଗନ୍ନାଥପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଜଗବନ୍ଧୁ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଡଃ ସୁରେନ୍ଦ୍ର ମହାପାତ୍ର, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ରାଢ଼ଙ୍ଗ ସରପଞ୍ଚ ସୁଶିଲ କୁମାର ବାରିକ, ସମିତିସଭ୍ୟା ପ୍ରମିଳା ବେହେରା, ସମିତି ସଭ୍ୟା ପ୍ରିୟତମା ରାଉତ, ସମିତି ସଭ୍ୟା ମୀତାଞ୍ଜଳି ପଣ୍ଡା, ଆଡଭୋକେଟ ଜୟଦେବ ପାଲ, ଛାତ୍ରନେତା ଯୋସେଫ ସ୍ୱାଇଁ, ଅଜୟ ଦାଶ, ପିଇଓ ଲକ୍ଷ୍ମଣ ସୋରେନ, ମନୋଜ ଭୋଇ, ରାଜେନ୍ଦ୍ର ନାୟକ, ଛାତ୍ରନେତା ସୁମନ ଜେନା, ଅନିଲ ଖଟୁଆ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତି କରାଯାଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ୪ଟି ପଞ୍ଚାୟତରେ ବହୁ ଶିଶୁକଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା ପରିବେଷଣ ହୋଇଥିଲା।



■ ସୁପ୍ରିମକୋର୍ଟରୁ ଶରଦ ନିରାଶ

## ଇସିଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶକୁ ନା

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ଏନସିପିର ଦଳୀୟ ନେତୃତ୍ୱ ଏବଂ ଚିହ୍ନକୁ ନେଇ ପ୍ରଥମେ ନିର୍ବାଚନ ଆୟୋଗ ଏବଂ ମହାରାଷ୍ଟ୍ର ବାଚସ୍ପତିଙ୍କ ଠାରୁ ନିରାଶ ହେବା ପରେ ଏବେ ସୁପ୍ରିମକୋର୍ଟରୁ ବି ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କୁ ନିରାଶ ହେବାକୁ ପଡ଼ିଛି। ଅଜିତ ପାୱାର ଗୋଷ୍ଠୀକୁ ପ୍ରକୃତ ଏନସିପି ବୋଲି ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତେବେ ପାୱାରଙ୍କ ଆବେଦନ ଉପରେ ବିଚାର କରିବାକୁ ସୁପ୍ରିମକୋର୍ଟ ଆଗ୍ରହୀ ଥିବା କହିଛନ୍ତି। ଏହିକ୍ରମରେ ସର୍ବୋଚ୍ଚ ଅଦାଲତ ଅଜିତ ପାୱାର ଗୋଷ୍ଠୀ ଏବଂ ନିର୍ବାଚନ ଆୟୋଗଙ୍କୁ ନୋଟିସ ଜାରି କରି ୨ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି।



■ ନଭାଲନିଙ୍କ ପତ୍ନୀଙ୍କ ଅଭିଯୋଗ

## 'ପୁଟିନ ମୋ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି'

ମସ୍କୋ,୧୯।୨(ଏଜେନ୍ସି): ରୁଷର ବିରୋଧୀ ନେତା ତଥା ରାଷ୍ଟ୍ରପତି ପୁଟିନଙ୍କ କଡ଼ା ସମାଲୋଚକ ଥିବା ଏଲେକ୍ସି ନଭାଲନିଙ୍କ ଗତ ଶୁକ୍ରବାର ଜେଲରେ ମୃତ୍ୟୁ ହେବା ଘଟଣା ଏବେ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ନଭାଲନିଙ୍କ ମୃତ୍ୟୁ ଖବର ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଚର୍ଚ୍ଚାର ବିଷୟ ହୋଇଛି। ଏହାରି ଭିତରେ ନଭାଲନିଙ୍କ ବିଧବା ପତ୍ନୀ ୟୁଲିଆ ରୁଷ ରାଷ୍ଟ୍ରପତି ପୁଟିନଙ୍କ ବିରୋଧରେ ତାଙ୍କ ସ୍ୱାମୀଙ୍କ ହତ୍ୟା କରିବା ଅଭିଯୋଗ ଆଣିଛନ୍ତି। ଏଲେକ୍ସି ନଭାଲନିଙ୍କ ବିଧବା ପତ୍ନୀ ସୋମବାର କହିଛନ୍ତି ଯେ ରୁଷ ରାଷ୍ଟ୍ରପତି ପୁଟିନ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ସୋମବାର ଏକ ଭିଡିଓରେ ୟୁଲିୟା କହିଛନ୍ତି, ପୁଟିନ ମୋ ସ୍ୱାମୀ ଏଲେକ୍ସି ନଭାଲନିଙ୍କୁ ହତ୍ୟା କରିଛନ୍ତି।



## ଆଫଗାନିସ୍ତାନରେ ଭୂସ୍ଖଳନ; ୨୫ ମୃତ



କାବୁଲ,୧୯।୨(ଏଜେନ୍ସି): ଆଫଗାନିସ୍ତାନର ନୁରିସ୍ତାନ ପ୍ରଦେଶରେ ସୋମବାର ଭୂସ୍ଖଳନ ଯୋଗୁଁ ପ୍ରାୟ ୨୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ୨୦ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ଏବେ ବି ବହୁ ଲୋକ ମାଟି ତଳେ ପୋତି ହୋଇ ରହିଥିବା କୁହାଯାଇଛି। ତାଲିବାନ ସୂଚନା ଓ ଲୋକସମ୍ପର୍କ ମୁଖ୍ୟ ମହମ୍ମଦ ଅବଦୁଲ୍ଲା ଜାନ ଘଟଣା ସମ୍ପର୍କରେ ସୂଚନା ଦେବା ସହିତ ପ୍ରବଳ ବର୍ଷା ହେତୁ ନୁରଗରାମ ଜିଲ୍ଲାର ନାକାରା ଗ୍ରାମରେ ବହୁ ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହୋଇଥିବା କହିଛନ୍ତି। ଏଥିରେ ବହୁ ଲୋକଙ୍କ ମୃତ୍ୟୁ ହେବା ସହିତ ବ୍ୟାପକ କ୍ଷତି ହୋଇଛି। ସଂପୃକ୍ତ ଅଞ୍ଚଳରେ ବହୁ ଘର ମାଟିରେ ମିଶିଯାଇଥିବା ସେ କହିଛନ୍ତି।

## ନୂଆ ଦଳ ଗଢ଼ିଲେ ସ୍ୱାମୀ ପ୍ରସାଦ

ଲକ୍ଷ୍ନୌ,୧୯।୨(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ନିକଟରେ ଦଳରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ ନୂଆ ଦଳ ଗଠନ କରିଥିବା ସୋମବାର ଘୋଷଣା କରିଛନ୍ତି। 'ରାଷ୍ଟ୍ରୀୟ ଶୋଷିତ ସମାଜ ପାର୍ଟି' ନାମରେ ତାଙ୍କ ଦଳ ନାମିତ ହୋଇଥିବା ବେଳେ ସୋସିଆଲ ମିଡିଆ ଜରିଆରେ ସେ ତାଙ୍କ ଦଳର ପତାକା ଲଞ୍ଚ କରିଛନ୍ତି। ସ୍ୱାମୀ ପ୍ରସାଦ ଆସନ୍ତା ୨୨ ତାରିଖରେ ଦିଲ୍ଲୀ ତାଲକଟୋରା ଷ୍ଟାଡିୟମରେ ଏକ ରାଲିକୁ ସମ୍ବୋଧିତ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହି ଦିନ ହିଁ ସେ ନିଜ ନୂଆ ଦଳ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରିବେ ବୋଲି କହିଛନ୍ତି। ଏହି ଅବସରରେ ସ୍ୱାମୀ ପ୍ରସାଦ ଅଖିଳେଶଙ୍କ ଉପରେ ବର୍ଷିବା ସହିତ ସମାଜବାଦୀ ପାର୍ଟି ବ୍ୟାପାରକୁ ନେଇ ନକାରାତ୍ମକ ଟିପ୍ପଣୀ ଦେଇଛନ୍ତି।



ଚଣ୍ଡିଗଡ଼ ମେୟର ନିର୍ବାଚନ ମାମଲା

# 'ନିର୍ବାଚନ ଅଧିକାରୀ ଦଣ୍ଡିତ ହେବା ଜରୁରୀ'

ନୂଆଦିଲ୍ଲୀ,୧୯।୨(ଏଜେନ୍ସି)

ଚଣ୍ଡିଗଡ଼ ମେୟର ନିର୍ବାଚନକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ନିର୍ବାଚନ ଅଧିକାରୀଙ୍କ ପ୍ରତି କଠୋର ମନୋଭାବ ଗ୍ରହଣ କରିଛନ୍ତି। ମେୟର ନିର୍ବାଚନ ବେଳେ ୮ ବାଲଟ ପେପରକୁ ଜାଣିଶୁଣି ନାକଚ କରିଦିଆଯାଇଥିବା ସଂପୃକ୍ତ ନିର୍ବାଚନ ଅଧିକାରୀ ସ୍ୱୀକାର କରିଥିବାରୁ ତାଙ୍କ ବିରୋଧରେ ମାମଲା ଚାଲିବା ସହିତ ସେ ଦଣ୍ଡିତ ହେବା ଦରକାର ବୋଲି କହିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଏହି ଅଧିକାରୀ ଜଣକ ମୁଣ୍ଡ ପୁରାଇଥିବାରୁ ଏହା ଏକ ଜଘନ୍ୟ ବ୍ୟାପାର ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେବେ ନିର୍ବାଚନ ବେଳେ ବାଲଟ ପେପରକୁ ନେଇ କରାଯାଇଥିବା ହେରଫେର ସମ୍ପର୍କରେ ସୁପ୍ରିମକୋର୍ଟ ନିଜେ ଯାଞ୍ଚ କରିବେ ବୋଲି କହିଛନ୍ତି। ଏଥିନେଇ ନାକଚ ହୋଇଥିବା ସମସ୍ତ ବାଲଟ ପେପର ଏବଂ ନିର୍ବାଚନ ବେଳର ଭିଡିଓ ତୁରନ୍ତ କୋର୍ଟରେ ଜମା କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ଜଣେ ନ୍ୟାୟିକ ଅଧିକାରୀ ବାଲଟ ପେପର ଏବଂ ମତଦାନ ସମୟର ଭିଡିଓ ସଂଗ୍ରହ କରିବାକୁ କୋର୍ଟ କହିଛନ୍ତି। ଏଥିପାଇଁ ସଂପୃକ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ହାଇକୋର୍ଟ ରେଜିଷ୍ଟ୍ରର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେୟର ନିର୍ବାଚନ ବେଳେ ୮ଟି ବାଲଟ ପେପରରେ 'ଏକ୍ସ' ଚିହ୍ନ ଲଗାଇ ଏଗୁଡିକୁ ନାକଚ କରିଦେଇଥିବା କଥା ନିର୍ବାଚନ ଅଧିକାରୀ ଅନୀଲ ମାସିହ ମାନି ନେଇଛନ୍ତି। କିନ୍ତୁ କୌଣସି ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରିଥିବାରୁ ତାଙ୍କୁ ଦଣ୍ଡିତ କରାଯିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନୀଲ ନିଜ ଦୋଷ ସ୍ୱୀକାର କରିବା ପରେ ମେୟର ପଦବୀରୁ ମନୋଜ ସୋନକାର ଇସ୍ତଫା ଦେଇଥିଲେ।କିନ୍ତୁ ଏହା ପରେ ପରେ ଆପ୍‌ର ତିନି କାଉନସିଲର ନିଜ ଦଳ ଛାଡି ବିଜେପିକୁ ଡିଆଁ ମାରିଛନ୍ତି।

କିନ୍ତୁ ଏହି ବିଷୟକୁ ମଧ୍ୟ ସୁପ୍ରିମକୋର୍ଟ ସହଜରେ ଗ୍ରହଣ କରିନାହାନ୍ତି। ନିର୍ବାଚନରେ ଘୋଡ଼ା ବେପାର ଅତ୍ୟନ୍ତ ଚିନ୍ତାଜନକ ବୋଲି ଏହି ମାମଲାର ଶୁଣାଣି କରୁଥିବା ଖଣ୍ଡପୀଠ କହିଛନ୍ତି। ଆସନ୍ତାକାଲି ଏହି ପ୍ରସଙ୍ଗରେ ପୁଣି ଥରେ ଶୁଣାଣି କରିବାକୁ କୋର୍ଟ କହିଥିଲା ବେଳେ ନିର୍ବାଚନ ଅଧିକାରୀ ଅନିଲ ମାସିହଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



■ ଘୋଡ଼ା ବେପାର ଗମ୍ଭୀର ମାମଲା

■ ଯାଞ୍ଚ ପାଇଁ ବାଲଟ ପେପର ମଗାଇଲେ ସର୍ବୋଚ୍ଚ ଅଦାଲତ

## ସନ୍ଦେଶଖାଲି ମାମଲାରେ ସିବିଆଇ ଯାଞ୍ଚକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏଥିସହ ମାମଲାକୁ ନେଇ ଏସ୍‌ଆଇଟି କିମ୍ବା ସିବିଆଇ ତଦନ୍ତ ପାଇଁ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ବିବି ନାଗରତ୍ନା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି ଯେ, 'ଏହି ମାମଲାକୁ ମଣିପୁର ସହ ତୁଳନା କରନାହିଁ। କୋଲକାତା ହାଇକୋର୍ଟ ନିଜେ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ହାଇକୋର୍ଟ ଘଟଣାର ସ୍ଥିତି ଆକଳନ କରିବାକୁ ଯଥେଷ୍ଟ ଏବଂ ଆବଶ୍ୟକ ସ୍ଥଳେ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେବାକୁ ସକ୍ଷମ। ତେଣୁ ଆବେଦନକାରୀ ହାଇକୋର୍ଟର ଦ୍ୱାରସ୍ଥ ହେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆବେଦନକାରୀ ନିଜ ଆବେଦନ ଫେରାଇ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସନ୍ଦେଶଖାଲି ମାମଲାରେ ସିବିଆଇ କିମ୍ବା ଏସ୍‌ଆଇଟି ତଦନ୍ତ ପାଇଁ ଆଇନଜୀବୀ ଆଲୋକ ଶ୍ରୀବାସ୍ତବ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ନିରପେକ୍ଷ ଯାଞ୍ଚ ପାଇଁ ପଶ୍ଚିମବଙ୍ଗ ବାହାରେ ସମ୍ପୂର୍ଣ୍ଣ ତଦନ୍ତ କରିବାକୁ ସେ ନିଜ ଆବେଦନରେ ଉଲ୍ଲେଖ କରିଥିଲେ। ଏଥିସହ ମଣିପୁର ଭଳି ଏହି ମାମଲାରେ ତିନି ଜଣ ଅବସର ପ୍ରାପ୍ତ ଜଜ୍‌ଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଦାବି କରିଥିଲେ।

ଗୁଲାମନବୀଙ୍କ ନିଶାଣରେ ଫାରୁକ୍

## ରାତିଅଧିଆ ଲୁଚିଛପି ମୋଦୀ ଓ ଶାହଙ୍କୁ ଭେଟିଛନ୍ତି



ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ନ୍ୟାସନାଲ କନଫରେନ୍ସ (ଏନସି) ସଭାପତି ଫାରୁକ୍ ଅବଦୁଲ୍ଲା ରାତିରେ ଯାଇ ଗୋପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଓ ଅନ୍ୟ ବିଜେପି ନେତାଙ୍କୁ ସେମାନଙ୍କ ବାସଭବନରେ ଭେଟିଛନ୍ତି ବୋଲି ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ ଆଜାଦ ପାର୍ଟି ନେତା ଗୁଲାମନବୀ ଆଜାଦ ଦାବି କରିଛନ୍ତି। ଆଜାଦଙ୍କ ଏଭଳି ଟିପ୍ପଣୀ ପରେ ପ୍ରତିକ୍ରିୟା ରଖି ଫାରୁକ୍ କହିଛନ୍ତି, ରାତିରେ କାହିଁକି ଭେଟିବି, ଚାହିଁଲେ ଦିନରେ ଭେଟିପାରିବି। ଆଜାଦଙ୍କୁ ଫାରୁକ୍ ପଚାରିଛନ୍ତି, ବିଜେପି ନେତାଙ୍କ ବାସଭବନରେ କିଏ ବା କେଉଁମାନେ ତୁମର ଗୁପ୍ତଚର ଅଛନ୍ତି ସେମାନଙ୍କ ନାମ ପ୍ରକାଶ କଲେ ସତ୍ୟ କ'ଣ ଜଣାପଡ଼ିବ। ଫାରୁକ୍ କହିଛନ୍ତି, ଆଜାଦଙ୍କୁ ଯେତେବେଳେ କେହି ପଚାରୁନଥିଲେ ସେତେବେଳେ ସେ ତାଙ୍କୁ ରାଜ୍ୟସଭା ଆସନ ଦେଇଥିଲେ। ଏବେ ଆଜାଦଙ୍କର ଏମିତି କ'ଣ ହୋଇଗଲା ଯେ ସେ ତାଙ୍କର କୁତ୍ସାରଟନା କରୁଛନ୍ତି ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି।

୨୧ରୁ 'ଦିଲ୍ଲୀ ଚଲୋ' ଅଭିଯାନ

# କେନ୍ଦ୍ର ପ୍ରସ୍ତାବକୁ ଚାଷୀଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ୧୨ ଦଫା ଦାବି ପୂରଣ ନେଇ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ ହଜାର ହଜାର ଚାଷୀ ଆନ୍ଦୋଳନ ଜାରି ରଖିଛନ୍ତି। ବିଶେଷକରି ଏମଏସପି ଗ୍ୟାରେଣ୍ଟି ଆଇନ ଆଣିବାକୁ ବହୁ ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏହିକ୍ରମରେ ଚାଷୀନେତାଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା ବେଳେ ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମଏସପିକୁ ନେଇ ଏକ ପ୍ରସ୍ତାବ ଦିଆଯାଇଥିଲା। ଚାଷୀମାନେ ପ୍ରାୟ ୨୩ଟି ଶସ୍ୟ ଉପରେ ଏମଏସପି ଗ୍ୟାରେଣ୍ଟି ଦାବି କରିଥିଲେ ହେଁ କେନ୍ଦ୍ର ସରକାର ଆସନ୍ତା ୫ ବର୍ଷ ପାଇଁ ମକା, କପା, ଡାଲି ଜାତୀୟ ଫସଲ ଭଳି କିଛି ଫସଲ ଉପରେ ଏମଏସପି ଗ୍ୟାରେଣ୍ଟି ଦେବାକୁ ସହମତ ହୋଇଥିଲେ। ଏହି ପ୍ରସ୍ତାବକୁ ନେଇ ସୋମବାର ସକାଳେ ଚାଷୀ ସଂଗଠନ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ ସନ୍ଧ୍ୟାରେ କେନ୍ଦ୍ରର ଏହି ପ୍ରସ୍ତାବକୁ ଚାଷୀନେତାମାନେ ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି। କେବଳ ୩/୪ଟି ନୁହେଁ , ଯେଉଁ ପର୍ଯ୍ୟନ୍ତ କେନ୍ଦ୍ର ସରକାର ସମସ୍ତ ଶସ୍ୟ ଉପରେ ଏମଏସପି ଗ୍ୟାରେଣ୍ଟି ବ୍ୟବସ୍ଥା ନ କରିବେ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଏହିକ୍ରମରେ ଆସନ୍ତା ୨୧ ତାରିଖରେ 'ଦିଲ୍ଲୀ ଚଲୋ' ଅଭିଯାନ ଆରମ୍ଭ ହେବ ବୋଲି ଚାଷୀ ନେତା କହିଛନ୍ତି। ଫଳରେ ଆଗକୁ ସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ଦେଖାଯାଇଛି। କେନ୍ଦ୍ରର ପ୍ରସ୍ତାବ ପରେ କୃଷକ ଆନ୍ଦୋଳନ କିଛିଟା ଶାନ୍ତ ପଡ଼ିବା ସହିତ କୃଷକ ନେତାଙ୍କ ମନରେ ଖୁସି ଦେଖାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ସବୁକିଛି ଓଲଟପାଲଟ ହୋଇଯାଇଛି। ଚାଷୀମାନେ ଦିଲ୍ଲୀ ଅଭିଯାନକୁ ଜୋରଦାର କରିବାକୁ ହୁଙ୍କାର ଦେଇଛନ୍ତି। ବର୍ତ୍ତମାନ ପଞ୍ଜାବ ଏବଂ ହରିଆଣାର ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଆଗାମୀ ଦିନରେ ଉତ୍ତରପ୍ରଦେଶ, ରାଜସ୍ଥାନ ଆଦିରୁ ଚାଷୀ ସାମିଲ ହେବେ ବୋଲି କୁହାଯାଇଛି।



ସୁପ୍ରିମକୋର୍ଟଙ୍କୁ ମୋଦୀଙ୍କ ନିଶାଣ

## ସୁଦାମା ଆଜି କୃଷ୍ଣଙ୍କୁ ଚାଉଳଭଜା ଦେଇଥିଲେ ମକଦ୍ଦମା ସାମ୍ନା କରିବାକୁ ପଡ଼ିଥାଆନ୍ତା

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ସମ୍ଭଲଠାରେ କଲ୍‌କୀ ଅବତାର ଧାମ ମନ୍ଦିରର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ ସଭାକୁ ସମ୍ବୋଧିତ କରି କହିଛନ୍ତି, ଦେଶରେ ୨୨ ଜାନୁଆରୀ (ରାମ ମନ୍ଦିର ପ୍ରତିଷ୍ଠା) ପରଠାରୁ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କହିଥିଲେ। ଏହି ଧାମ ପ୍ରତିଷ୍ଠା ହେଲେ ଏହା ଭାରତୀୟଙ୍କ ଧାର୍ମିକ ବିଶ୍ୱାସର ଆଉ ଏକ ପବିତ୍ର ସ୍ଥାନ ହେବ ବୋଲି ସେ କହିଥିଲେ। କଂଗ୍ରେସର ପୂର୍ବତନ ବରିଷ୍ଠ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମଙ୍କ ନେତୃତ୍ୱରେ କଲ୍‌କୀ ଧାମ ପ୍ରତିଷ୍ଠା କରାଯାଉଥିଲା ବେଳେ ତାଙ୍କର ଆମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକ୍ରମକୁ ଆସିଥିଲେ। ମୋଦୀ ଏଥିରେ ଯୋଗ ଦେଇଥିବାରୁ ନିଜର କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ଆଚାର୍ଯ୍ୟ ପ୍ରମୋଦ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଏଭଳି ବଦାନ୍ୟତା ଏବଂ ଉଦାରତା ପାଇଁ ସେ କେବଳ ନିଜର ଅନ୍ତର୍ନିହିତ ଭାବ ଛଡା ଆଉ କିଛି ଦେଇ ପାରୁନାହାନ୍ତି। ଏହା ଶୁଣି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଆଚାର୍ଯ୍ୟ ପ୍ରମୋଦ ଭଲ କରିଛନ୍ତି ଯେ , ସେ ମୋତେ ଅନ୍ୟ କିଛି ଦେଇ ନାହାନ୍ତି। ନଚେତ୍ ବିଭିନ୍ନ ସ୍ତରରେ ଭିନ୍ନ କଥା ଉଠିଥାଆନ୍ତା। ଏହିକ୍ରମରେ ସେ କହିଥିଲେ ଯେ, ଆଜି ଯଦି ଭକ୍ତ ସୁଦାମା କୃଷ୍ଣଙ୍କ ପାଇଁ ଚାଉଳଭଜା ନେଇ ଦେଇଥାଆନ୍ତେ ତେବେ ବି ସୁପ୍ରିମକୋର୍ଟରେ କଥା ପହଞ୍ଚିଥାଆନ୍ତା। ଆଉ କୋର୍ଟ ମଧ୍ୟ ରାୟ ଦେଇ ପଚାରିଥାଆନ୍ତେ ଯେ, ସୁଦାମା କାହିଁକି କୃଷ୍ଣଙ୍କୁ ଚାଉଳ ଭଜା ଦେଲେ ବୋଲି।

ଆସନବଣ୍ଟନ ବୁଝାମଣା ପରେ ହିଁ ରାହୁଲଙ୍କ ଯାତ୍ରାରେ ଯୋଗଦେବ ଏସପି

# କଂଗ୍ରେସକୁ ୧୫ ଆସନ ଛାଡ଼ିବାକୁ ଅଖିଳେଶ ସହମତ

ଲକ୍ଷ୍ନୌ,୧୯।୨(ଏଜେନ୍ସି)

କଂଗ୍ରେସ ସହ ଆସନବଣ୍ଟନ ବୁଝାମଣା ଚୂଡ଼ାନ୍ତ ହେବା ପରେ ହିଁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ସମାଜବାଦୀ ପାର୍ଟି(ଏସପି) ଯୋଗ ଦେବ ବୋଲି କହିଛନ୍ତି ଦଳୀୟ ମୁଖ୍ୟ ଅଖିଳେଶ ଯାଦବ। ସମ୍ବାଦ ସରବରାହ ସଂସ୍ଥା ଏଏନଆଇକୁ ଏସପି ମୁଖ୍ୟ ଅଖିଳେଶ କହିଛନ୍ତି, ଆସନ ବଣ୍ଟନ ନେଇ କଂଗ୍ରେସ ସହ ତାଙ୍କ ଦଳର ଆଲୋଚନାରେ ଅଗ୍ରଗତି ଘଟିଛି ଏବଂ ଉଭୟ ଦଳ ଚାହୁଁଥିବା ଆସନ ତାଲିକା ପରସ୍ପରକୁ ଦେଇଛନ୍ତି। ପୂର୍ବରୁ ଇଣ୍ଡିଆ ଟୁଡେକୁ ଦେଇଥିବା ସାକ୍ଷାତକାରରେ ଅଖିଳେଶ କହିଥିଲେ ଯେ ରାହୁଲ ଗାନ୍ଧୀ କେତେକ ନିର୍ଦ୍ଦିଷ୍ଟ ଆସନ ପାଇଁ ଅଡ଼ି ବସୁଥିବାରୁ ଆସନବଣ୍ଟନ ବୁଝାମଣା ଚୂଡ଼ାନ୍ତ ହେବାରେ ବିଳମ୍ବ ହେଉଛି। ଆସନବଣ୍ଟନ ନେଇ ଅଖିଳେଶ, ରାହୁଲ, ପ୍ରିୟଙ୍କା ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମଧ୍ୟରେ ଆଲୋଚନା ଚାଲୁରହିଛି ଓ ଏଯାଏ ଶେଷ ନିଷ୍ପତ୍ତିରେ ପହଞ୍ଚିବା ସମ୍ଭବ ହୋଇପାରିନାହିଁ। ପୂର୍ବରୁ ଆମେଥି କିମ୍ବା ରାଏ ବରେଲିରେ ରାହୁଲଙ୍କ ଭାରତ ନ୍ୟାୟ ଯାତ୍ରାରେ ଯୋଗଦେବା ପାଇଁ ଅଖିଳେଶଙ୍କୁ ଖଡ଼ଗେ ଯେଉଁ ନିମନ୍ତ୍ରଣ ଦେଇଥିଲେ ତାହାକୁ ଅଖିଳେଶ ଆପାତତଃ ଗ୍ରହଣ କରିଛନ୍ତି। ଉତ୍ତରପ୍ରଦେଶର ମୋଟ ୮୦ ଲୋକସଭା ଆସନରୁ କଂଗ୍ରେସକୁ ୧୧ଟି ଆସନ ଛାଡ଼ିବାକୁ ଏସପି ରାଜି ଥିଲା। ଏବେ କିନ୍ତୁ ୧୫ଟି ଆସନ କଂଗ୍ରେସକୁ ଛାଡ଼ିବାକୁ ଅଖିଳେଶ ସମ୍ମତ ହୋଇଛନ୍ତି। ୨୦୧୯ ଲୋକସଭା ନିର୍ବାଚନ ବେଳେ ଆମେଥି ଓ ରାଏବରେଲୀରେ କଂଗ୍ରେସ ବିରୋଧରେ ଏସପି କୌଣସି ପ୍ରାର୍ଥୀ ଦେଇନଥିଲା। ଏବେ ଉକ୍ତ ଦୁଇ ଆସନ କଂଗ୍ରେସକୁ ଛାଡ଼ିବାକୁ ଏସପି କୁଣ୍ଠିତ ହେଉଛି। ଏସପି କହୁଛି ଯେ ଅନ୍ୟ ୬୫ ଆସନରେ କଂଗ୍ରେସ ପ୍ରାର୍ଥୀ ଲଢ଼ି ଜିତିପାରିବେ ନାହିଁ। କଂଗ୍ରେସ କିନ୍ତୁ ଏଥିରେ ରାଜି ନହୋଇ ୧୫ରୁ ଅଧିକ ଆସନ ଚାହୁଁଛି।

ଏସପି ଓ କଂଗ୍ରେସ ଉଭୟ ଦଳ ହେଉଛନ୍ତି ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳ। ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ତାଙ୍କ ଦଳ କୌଣସି ଦଳ ସହ ଆସନବଣ୍ଟନ ବୁଝାମଣା ନ କରି ଏକାକୀ ଲଢ଼ିବ ବୋଲି ସ୍ପଷ୍ଟ କରିସାରିଥିବା ବେଳେ ଉତ୍ତରପ୍ରଦେଶରେ ଅଖିଳେଶଙ୍କ ଏସପି ସହ କଂଗ୍ରେସର ଆସନ ବଣ୍ଟନ ବୁଝାମଣା ବିଶେଷ ଗୁରୁତ୍ୱ ବହନ କରୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉତ୍ତରପ୍ରଦେଶରେ ରାହୁଲଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ଅପନା ଦଳ ନେତ୍ରୀ ପଲ୍ଲବୀ ପଟେଲ ଯୋଗ ଦେଇଛନ୍ତି।



# ୬ଷ୍ଠ ଇଡି ସମନକୁ ବି ଏଡ଼ାଇଗଲେ କେଜ୍ରିୱାଲ

ନୂଆଦିଲ୍ଲୀ,୧୯।୨(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ହୋଇଥିବା ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ୬ଷ୍ଠ ସମନକୁ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏଡ଼ାଇଯାଇଛନ୍ତି। ଫେବୃଆରୀ ୧୯ରେ ଇଡି ଦପ୍ତରରେ ହାଜର ହେବାକୁ କେଜ୍ରିୱାଲଙ୍କୁ ଗତ ୧୪ ତାରିଖରେ ସମନ ଜାରି କରାଯାଇଥିଲା। ଯାହାକି ଇଡିର ୬ଷ୍ଠ ସମନ ଥିଲା। ପ୍ରଥମ ୩ଟି ସମନ ସତ୍ତ୍ୱେ କେଜ୍ରିୱାଲ ଇଡି ଦପ୍ତରରେ ହାଜର ନହେବାରୁ ଏହି ତଦନ୍ତକାରୀ ସଂସ୍ଥା କୋର୍ଟରେ ଆଇପିସି ଧାରା ୧୭୪ ଅନୁଯାୟୀ ଏକ ମାମଲା ଦାଏର କରି କେଜ୍ରିୱାଲ ଜାଣିଶୁଣି ସମନକୁ ଅମାନ୍ୟ କରୁଥିବା ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ଆମ୍ ଆଦମୀ ପକ୍ଷରୁ କୁହାଯାଇଛି ଯେ ମାମଲା କୋର୍ଟରେ ଥିବାରୁ କୋର୍ଟଙ୍କ ନିର୍ଣ୍ଣୟକୁ ଅପେକ୍ଷା ନକରି ବାରମ୍ବାର ସମନ ଜରି କରାଯିବା ଆଇନସଙ୍ଗତ ନୁହେଁ। ସେହିପରି କେଜ୍ରିୱାଲ କହିଛନ୍ତି ଯେ, ରାଜନୈତିକ ଆକ୍ରୋଶ ରଖି ବେଆଇନ ଭାବେ ତାଙ୍କ ନାମରେ ବାରମ୍ବାର ସମନ ଜାରି କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଇଡି ପକ୍ଷରୁ କେଜ୍ରିୱାଲଙ୍କୁ ୨ ଫେବୃୟାରୀ ୨୦୨୪, ୧୮ ଜାନୁଆରୀ ୨୦୨୪, ୩ ଜାନୁଆରୀ ୨୦୨୪, ୨୨ଡିସେମ୍ବର ୨୦୨୩ ଓ ୨ ନଭେମ୍ବର ୨୦୨୩ରେ ୫ ଥର ସମନ ଜାରି କରାଯାଇଥିଲା।



ଗତ ୧୭ ତାରିଖରେ ଇଡି କୋର୍ଟରେ ଭିଡିଓ କନଫରେନ୍ସିଂ ଜରିଆରେ ହାଜିରା ଦେଇ କେଜରିୱାଲ କହିଥିଲେ ଯେ ଦିଲ୍ଲୀ ବିଧାନସଭାରେ ଆସ୍ଥା ଭୋଟ ଉପରେ ବିତର୍କ ଚାଲିଥିବାରୁ ଓ ବଜେଟ୍ ଅଧିବେଶନ ମାର୍ଚ୍ଚ ପହିଲା ଯାଏଁ ଚାଲୁଥିବାରୁ ସେ କୋର୍ଟରେ ହାଜର ହୋଇପାରିନାହାନ୍ତି। କୋର୍ଟ ତାଙ୍କୁ ମାର୍ଚ୍ଚ ୧୬ ତାରିଖ ପୂର୍ବାହ୍ନ ୧୦ଟାରେ ପ୍ରତ୍ୟକ୍ଷ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ହାଜର ହେଲେନି ମହୁଆ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ସାଂସଦ ମହୁଆ ମୋଇତ୍ରା ବୈଦେଶିକ ମୁଦ୍ରା ପରିଚାଳନା (ଫେମା) ଆଇନ ଉଲ୍ଲଙ୍ଘନ ଅଭିଯୋଗର ତଦନ୍ତ କରାଯାଉଛି। ଏହି ମାମଲା ସମ୍ପର୍କିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଆଜି ଇଡି ଦପ୍ତରରେ ହାଜର ହେବା ପାଇଁ ମହୁଆଙ୍କୁ ସମନ ଜାରି କରାଯାଇଥିଲା। ମହୁଆ କିନ୍ତୁ ସମନକୁ ଏଡ଼ାଇଯାଇ ଇଡି ଦପ୍ତରକୁ ଯାଇନଥିଲେ। ମହୁଆଙ୍କ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ ପାଇବା ପରେ ଲୋକପାଳ ତାହାର ତଦନ୍ତ ପାଇଁ ଅଭିଯୋଗପତ୍ରଟିକୁ ସିବିଆଇ ପାଖକୁ ପଠାଇ ଦେଇଥିଲେ। ଅଭିଯୋଗକୁ ନେଇ ବର୍ତ୍ତମାନ ସିବିଆଇ ଏକ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ଠାରୁ ମୂଲ୍ୟବାନ ଉପହାର ନେଇ ମହୁଆ ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆଦାନୀ ଗ୍ରୁପର ଗୌତମ ଆଦାନୀଙ୍କୁ ଟାର୍ଗେଟ୍ କରି ପ୍ରଶ୍ନ ପଚାରିଥିଲେ।

ରଣଜୀ ଟ୍ରଫିରେ ଓଡ଼ିଶା ବିଫଳ

# ଦଳଗତ ପ୍ରଦର୍ଶନର ଅଭାବ ପରାଜୟର କାରଣ


ଶାନ୍ତନୁ ମିଶ୍ର


ରାଜେଶ ମହାନ୍ତି


ଆଶିର୍ବାଦ ସ୍ୱାଇଁ


ବିପ୍ଳବ ସାମନ୍ତରାୟ

କଟକ,୧୯।୨(ସମିସ)

ଭାରତୀୟ ଘରୋଇ କ୍ରିକେଟର ମହାକୁମ୍ଭ ଭାବେ ପରିଗଣିତ ରଣଜୀ ଟ୍ରଫିରେ ପୁଣିଥରେ ନିରାଶ କରିଛି ଓଡ଼ିଶା ଦଳ। ପ୍ରାରମ୍ଭରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ଆଶା ସଞ୍ଚାରି ଥିବା ଏହି ଦଳ ଏଲିଟ ଗ୍ରୁପ-ଡି'ର ଅନ୍ତିମ ଆଡୁ ଦ୍ୱିତୀୟ ତଥା ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଚଳିତ ସଂସ୍କରଣରେ କିଛି ଖେଳାଳି ବ୍ୟକ୍ତିଗତ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଶୁଭ୍ରାଂଶୁ ଶେଖର ସେନାପତି ଏକ ମ୍ୟାଚ୍‌ରେ ୨୭୭ ରନର ଦ୍ୱିଶତକୀୟ ପାଳି ଖେଳିଥିବାବେଳେ ରାଜେଶ ମହାନ୍ତି ମୋଟ୍ ୩୧ଟି ୱିକେଟ ଦଖଲ କରିଛନ୍ତି। ଏହାଛଡ଼ା ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ ଶତକୀୟ ପାଳି ମଧ୍ୟ ଖେଳିଛନ୍ତି। କିନ୍ତୁ ମୋଟାମୋଟି ଭାବେ ଦଳଗତ ପ୍ରଦର୍ଶନର ଅଭାବ ପରାଜୟର ମୁଖ୍ୟ କାରଣ ବୋଲି ବିଭିନ୍ନ ମ୍ୟାଚ ରିପୋର୍ଟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଛି।

## ଅଧିନାୟକ ଦାୟିତ୍ୱ ପରେ ଶାନ୍ତନୁ ଫେଲ୍!

ପ୍ରଥମଶ୍ରେଣୀ ଫର୍ମାଟରେ ଶାନ୍ତନୁ ମିଶ୍ରଙ୍କୁ ଏଥର ପ୍ରଥମଥର ନିମନ୍ତେ ଅଧିନାୟକ ଦାୟିତ୍ୱ ମିଳିଥିଲା। ନାଲି ବଲ୍ କ୍ରିକେଟରେ ଶାନ୍ତନୁ ଜଣେ ଦକ୍ଷ ବ୍ୟାଟର। ଗତ ୨୦୨୨-୨୩ ସଂସ୍କରଣରେ ସେ ଓଡ଼ିଶା ନିମନ୍ତେ ସର୍ବାଧିକ ରନସଂଗ୍ରହକାରୀ ଥିଲେ। ୨ଟି ଶତକ, ୩ଟି ଅର୍ଦ୍ଧଶତକ ସହାୟତାରେ ମୋଟ ୫୮୧ ରନ ସଂଗ୍ରହ କରିଥିଲେ। କିନ୍ତୁ ଚଳିତ ସଂସ୍କରଣରେ ସେ ଫେଲ୍ ମାରିଛନ୍ତି।୧୩ଟି ପାଳିରୁ ମାତ୍ର ୩୩୯ ରନ କରିଛନ୍ତି। ଯେଉଁଥିରେ ମାତ୍ର ୨ଟି ଅର୍ଦ୍ଧଶତକ ରହିଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡିକରେ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହେଉଥିବା ଶାନ୍ତନୁ ଅଧିନାୟକତ୍ୱ ଚାପରେ ପଡି ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇଥିବା କ୍ରିକେଟ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି।

## ପଦାର୍ପଣରେ ହର୍ଷିତ, ଆଶୀର୍ବାଦ ଓ ଜାମଳାଙ୍କ ପ୍ରଭାବ

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ୩ଜଣ ପଦାର୍ପଣ କରିଥିଲେ। ନୂଆ ସ୍ପିନ୍ ବୋଲର ଖୋଜୁଥିବା ଓଡ଼ିଶା ନବାଗତ ହର୍ଷିତ ରାଥୋଡଙ୍କୁ ସୁଯୋଗ ଦେଇଥିଲା। ବାମହାତୀ ସ୍ପିନର ହର୍ଷିତ ୫ଟି ମ୍ୟାଚ୍‌ରୁ ୯ଟି ୱିକେଟ ଦଖଲ କରିଥିବାବେଳେ ଏକ ଅର୍ଦ୍ଧଶତକୀୟ ପାଳି ବଳରେ ମୋଟ ୧୧୧ ରନ ସଂଗ୍ରହ କରି ଅଲରାଉଣ୍ଡ ପରାକାଷ୍ଠା ଦେଖାଇଥିଲେ। ସେହିପରି କନିଷ୍ଠ ବର୍ଗରେ ତ୍ରିଶତକୀୟ ପାଳି ଖେଳି ବରିଷ୍ଠ ଦଳରେ ସାମିଲ ହୋଇଥିବା ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ପଦାର୍ପଣ କରିବା ସହ ୫ଟି ମ୍ୟାଚ୍ ଖେଳିଛନ୍ତି। ଗୋଟିଏ ଅର୍ଦ୍ଧଶତକ ବଳରେ ସେ ମୋଟ୍ ୨୭୩ ରନ କରିଛନ୍ତି। ଏପରିକି ଦିଲ୍ଲୀ ବିପକ୍ଷ ଅନ୍ତିମ ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ଆଶୀର୍ବାଦ ଓଡ଼ିଶା ପକ୍ଷରୁ ସର୍ବାଧିକ ରନସଂଗ୍ରହ କରିଥିଲେ। ଘରୋଇ କ୍ରିକେଟର ପରିଚିତ ଚେହେରା ଜାମଳା ଭଞ୍ଜନ ମହାପାତ୍ର। ୩୩ ବର୍ଷୀୟ ଜାମଳାଙ୍କୁ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ ସୁଯୋଗ ମିଳିଥିଲା। ଏହି ମ୍ୟାଚ୍‌ରେ ସେ ମୋଟ ୫ଟି ୱିକେଟ ହାସଲ କରିଛନ୍ତି। ଉଭୟ ପାଳିରେ ସେ ଓଡ଼ିଶା ପକ୍ଷରୁ ସର୍ବାଧିକ ୱିକେଟ ଦଖଲ କରିଥିଲେ।

## ବ୍ୟାଟରଙ୍କ ଭିତରେ ଶୁଭ୍ରାଂଶୁ ଆଗରେ

ଚଳିତ ସଂସ୍କରଣରେ ଓଡ଼ିଶା ପକ୍ଷରୁ ଶୁଭ୍ରାଂଶୁ ଶେଖର ସେନାପତି ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ୨୭୭ ରନର ଏକ ଦ୍ୱିଶତକୀୟ ପାଳି ଏବଂ ଏକ ଶତକୀୟ ପାଳି ବଳରେ ସେ ମୋଟ୍ ୫୩୫ ରନ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ରହିଛନ୍ତି ସନ୍ଦୀପ ପଟ୍ଟନାୟକ। ୨ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ବଳରେ ସେ ୪୪୦ ରନ କରିଛନ୍ତି। ଗୋବିନ୍ଦ ପୋଦ୍ଦାର ୪୧୯ରନ, ଶାନ୍ତନୁ ମିଶ୍ର ୩୩୯ରନ, ବିପ୍ଳବ ସାମନ୍ତରାୟ ୨୯୫ରନ, ଆଶୀର୍ବାଦ ସ୍ୱାଇଁ ୨୭୩ରନ, ଅନୁରାଗ ଷଡ଼ଙ୍ଗୀ ୨୧୦ରନ କରିଛନ୍ତି। ୨ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ରାଜେଶ ଧୂପର ୬୪ରନ କରିଥିବା ବେଳେ ସ୍ୱସ୍ତିକ ସାମଲ ଗୋଟିଏ ମ୍ୟାଚ୍‌ରୁ ୩୮ ରନ କରିଛନ୍ତି।

## ରାଜେଶଙ୍କ ଦମଦାର କମ୍‌ବ୍ୟାକ୍

ଆଘାତ ଜନିତ ସମସ୍ୟା ଯୋଗୁଁ ଗତ ରଣଜୀ ଟ୍ରଫିରେ ବାଦ ପଡ଼ିଥିବା ରାଜେଶ ମହାନ୍ତି ଏଥର ସମ୍ପୂର୍ଣ୍ଣ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାଜେଶଙ୍କର ଏକ ଅସ୍ତ୍ରୋପଚାର ମଧ୍ୟ ହୋଇଥିଲା। ତେବେ ପ୍ରତ୍ୟାବର୍ତ୍ତନରେ ରାଜେଶ ପ୍ରଭାବଶାଳୀ ବୋଲିଂ କରିଛନ୍ତି। ୬ଟି ମ୍ୟାଚ୍‌ରୁ ୩୧ଟି ୱିକେଟ ଦଖଲ କରି ସେ ଦଳ ନିମନ୍ତେ ସର୍ବାଧିକ ୱିକେଟ ଦଖଲକାରୀ ସାଜିଛନ୍ତି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ୨୩ଟି ୱିକେଟ ହାସଲ କରି ତାଙ୍କ ପଛକୁ ରହିଛନ୍ତି ସୁନୀଲ ରାଉଳ। ୪ଟି ମ୍ୟାଚ୍‌ରୁ ବିପ୍ଳବଙ୍କୁ ୧୪ଟି ୱିକେଟ ମିଳିଥିବା ବେଳେ ଅନ୍ୟ ବୋଲରମାନେ ଆଶାନୁରୂପ ସଫଳତା ପାଇନାହାନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି ମ୍ୟାଚ୍‌ରୁ ୪ଟି ୱିକେଟ, ଦେବବ୍ରତ ପ୍ରଧାନ ୪ଟି ମ୍ୟାଚ୍‌ରୁ ୯ଟି ୱିକେଟ, ଗୋବିନ୍ଦ ପୋଦ୍ଦାର ୭ଟି ମ୍ୟାଚ୍‌ରୁ ୯ଟି ୱିକେଟ, ପ୍ରୟାସ ସିଂହ ୩ଟି ମ୍ୟାଚ୍‌ରୁ ୪ଟି ୱିକେଟ, ଜୟନ୍ତ ବେହେରା ୨ଟି ମ୍ୟାଚ୍‌ରୁ ୪ଟି ୱିକେଟ ହାସଲ କରିଛନ୍ତି।

## ଅଳ୍ପ ସୁଯୋଗରେ ବିପ୍ଳବଙ୍କ ଚମକ

ବିପ୍ଳବ ସାମନ୍ତରାୟଙ୍କୁ ଚଳିତ ରଣଜୀ ଟ୍ରଫିରେ ସମସ୍ତ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନଥିଲା। ଏପରିକି ପ୍ରଥମ ତିନୋଟି ମ୍ୟାଚ୍‌ରେ ସେ ଦଳରେ ସ୍ଥାନ ପାଇ ନ ଥିଲେ। ମାତ୍ର ପରବର୍ତ୍ତୀ ୪ଟି ଯାକ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ବିପ୍ଳବ ନିଜ ଅଭିଜ୍ଞତାର ଛାପ ଛାଡିଛନ୍ତି। ଉଭୟ ବ୍ୟାଟିଂ ଓ ବୋଲିଂରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି ଏହି ୩୫ ବର୍ଷୀୟ ଅଲରାଉଣ୍ଡର। ଗୋଟିଏ ଲେଖାଏ ଶତକ ଏବଂ ଅର୍ଦ୍ଧଶତକୀୟ ପାଳି ବଳରେ ମଧ୍ୟକ୍ରମର ବ୍ୟାଟର ବିପ୍ଳବ ମୋଟ ୨୯୫ ରନ ସଂଗ୍ରହ କରିଥିବାବେଳେ ୧୪ଟି ୱିକେଟ ଅକ୍ତିଆର କରିଛନ୍ତି। ଏପରିକି ସମସ୍ତ ପ୍ରମୁଖ ବୋଲରଙ୍କ ଆଭରେଜକୁ ନଜର ପକାଇଲେ ବିପ୍ଳବଙ୍କ ପ୍ରଦର୍ଶନ ସର୍ବାଗ୍ରେ ରହିଛି।

# ଓଡ଼ିଶାର ରଣଜୀ ଅଭିଯାନ ଶେଷ

ଦିଲ୍ଲୀ ବିପକ୍ଷରେ ଲଜ୍ଜାଜନକ ପରାଜୟ

କଟକ,୧୯।୨(ସମିସ)

ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ନାଟକୀୟ ଢ଼ଙ୍ଗରେ ପରାଜୟବରଣ କରିବା ସହିତ ଓଡ଼ିଶା ଚଳିତ ରଣଜୀ ଟ୍ରଫିରେ ଅଭିଯାନ ଶେଷ କରିଛି। ଅମୀମାଂସିତ ଫଳାଫଳ ଅଭିମୁଖେ ଗତି କରୁଥିବା ଏହି ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ଘରୋଇ ଦିଲ୍ଲୀ ହାତକୁ ବିଜୟ ପଏଣ୍ଟ ଟେକି ଦେଇଥିଲା। ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ଉକ୍ତ ମ୍ୟାଚରେ ଘରୋଇ ଦିଲ୍ଲୀ ୭ ୱିକେଟରେ ବିଜୟ ଲାଭ କରିଛି। ତେବେ ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ୭ଟି ଲିଗ ମ୍ୟାଚରୁ ଗୋଟିଏ ବିଜୟ, ୪ଟି ପରାଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ସହାୟତାରେ ୧୨ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଡିର ୭ମ ସ୍ଥାନରେ ରହିଛି। ଓଡ଼ିଶାର ପ୍ରଥମ ଇନିଂସ ୪୪୦ ରନ ଜବାବରେ ଦିଲ୍ଲୀ ୪୫୧ ରନ ସଂଗ୍ରହ କରିଥିଲା। ୧୧ ରନ ପଛରେ ଥାଇ ସୋମବାର ମ୍ୟାଚ୍‌ର ଅନ୍ତିମ ତଥା ଦିବସରେ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା ଭ୍ରମଣକାରୀ ଓଡ଼ିଶା ଦଳ। ଦଳୀୟ ଖାତା ଖୋଲିବା ପୂର୍ବରୁ ଓଡ଼ିଶାର ୩ଟି ୱିକେଟ ପତନ ଘଟିଥିଲା। ସ୍ୱସ୍ତିକ ସାମଲ, ଅଧିନାୟକ ଶାନ୍ତନୁ ମିଶ୍ର ଏବଂ ସନ୍ଦୀପ ପଟ୍ଟନାୟକ ଶୂନରେ ପ୍ୟାଭିଲିୟନ ଫେରିଥିଲେ। ପରେ କ୍ରିଜକୁ ଆସିଥିବା ଶୁଭ୍ରାଂଶୁ ଶେଖର ସେନାପତି ମାତ୍ର ଗୋଟିଏ ଚୌକା ମାରି ଆଉଟ ହୋଇଥିଲେ। ଫଳରେ ୪ ରନରେ ଓଡ଼ିଶା ୪ଟି ୱିକେଟ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ସେସନରେ ଦଳ ଅଲଆଉଟ ହୋଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ମଧ୍ୟକ୍ରମର ବ୍ୟାଟର କିଛି ସମୟ ତିଷ୍ଠି ରହି ସତର୍କତାର ସହ ଖେଳ ଜାରି ରଖିଥିଲେ। ମାତ୍ର ଦିଲ୍ଲୀର ସ୍ପିନ୍ ବୋଲିଂ ଆଟାକ୍ ସମ୍ମୁଖରେ ଓଡ଼ିଶାର ବ୍ୟାଟରମାନେ ଫେଲ୍ ମାରିଥିଲେ। ଦଳ ୪୬ ଓଭର ଖେଳି ମାତ୍ର ୧୩୩ ରନରେ ଅଲଆଉଟ ହୋଇ ଦିଲ୍ଲୀ ସମ୍ମୁଖରେ ୧୨୩ ରନର ସହଜ ବିଜୟ ଲକ୍ଷ୍ୟ ରଖିଥିଲା। ଓଡ଼ିଶା ପକ୍ଷରୁ ଗୋବିନ୍ଦ ପୋଦ୍ଦାର ୧୭, ବିପ୍ଳବ ସାମନ୍ତରାୟ ୨୪, ଆଶୀର୍ବାଦ ସ୍ୱାଇଁ ୨୯, ରାଜେଶ ମହାନ୍ତି ୧୦, ଜାମଳା ଭଞ୍ଜନ ମହାପାତ୍ର ୨୫ ଏବଂ ହର୍ଷିତ ରାଥୋଡ ୧ରନରେ ଆଉଟ ହୋଇଥିଲେ। ସୁନୀଲ ରାଉଳ ୧୫ ରନରେ ଅପରାଜିତ ରହିଥିଲେ। ବାମହାତୀ ସ୍ପିନର ସୁମିତ ମାଥୁର ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଥିବାବେଳେ ପ୍ରାଂଶୁ ବିଜୟରନ, ହିମାଂଶୁ ଚୌହାନ ୨ଟି ଲେଖାଏ ଏବଂ ହିମତ ସିଂହ ଗୋଟିଏ ୱିକେଟ ଦଖଲ କରିଥିଲେ। ଜବାବରେ ଦିଲ୍ଲୀ ୨୦.୩ ଓଭରରେ ୩ ୱିକେଟ ହରାଇ ବିଜୟ ଲାଭ କରିଥିଲା। ଆୟୁଷ ବଦୋନୀ ଅପରାଜିତ ୪୦ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜାମଳାଙ୍କୁ ୨ଟି ଏବଂ ରାଜେଶଙ୍କୁ ଗୋଟିଏ ୱିକେଟ ମିଳିଥିଲା।


ସମସ୍ତପ୍ରକାର କ୍ରିକେଟରୁ ଅବସର ନେବାପରେ ମନୋଜ ତିୱାରୀଙ୍କୁ ସାଥୀ ବେଙ୍ଗଲ ଖେଳାଳିମାନେ କାନ୍ଧରେ ବସାଇ ପଡ଼ିଆ ଚାରିକଡେ ବୁଲାଉଛନ୍ତି।



ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ

# କିଟ୍ ଦଳ ଚାମ୍ପିଅନ

**ଭୁବନେଶ୍ୱର,୧୯।୨(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଶେଷ ହୋଇଥିବା ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ କିଟ୍ ବାଜି ମାରିଛି। କିଟ ବିଶ୍ୱବିଦ୍ୟାଳୟ ଓଭରଅଲ ଚାମ୍ପିଅନ ହୋଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ୍ ୩୭ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା ବିଭାଗରେ କିଟର ସବିତା ଟୋପ୍ପୋ ୧୦୦ମି ଦୌଡ଼ରେ, ପ୍ରଜ୍ଞାପ୍ରଶାନ୍ତି ସାହୁ ୧୦୦ମି ବାଧା ଦୌଡ଼ ଓ ୨୦୦ମି ଦୌଡ଼ରେ, ସୁସ୍ମିତା ଟିଗା ୮୦୦ମି ଓ ୧୫୦୦ମି ରେସ୍‌ରେ, ଦୀପା କିସାନ ହାଇଜମ୍ପରେ, ପି. ଅର୍ପିତା ଅର୍ଚ୍ଚନା ସାହୁ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ସେହିପରି ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ପ୍ରଜ୍ଞା, ଶତାକ୍ଷୀ ରାୟ, ସବିତା ଟୋପ୍ପୋ ଓ ଜମୁନା ଟୁଡୁଙ୍କୁ ନେଇ ଗଠିତ କିଟ୍ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପି. ଅର୍ପିତା ଅର୍ଚ୍ଚନା ସାହୁ ସଟ୍‌ପୁଟ୍‌ରେ, ମୈତ୍ରେଇ ପାରୁଲେକର ଡିସ୍‌କସ ଥ୍ରୋ'ରେ ଓ ଜମୁନା ଟୁଡୁ ଲଙ୍ଗଜମ୍ପରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ପ୍ରତିଯୋଗିତାରେ ଲାଲୁ ପ୍ରସାଦ ଭୋଇ, ମହେନ୍ଦ୍ର ସାନ୍ତା, ଦଣ୍ଡପତି ମୃତ୍ୟମ ଜୟରାମ ଓ ଚୀରଞ୍ଜିବୀ ମହାକୁଡଙ୍କୁ ନେଇ ଗଠିତ କିଟ୍ ଦଳ ୪ ଗୁଣା ୧୦୦ମି ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଲାଲୁ ପ୍ରସାଦ ଭୋଇ ୧୦୦ମି ରେସ ଓ ଲଙ୍ଗଜମ୍ପରେ ରୌପ୍ୟ, ପଞ୍ଚୁ ମାଝି ହାଇଜମ୍ପରେ କାଂସ୍ୟ ଓ ମହେନ୍ଦ୍ର ସାନ୍ତା ୨୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥିରୂପେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଆଥଲେଟ ଦୂତୀ ଚାନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟ ଉପ- କୁଳପତି ସବିତା ଆଚାର୍ଯ୍ୟ ଓ ରେଜିଷ୍ଟ୍ରାର କାହ୍ନୁଚରଣ ଧୀର ଉପସ୍ଥିତ ଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚାମ୍ପିଅନ ଦଳର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସର୍ଫରାଜଙ୍କ ପିତାଙ୍କୁ 'ଥର୍ ଏସ୍‌ୟୁଭି' ଦେବାକୁ ଆନନ୍ଦ ମହିନ୍ଦ୍ରାଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ,୧୯।୨(ଏଜେନ୍ସି):** ରାଜକୋଟ ଟେଷ୍ଟରେ ପଦାର୍ପଣ କରି ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରି ବିରଳ ସଫଳତା ଅର୍ଜନ କରିଥିବା ଯୁବ ବ୍ୟାଟର ସର୍ଫରାଜ ଖାନଙ୍କ ପିତା ନୌସାଦଙ୍କୁ ଏବେ ବଡ଼ ଉପହାର ଦେବାକୁ ପ୍ରସ୍ତାବ ମିଳିଛି। ମହିନ୍ଦ୍ର ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ନୌସାଦଙ୍କୁ ଏକ ଥର ଏସ୍‌ୟୁଭି ଦେବାକୁ ପ୍ରସ୍ତାବ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ଭିଡିଓ ଉପରେ ମନ୍ତବ୍ୟ ଦେଇ ସେ ନୌସାଦଙ୍କୁ ପ୍ରଶଂସା କରିଛନ୍ତି। ସର୍ଫରାଜଙ୍କୁ କଠିନ ପରିଶ୍ରମ, ସାହାସ, ଧୈର୍ଯ୍ୟ ପାଇଁ ନୌସାଦ ପ୍ରେରଣା ଦେଇ ଆସିଛନ୍ତି। ସର୍ଫରାଜଙ୍କ କ୍ୟାରିୟରକୁ ଗଢି ତୋଳିବାରେ ନୌସାଦଙ୍କ ଭୂମିକା ପ୍ରଶଂନୀୟ। ତେଣୁ ତାଙ୍କୁ ଏକ ଥର ଏସୟୁଭି ଉପହାର ଦେବାକୁ ଚାହୁଁଛି ଓ ସେ ଏହାକୁ ସ୍ୱୀକାର କରନ୍ତୁ ବୋଲି ଆନନ୍ଦ ଉଲ୍ଲେଖ କରିଛନ୍ତି। ସର୍ଫରାଜ ଚତୁର୍ଥ ବ୍ୟାଟର ଭାବେ ପଦାର୍ପଣ ଟେଷ୍ଟର ଉଭୟ ପାଳିରେ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଆନନ୍ଦ ପୂର୍ବରୁ ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଟି ନଟରାଜନଙ୍କ ଭଳି କ୍ରିକେଟରଙ୍କୁ ଥର ଏସ୍‌ୟୁଭି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି।

# ଭାଲିଆବାଡ଼ିକୁ ହରାଇଲା ତମାଣ୍ଡୋ



**ଭୁବନେଶ୍ୱର, ୧୯।୨ (ସମିସ):** ଏଠାରେ ଚାଲିଥିବା ହୁସିନାର ନିଲୋଫର୍ କପ୍‌ରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ତମାଣ୍ଡୋ ବିଜୟୀ ହୋଇଛି। ଏହି ମ୍ୟାଚରେ ତମାଣ୍ଡୋ ୪ ୱିକେଟ୍‌ରେ ଭାଲିଆବାଡ଼ିକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାଲିଆବାଡ଼ି ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୬ ରନ କରିଥିଲା। ଦଳ ପକ୍ଷରୁ କୁଲଦୀପ ପାଇକରାୟ ୩ଟି ୱିକେଟ୍ ନେଇଥିଲେ। ପ୍ରତିପକ୍ଷ ତମାଣ୍ଡୋର ଆଲୋକ ଚନ୍ଦ୍ର ସାହୁଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ତମାଣ୍ଡୋ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସୋହେଲ ବାଜ ୩୮, ରୀତେଶ ମହାନ୍ତି ୨୬ ରନ କରିଥିଲେ। ସୟଦ ଅଲ୍ଲୀ ଓ ଅଜୟ ନାୟକ ମ୍ୟାଚ୍ ପରିଚାଳନା ଓ ସ୍କୋରିଂରେ ରାଜେନ୍ଦ୍ର ବେହେରା ସହାୟତା କରିଥିଲେ।

# ଭାରତର ସର୍ବବୃହତ୍ ୫ ଟେଷ୍ଟ ବିଜୟ

ରାଜକୋଟ୍‌ରେ ରବିବାର ଶେଷ ହୋଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ଚତୁର୍ଥ ଦିନରେ ଭ୍ରମଣକାରୀ ଇଂଲଣ୍ଡକୁ ବୃହତ୍ ୪୩୪ ରନରେ ପରାସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଛି। ବିରାଟ କୋହଲି, ମହମ୍ମଦ ସାମି, ଲୋକେଶ ରାହୁଲ, ଋଷଭ ପନ୍ତଙ୍କ ଭଳି ତାରକାଙ୍କ ଅନୁପସ୍ଥିତିରେ ଭାରତ ପାଇଁ ଏହି ବିଜୟ ବେଶ୍ ଗୁରୁତ୍ୱ ବହନ କରୁଛି। ରନ ଦୃଷ୍ଟିକୋଣରୁ ଟେଷ୍ଟ ଇତିହାସରେ ଭାରତ ପାଇଁ ଏହା ସର୍ବବୃହତ୍ ବିଜୟ ସାବ୍ୟସ୍ତ ହୋଇଛି। ଟେଷ୍ଟ ଇତିହାସରେ ରନ ବ୍ୟବଧାନକୁ ଦୃଷ୍ଟିରେ ରଖି ଭାରତର ଏଭଳି ସର୍ବ ବୃହତ୍ ୫ଟି ବିଜୟ ନେଇ ଆଲୋଚାନ କରିବା।

### ୧. ୪୩୪ ବନାମ ଇଂଲଣ୍ଡ (୨୦୨୪)

ଏହି ବିଜୟରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜାଡେଜା ପ୍ରଥମ ପାଳିରେ ୧୧୨ ରନର ଶତକୀୟ ପାଳି ଖେଳିବା ସହ ୨ ୱିକେଟ ନେଇଥିଲେ। ସେହିପରି ସେ ଦ୍ୱିତୀୟ ପାଳିରେ ୫ ୱିକେଟ ହାସଲ କରି ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସେହିପରି ଜୟସ୍ୱାଲ ପ୍ରଥମ ପାଳିରେ ୧୦ ଓ ଦ୍ୱିତୀୟ ପାଳିରେ ଅପରାଜିତ ୨୧୪ ରନର ରେକର୍ଡ ଦ୍ୱିଶତକୀୟ ପାଳି ଖେଳିଥିଲେ।


ଯଶସ୍ୱୀ ଜୟସ୍ୱାଲ

### ୨. ୩୭୨ ବନାମ ନ୍ୟୁଜିଲାଣ୍ଡ (୨୦୨୧)

୨୦୨୧ ଡିସେମ୍ବର ୩ରୁ ୬ ତାରିଖ ମଧ୍ୟରେ ମୁମ୍ବଇରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ୩୭୨ ରନରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ହରାଇଥିଲା। ଏହା ଭାରତ ପାଇଁ ଦ୍ୱିତୀୟ ସର୍ବବୃହତ୍ ବିଜୟ ସାବ୍ୟସ୍ତ ହୋଇଥିଲା। ଭାରତ ପ୍ରଥମ ପାଳିରେ ୩୨୫ ଓ ନ୍ୟୁଜିଲାଣ୍ଡ ୬୨ ରନରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ପାଳିରେ ଭାରତ ୨୭୬/୭ରେ ପାଳି ଘୋଷଣା କରିଥିଲା। ଫଳରେ ୫୪୦ ରନର ଟାର୍ଗେଟକୁ ପିଛା କରି ନ୍ୟୁଜିଲାଣ୍ଡ ୫୬.୩ ଓଭରରେ ୧୬୭ ରନକରି ଅଲଆଉଟ ହୋଇଥିଲା। ପ୍ରଥମ ପାଳିରେ ୧୫୦ ଓ ଦ୍ୱିତୀୟ ପାଳିରେ ୬୨ ରନକରି ମୟଙ୍କ ଅଗ୍ରୱାଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ୩. ୩୩୭ ବନାମ ଦକ୍ଷିଣ ଆଫ୍ରିକା (୨୦୧୫)

୨୦୧୫ ଡିସେମ୍ବର ୩ରୁ ୭ ମଧ୍ୟରେ ଦିଲ୍ଲୀରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ୩୩୭ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ହରାଇ ତୃତୀୟ ସର୍ବବୃହତ୍ ବିଜୟ ହାସଲ କରିଥିଲା। ପ୍ରଥମ ପାଳିରେ ଭାରତ ୩୩୪ ଓ ଦକ୍ଷିଣ ଆଫ୍ରିକା ୧୨୧ ରନକରି ଅଲଆଉଟ ହୋଇଥିଲା। ଭାରତ ଦ୍ୱିତୀୟ ପାଳିରେ ୨୬୭/୫ରେ ପାଳି ଘୋଷଣା କରିଥିଲା। ୪୮୧ ରନର ଟାର୍ଗେଟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୪୩ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ପ୍ରଥମ ପାଳିରେ ୧୨୭ ଓ ଦ୍ୱିତୀୟ ପାଳିରେ ଅପରାଜିତ ୧୦୦ ରନର ଶତକୀୟ ପାଳି ଖେଳିଥିବା ଆଜିଙ୍କ୍ୟ ରାହାଣେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ୪.୩୨୧ ବନାମ ନ୍ୟୁଜିଲାଣ୍ଡ (୨୦୧୬)

୨୦୧୬ ଅକ୍ଟୋବର ୮ରୁ ୧୧ ମଧ୍ୟରେ ଇନ୍ଦୋରରେ ୨୦୦୮ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଭାରତ ୩୨୧ ରନରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ହରାଇ ଚତୁର୍ଥ ସର୍ବବୃହତ୍ ବିଜୟ ହାସଲ କରିଥିଲା। ପ୍ରଥମ ପାଳିରେ ଭାରତ ୫୫୭/୫ରେ ପାଳି ଘୋଷଣା କରିଥିଲା। ନ୍ୟୁଜିଲାଣ୍ଡ ୨୯୯ ରନରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ପାଳିରେ ଭାରତ ୨୧୬/୩ରେ ପାଳି ଘୋଷଣା କରିଥିଲା। ଫଳରେ ୪୭୫ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୪୪.୫ ଓଭରରେ ୧୫୩ ରନରେ ଅଲଆଉଟ ହୋଇଥିଲା। ପ୍ରଥମ ପାଳିରେ ୬ ଓ ଦ୍ୱିତୀୟରେ ୭ ୱିକେଟ ନେଇଥିବା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ୫. ୩୨୦ ବନାମ ଅଷ୍ଟ୍ରେଲିଆ (୨୦୦୮)

୨୦୦୮ ଅକ୍ଟୋବର ୧୭ରୁ ୨୧ରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ୩୨୦ ରନରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ହରାଇ ୫ମ ସର୍ବବୃହତ୍ ବିଜୟ ହାସଲ କରିଥିଲା। ଭାରତ ପ୍ରଥମ ପାଳିରେ ୪୬୯ ଓ ଅଷ୍ଟ୍ରେଲିଆ ୨୬୮ ରନ କରି ଅଲଆଉଟ ହୋଇଥିଲା। ଦ୍ୱିତୀୟ ପାଳିରେ ଭାରତ ୩୧୪/୩ରେ ପାଳି ଘୋଷଣା କରିଥିଲା। ଫଳରେ ୫୧୬ ରନ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ୧୯୫ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନି ୯୨ ଓ ଅପରାଜିତ ୬୮ ରନକରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।


ରବୀନ୍ଦ୍ର ଜାଡେଜା

# ସ୍ପେନ୍‌କୁ ଭାରତର ସୁଟ୍‌ଆଉଟ୍



**ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍**

ରାଉରକେଲା/ ଭୁବନେଶ୍ୱର,୧୯ ।୨(ସମିସ)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ସୋମବାର ଭାରତୀୟ ପୁରୁଷ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି । ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚକ ମୁକାବିଲାରେ ଭାରତ ସୁଟ୍‌ଆଉଟ୍‌ରେ ଶକ୍ତିଶାଳୀ ସ୍ପେନ୍‌କୁ ପରାସ୍ତ କରିଛି । ରାଉରକେଲା ଲେଗ୍‌ରେ ଭାରତ ତା'ର ଏହି ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲା । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା । ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା । ଏଥିରେ ଭାରତ ୮-୭ ବ୍ୟବଧାନରେ ବିଜୟୀ ହୋଇଛି । ସାରା ମ୍ୟାଚ୍‌ରେ ଅଭିଜ୍ଞ ଗୋଲରକ୍ଷକ ପିଆର ଶ୍ରୀଜେସ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତ ଏଥିସହ ୫ଟି ମ୍ୟାଚ୍ ଖେଳି ୨ ବିଜୟ, ୨ ଡ୍ର, ଗୋଟିଏ ପରାଜୟ ଓ ୨ ସୁଟ୍ ଆଉଟ ବୋନସ ସହ ୧୦ ଅଙ୍କ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି । ଅନ୍ୟପଟେ ସ୍ପେନ୍ ୫ ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର, ୩ ପରାଜୟ ସହ ୪ ଅଙ୍କ ହାସଲ କରି ସପ୍ତମ ସ୍ଥାନରେ ରହିଛି ।

## ଶ୍ରୀଜେସଙ୍କ ଦମ୍‌ଦାର ପ୍ରଦର୍ଶନ

ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଜରମନପ୍ରୀତ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ । ଏହାପରେ ସ୍ପେନର ଜୋସ ବାସ୍ତେରା ତୃତୀୟ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଓ ୧୫ତମ ମିନିଟ୍‌ରେ ଲକାଲେ ବୋର୍ଜା ଫିଲ୍ଡ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ । କିନ୍ତୁ ୩୫ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଭାରତର ଅଭିଷେକ ଗୋଲ ଦେଇ ମ୍ୟାଚ୍ ୨-୨ ବରାବର ସ୍ଥିତିକୁ ଆଣିଥିଲେ । ସୁଟ୍‌ଆଉଟ୍‌ରେ ମଧ୍ୟ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା । କିନ୍ତୁ ଶ୍ରୀଜେସ କୌଶଳ ଆଗରେ ସ୍ପେନ୍ ଶେଷରେ ହାରିମାନିଥିଲା । ୨୧ ତାରିଖରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ନେଦରଲାଣ୍ଡସକୁ ଭେଟିବ ।

## ନେଦରଲାଣ୍ଡସ ବିଜୟୀ

ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ବିଶ୍ୱର ୧ ନଂ ଦଳ ନେଦରଲାଣ୍ଡସ ୨-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି । ନେଦରଲାଣ୍ଡସ ତରଫରୁ ଜିପ୍ ଜାନସେନ୍ ୧୫ ଓ ୨୩ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦୁଇଟି ଗୋଲ ଦେଇଥିଲେ । ଅନ୍ୟପଟେ ଆୟର୍ଲାଣ୍ଡ ତରଫରୁ ମାଥ୍ୟୁ ନେଲସନ ଦ୍ୱାଦଶ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ । ନେଦରଲାଣ୍ଡସ ଏଥିସହ ୯ ମ୍ୟାଚ୍ ଖେଳି ୫ ବିଜୟ, ୨ ଡ୍ର, ୨ ପରାଜୟ ଓ ଗୋଟିଏ ସୁଟ୍‌ଆଉଟ ବୋନୋସ ସହ ୧୮ ଅଙ୍କ ହାସଲ କରି ଶୀର୍ଷରେ ରହିଛି । ଅନ୍ୟପଟେ ଆୟର୍ଲାଣ୍ଡ ୫ ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ଖାତା ଖୋଲି ନପାରି ୯ମ ତଥା ଶେଷ ସ୍ଥାନରେ ରହିଛି ।

# ଚତୁର୍ଥ ଟେଷ୍ଟ: ବୁମ୍‌ରାଙ୍କୁ ବିଶ୍ରାମ, ରାହୁଲ ଫେରିବେ!

ରାଞ୍ଚି,୧୯ ।୨(ଏଜେନ୍ସି)



ଇଂଲଣ୍ଡ ବିପକ୍ଷ ରାଜକୋଟ ଟେଷ୍ଟରେ ୪୩୪ ରନରେ ବିଜୟୀ ହୋଇ ଘରୋଇ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଛି । ଏବେ ରାଞ୍ଚିର ଝାଡଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏସନ (ଜେଏସ୍‌ସିଏ) ଅନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୩ରୁ ୨୭ ତାରିଖ ମଧ୍ୟରେ ଆୟୋଜନ ହେବ । ଏହି ଟେଷ୍ଟ ଜିତିଲେ ଭାରତ ୩-୧ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବ । ଅନ୍ୟପଟେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଏହି ମ୍ୟାଚ୍ ଜିତି ସିରିଜକୁ ୨-୨ ବରାବର ସ୍ଥିତିକୁ ଆଣିବାକୁ ପ୍ରୟାସ କରିବ । ତେଣୁ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି । ଏହି ମ୍ୟାଚ୍‌ରେ ଅଭିଜ୍ଞ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦେବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ଇନ୍‌ଫର୍ମ ମଧ୍ୟକ୍ରମ ବ୍ୟାଟର ଲୋକେଶ ରାହୁଲ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ଯଥେଷ୍ଟ ସମ୍ଭାବନା ରହିଛି ।

ବୁମ୍‌ରା ଚଳିତ ସିରିଜରେ ଏପର୍ଯ୍ୟନ୍ତ ସର୍ବାଧିକ ୧୭ଟି ୱିକେଟ ନେଇଛନ୍ତି ଓ ସେ ନିଜର ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତକୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବିଜୟୀ କରାଇଥିଲେ । ଅତ୍ୟଧିକ କ୍ରିକେଟ ତଥା କାର୍ଯ୍ୟଭାର କାରଣରୁ ୩୦ ବର୍ଷୀୟ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ ବୋଲି କୁହାଯାଇଛି । ୩ଟି ମ୍ୟାଚ୍‌ରେ ସେ ଏପର୍ଯ୍ୟନ୍ତ ୮୦.୫ ଓଭର ବୋଲିଂ କରିସାରିଛନ୍ତି । ତାଙ୍କୁ ବିଶ୍ରାମ ଦିଆଯିବାର ଆବଶ୍ୟକତା ରହିଛି ବୋଲି ଚୟନକର୍ତ୍ତାମାନେ ବିଚାର କରୁଛନ୍ତି । ତାଙ୍କ ସ୍ଥାନରେ ମୁକେଶ କୁମାର ପୁଣି ଥରେ ଖେଳିବାର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି । ବୁମ୍‌ରାଙ୍କ ଅନୁପସ୍ଥିତିରେ ମହମ୍ମଦ ସିରାଜ ଦ୍ରୁତ ବୋଲିଂର ନେତୃତ୍ୱ ନେବେ । ଆଘାତ ସମସ୍ୟା କାରଣରୁ ରାହୁଲ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରୁ ବାଦ୍ ପଡିଥିଲେ । ଏବେ ସେ ୯୦ ପ୍ରତିଶତ୍ ଫିଟ୍ ଅଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ । ସେ ମ୍ୟାଚ୍ ଫିଟ୍‌ନେସ ହାସଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି ଓ ରାଞ୍ଚି ଟେଷ୍ଟ ପାଇଁ ଉପଲବ୍ଧ ହେବାର ଯଥେଷ୍ଟ ସମ୍ଭାବନା ରହିଛି କୁହାଯାଇଛି । ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ହୁଅନ୍ତି ତେବେ ତାଙ୍କୁ ରଜତ ପଟିଦାରଙ୍କ ସ୍ଥାନରେ ଦଳରେ ସାମିଲ କରାଯିବ । ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ରାହୁଲ ପ୍ରଥମ ପାଳିରେ ୮୬ ଓ ଦ୍ୱିତୀୟରେ ୨୨ ରନ କରି ଆଉଟ ହୋଇଥିଲେ । ଭାରତ ଏହି ମ୍ୟାଚ୍‌ରେ ମାତ୍ର ୨୮ ରନରେ ପରାସ୍ତ ହୋଇଥିଲା ।





# ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉଦ୍‌ଘାଟିତ

**ଗୌହାଟୀ,୧୯ ।୨(ଏଜେନ୍ସି):** ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଚତୁର୍ଥ ସଂସ୍କରଣ ସୋମବାର ଉତ୍ତରପୂର୍ବ ରାଜ୍ୟ ଆସାମ ରାଜଧାନୀ ଗୌହାଟିରେ ଉଦ୍‌ଘାଟିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନରେନ୍ଦ୍ର ମୋଦି ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିମାନଙ୍କୁ ସ୍ୱତନ୍ତ୍ର ବାର୍ତ୍ତା ଦେଇ ଉତ୍ସାହିତ କରିଛନ୍ତି । ଦେଶର ୨୦୦ଟି ବିଶ୍ୱ ବିଦ୍ୟାଳୟର ମୋଟ୍ ୪,୫୦୦ ଆଥଲେଟ ୨୦ଟି କ୍ରୀଡ଼ାରେ ଅଂଶଗ୍ରହଣ କରି ନିଜର ଦକ୍ଷତା ଓ ପ୍ରତିଭା ପ୍ରମାଣିତ କରିବାର ସୁଯୋଗ ପାଇବେ । ପ୍ରଥମଥର ପାଇଁ ଉତ୍ତରପୂର୍ବାଞ୍ଚଳରେ ଏହି କ୍ରୀଡ଼ା ଆୟୋଜିତ ହେଉଥିବା ବେଳେ ଅରୁଣାଚଳ ପ୍ରଦେଶରେ ଭାରୋତ୍ତୋଳନ, ତ୍ରିପୁରାରେ ତୀରନ୍ଦାଜୀ, ମିଜୋରାମରେ ଫୁଟବଲ, ସିକ୍କିମରେ ପୁରୁଷ ମୃଷ୍ଟିଯୁଦ୍ଧ, ନାଗାଲାଣ୍ଡରେ କୁସ୍ତିଯୁଦ୍ଧ ଓ ତ୍ରିପୁରାରେ ଯୋଗାସନ ଭଳି ଇଭେଣ୍ଟ ଆୟୋଜିତ ହେବ ।

# ରୋଟରଡାମ୍ ଓପନ୍: ସିନ୍ନର ଚାମ୍ପିଅନ

**ରୋଟରଡାମ,୧୯ ।୨(ଏଜେନ୍ସି):** ଇଟାଲୀର ଜାନିକ ସିନ୍ନର ଏଠାରେ ଖେଳାଯାଉଥିବା ରୋଟରଡାମ ଓପନ୍ ଏଟିପି ଟେନିସ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି । ଏକକ ଫାଇନାଲରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ସିନ୍ନର ୭-୫, ୬-୪ ସିଧାସଳଖ ସେଟ୍‌ରେ ୫ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରି ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛନ୍ତି । ଏଥିସହ ସିନ୍ନର କ୍ରମାଗତ ୧୫ତମ ବିଜୟ ହାସଲ କରିଛନ୍ତି । ଗତ ଜାନୁଆରୀରେ ସିନର ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍‌ରେ ଟାଇଟଲ ହାସଲ କରିଥିଲେ । ଏଥିସହ ସେ ବିଶ୍ୱ ର୍‍ୟାଙ୍କିଂର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୨୨ ବର୍ଷୀୟ ସିନ୍ନର ଏଥିସହ କ୍ୟାରିୟରର ଦ୍ୱାଦଶ ଟାଇଟଲ ଜିତିଛନ୍ତି ।

● ସିକେ ନାଇଡୁ ଟ୍ରଫି

# ନୂଆ ରେକର୍ଡ; ବାଦଲଙ୍କୁ ୯ ୱିକେଟ



**ବଲାଙ୍ଗିର/କଟକ,୧୯।୨(ସମିସ):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିରେ ଓଡ଼ିଶାର ବାଦଲ ବିଶ୍ୱାଳ ଏକ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ବୟସବର୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଖେଳାଳିଭାବେ ସ୍ପିନର ବାଦଲ ଗୋଟିଏ ପାଳିରେ ୯ଟି ୱିକେଟ ଦଖଲ କରିଛନ୍ତି । ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ପଞ୍ଜାବ ବିପକ୍ଷ ମ୍ୟାଚରେ ବାଦଲଙ୍କୁ ଏହି ସଫଳତା ମିଳିଛି । ତେବେ ଓଡ଼ିଶାର ପ୍ରଥମ ଇନିଂସ ୧୦୫ ରନରେ ସୀମିତ ରହିବା ପରେ ପଞ୍ଜାବ ପ୍ରଥମ ଇନିଂସରେ ସମସ୍ତ ୱିକେଟ ହରାଇ ୩୮୨ ରନ କରିଛି । ପୁଖରାଜ ମନ ସର୍ବାଧିକ ୧୬୯ ରନ କରିଛନ୍ତି । ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା କୌଣସି ୱିକେଟ ନହରାଇ ୧୧ରନ କରିଛି ।

● ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା

# କ୍ରମାଗତ ୩ୟଥର ଭାଗନେବେ ରଞ୍ଜିତା

**ଭୁବନେଶ୍ୱର, ୧୯ ।୨ (ସମିସ):** ଜାମ୍ମୁ-କାଶ୍ମୀରର ଗୁଲମର୍ଗଠାରେ ଫେବୃଆରୀ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ୪ର୍ଥ ସଂସ୍କରଣ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାର ଓଡ଼ିଶାର ରଞ୍ଜିତା ବେହେରା ଅଂଶଗ୍ରହଣ କରିବେ । ସେ ସ୍କିଂ ଇଭେଣ୍ଟର ଆଲ୍‌ପାଇନ ଇଭେଣ୍ଟରେ ଭାଗନେବେ । ରଞ୍ଜିତା କ୍ରମାଗତ ୩ୟଥର ଲାଗି ଏହି ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି । ଯେଉଁଥି ପାଇଁ ରାଜ୍ୟ କ୍ରୀଡ଼ାଜଗତରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।



# ଅଟ୍‌କିନ୍‌ସନଙ୍କ ବଦଳରେ ଚାମିରା

**ଆଇପିଏଲ୍-୧୭**

**ନୂଆଦିଲ୍ଲୀ,୧୯ ।୨(ଏଜେନ୍ସି):** ୨୬ ବର୍ଷୀୟ ଇଂଲଣ୍ଡ ଦ୍ରୁତ ବୋଲର ଗସ ଅଟକିନସନ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ସଂସ୍କରଣରୁ ଓହରିଯାଇଛନ୍ତି । ଫଳରେ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ଜରବଦସ୍ତ ଝଟ୍‌କା ଲାଗିଛି । ତାଙ୍କ ସ୍ଥାନରେ ଶ୍ରୀଲଙ୍କା ଦ୍ରୁତ ବୋଲର ଦୁଷ୍ମନ୍ତ ଚାମିରାଙ୍କୁ କୋଲକାତା ଦଳରେ ସାମିଲ କରାଯାଇଛି । ଅଟକିନସନଙ୍କୁ ଏକ କୋଟି ଟଙ୍କା ବିନିୟମୟରେ ଦଳରେ ସାମିଲ କରାଯାଇଥିଲା । ଚାମିରା କିନ୍ତୁ ଅନସୋଲ୍ଡ ରହିଥିଲେ । କୋଲକାତା ଚାମିରାଙ୍କୁ ୫୦ ଲକ୍ଷ ଟଙ୍କା ବିନିମୟରେ ଦଳରେ ସାମିଲ କରିଛି । ୩୨ ବର୍ଷିୟ ଚାମିରା ପୂର୍ବରୁ ରାଜସ୍ଥାନ ରୟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି । ଘଣ୍ଟାପ୍ରତି ୧୪୦ କିମି ବେଗରେ ବୋଲିଂ କରୁଥିବା ଚାମିରା ଶ୍ରୀଲଙ୍କା ପାଇଁ ଏପର୍ଯ୍ୟନ୍ତ ୧୨ ଟେଷ୍ଟ, ୫୨ ଦିନିକିଆ ଓ ୫୫ଟି ଟି-୨୦ ମ୍ୟାଚ୍ ଖେଳି ବେଶ୍ ସଫଳତା ଅର୍ଜନ କରିଛନ୍ତି । ସେ ମଧ୍ୟ ୧୨ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି ।

# ୧୦୦ତମ ଟେଷ୍ଟ ଖେଳିବେ ୱିଲିୟମସନ, ସାଉଦି

**ୱେଲିଂଟନ,୧୯ ।୨(ଏଜେନ୍ସି):** ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ରବିବାର ନ୍ୟୁଜିଲାଣ୍ଡ ଏକ ୧୪ ଜଣିଆ ଦଳ ଘୋଷଣା କରିଛି । ଏହି ସିରିଜରେ ଇନ୍‌ଫର୍ମ ତଥା ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ ଓ ଅଧିନାୟକ ଟିମ୍ ସାଉଦି କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ । ୱେଲିଂଟନ୍‌ରେ ଆସନ୍ତା ୨୯ ତାରିଖରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ ମାର୍ଚ୍ଚ ୮ରୁ ଆରମ୍ଭ ହେବ । ଆସନ୍ତା ୨୧ ତାରିଖରୁ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ । ଟେଷ୍ଟ ସିରିଜ ପୂର୍ବରୁ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ । ଏହି ସିରିଜ ପାଇଁ ମିଚେଲ ସାଣ୍ଟନରଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରିଛି ।

● ରଣଜୀ ଟ୍ରଫି କ୍ୱାର୍ଟର ଲଢ଼େଇ

# ୭ ବର୍ଷ ପରେ ତାମିଲନାଡୁର ଯୋଗ୍ୟତା

**ନୂଆଦିଲ୍ଲୀ, ୧୯ ।୨ (ଏଜେନ୍ସି):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି । ବିଦର୍ଭ-କର୍ଣ୍ଣାଟକ, ମଧ୍ୟପ୍ରଦେଶ-ଆନ୍ଧ୍ର ପ୍ରଦେଶ, ମୁମ୍ବଇ-ବରୋଦା ଓ ତାମିଲନାଡୁ-ସୌରାଷ୍ଟ୍ର ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳିବେ । ୨୩ ତାରିଖରୁ ଏହି ଗୁରୁତ୍ୱପୂର୍ଣ୍ଣ ୪ଟି ଯାକ ମ୍ୟାଚ୍ ଆରମ୍ଭ ହେବ । ଏଲିଟ୍ ଗ୍ରୁପ୍-ଏ'ରୁ ବିଦର୍ଭ (୩୩ ପଏଣ୍ଟ) ଓ ସୌରାଷ୍ଟ୍ର (୨୮), ଗ୍ରୁପ୍-ବି'ରୁ ମୁମ୍ବଇ (୩୭) ଓ ଆନ୍ଧ୍ର ପ୍ରଦେଶ (୨୬), ଗ୍ରୁପ୍-ସି'ରୁ ତାମିଲନାଡୁ (୨୮) ଓ କର୍ଣ୍ଣାଟକ (୨୭) ଏବଂ ଗ୍ରୁପ୍-ଡି'ରୁ ମଧ୍ୟ ପ୍ରଦେଶ (୩୨) ଓ ବରୋଦା (୨୬) ନିଜ ନିଜ ଗ୍ରୁପ୍‌ର ପ୍ରଥମ ଦୁଇ ସ୍ଥାନରେ ରହି କ୍ୱାର୍ଟରରେ ପହଞ୍ଚିଛନ୍ତି । ୭ ବର୍ଷ ପରେ ତାମିଲନାଡୁ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିଛି ।

**କ୍ୱାର୍ଟର ଫାଇନାଲ ଲାଇନଅପ୍**

- ପ୍ରଥମ: ବିଦର୍ଭ ବନାମ କର୍ଣ୍ଣାଟକ
- ଦ୍ୱିତୀୟ: ମଧ୍ୟ ପ୍ରଦେଶ ବନାମ ଆନ୍ଧ୍ର ପ୍ରଦେଶ
- ତୃତୀୟ: ମୁମ୍ବଇ ବନାମ ବରୋଦା
- ଚତୁର୍ଥ: ତାମିଲନାଡୁ ବନାମ ସୌରାଷ୍ଟ୍ର



ଏଥର ପ୍ଲେଟ୍ ପର୍ଯ୍ୟାୟର ଦୁଇ ଶ୍ରେଷ୍ଠ ଦଳ ହାଇଦରାବାଦ୍ ଓ ମେଘାଳୟ ଆଗାମୀ ସିଜନରେ ଏଲିଟ୍ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେହିଭଳି ଏଲଟି ପର୍ଯ୍ୟାୟର ୪ଟି ଗ୍ରୁପ୍‌ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମଣିପୁର ଓ ଗୋଆ ପ୍ଲେଟ୍ ପର୍ଯ୍ୟାୟକୁ ଖସି ଯାଇଛନ୍ତି ।

ଦ୍ୱାଦଶାହ ପୁଣ୍ୟାବକାଶରେ
ଭାବପୂର୍ଣ୍ଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଶ୍ରୀମତି ଭି. ସୁଜ୍ଞାନ କୁମାରୀ ଦେଓ
ରାଣୀ ସାହେବା, ଖଲ୍ଲିକୋଟ
ଆବିର୍ଭାବ: ୦୫.୦୮.୧୯୩୭ , ତିରୋଧାନ: ୧୦.୦୨.୨୦୨୪

ଓଡ଼ିଶାର ଜନପ୍ରିୟ ରାଜନେତ୍ରୀ, କୀର୍ତ୍ତିମାନ୍ ରାଷ୍ଟ୍ର ନିର୍ମାତ୍ରୀ, ସଚ୍ଚୋଟତା, ନିର୍ଭୀକତା ଓ ନିରପେକ୍ଷତାର ସମର୍ପିତ ସ୍ୱାଭିମାନୀ ବ୍ୟକ୍ତିସତ୍ତା, ନାରୀ ସଶକ୍ତିକରଣ, ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଉତ୍ସର୍ଗୀକୃତ ସେବାର ପ୍ରମୂର୍ତ୍ତ ପ୍ରତିଭୂ, ବିଧାନସଭା କ୍ଷେତ୍ରର ସମ୍ମାନନୀୟା ମାନ୍ୟବର ବିଧାୟିକା ଆମ ସମସ୍ତଙ୍କ ପାଇଁ ଅସୀମ ପ୍ରେରଣାର ଅନ୍ତହୀନ ଉତ୍ସ ।
ଖଲ୍ଲିକୋଟ ରାଜ ପରିବାରର ମହୀୟସୀ ରାଜମାତା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଦିବଂଗତ ଆତ୍ମାର ଐହିକ ଶାନ୍ତି, ପାରତ୍ରିକ ମୁକ୍ତି ଓ ମୋକ୍ଷଦାୟୀ ସଦଗତି ନିମନ୍ତେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ
ଡ଼. ସାକେତ୍ ଓ ପରିବାର ବର୍ଗ
କେ.ସି. ଶିକ୍ଷାନୁଷ୍ଠାନ ବର୍ଗ, ଖଲ୍ଲିକୋଟ କଲେଜିଏଟ୍ ଟ୍ରଷ୍ଟ, ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ଏବଂ ଖଲ୍ଲିକୋଟ ଓ କବିସୂର୍ଯ୍ୟ ନଗର ଅଞ୍ଚଳବାସୀ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର